ବର୍ଷ-୨୪, ସଂଖ୍ୟା-୨୧୫
ଭୁବନେଶ୍ୱର
୦୪ ସେପ୍ଟେମ୍ବର, ୨୦୨୪ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 215
Bhubaneswar
04 September, 2024, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



କଙ୍ଗନା ସାଇନ କଲେ ନୂଆ ସିନେମା

## ଦନ୍ତେୱାଡ଼ାରେ ସୁରକ୍ଷାକର୍ମୀଙ୍କୁ ବଡ଼ ସଫଳତା

ଦାନ୍ତେୱାଡା,୩।୯(ମହାଭାରତ): ସୁରକ୍ଷାବାହିନୀକୁ ବଡ଼ ସଫଳତା ମିଳିଛି। ଛତିଶଗଡ଼ର ଦନ୍ତେୱାଡା ଏବଂ ବିଜାପୁରର ସୀମାନ୍ତ ଅଞ୍ଚଳରେ ସୁରକ୍ଷା ବାହିନୀ ଏବଂ ନକ୍ସଲମାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ୯ ଜଣ ନକ୍ସଲ ନିହତ ହୋଇଥିବା ସୂଚନା ମିଳିଛି।

### ଏନକାଉଣ୍ଟରରେ ୯ ନକ୍ସଲ ନିହତ, ଘଟଣାସ୍ଥଳରୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଜବତ



ନକ୍ସଲମାନଙ୍କ ମୃତଦେହ ସହିତ ଘଟଣାସ୍ଥଳରୁ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

ପଶ୍ଚିମ ବସ୍ତର ଡିଭିଜନର ଦନ୍ତେୱାଡ଼ା ଏବଂ ବିଜାପୁର ଜିଲ୍ଲା ସୀମାରେ କିଛି ନକ୍ସଲ ଲୁଚି ରହିଥିବା ସୂଚନା ମିଳିବା ପରେ ପୁଲିସ ଓ ସୁରକ୍ଷା ବାହିନୀର ମିଳିତ ଟିମ୍ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ଆଜି ସକାଳ ସାଢ଼େ ୧୦ଟାରେ ଖୋଜାଖୋଜି ବେଳେ ପୁଲିସ ଟିମ୍ ସହ ନକ୍ସଲମାନଙ୍କ ମୁହାଁମୁହିଁ ହୋଇଥିଲା। ଏହା ପରେ ଉଭୟ ପାର୍ଶ୍ୱରୁ ଗୁଳି ବିନିମୟ ଆରମ୍ଭ ହୋଇଛି।

ଏହି ଗୁଳି ବିନିମୟରେ ୯ ଜଣ ନକ୍ସଲ ନିହତ ହୋଇଥିବା ସୂଚନା ମିଳିଛି। ଏବେ ବି ଅଞ୍ଚଳରେ ଗୁଳିବିନିମୟ ଜାରି ରହିଛି। ଯବାନମାନେ ସାହାସର ସହ ନକ୍ସଲଙ୍କ ସହ ମୁକାବିଲା କରୁଛନ୍ତି। ଏହି ଅପରେସନରେ ଜଡିତ ସମସ୍ତ ସୈନିକ ସୁରକ୍ଷିତ ଅଛନ୍ତି। ପୂରା ଅଞ୍ଚଳରେ ସର୍ଚ୍ଚ ଅପରେସନ୍ ଜାରି ରହିଛି। ସେମାନଙ୍କ ମୃତଦେହ ଘଟଣାସ୍ଥଳରୁ ସେଲଫ ଲୋଡିଂ ରାଇଫଲ ୩୦୩ ସହିତ ଉଦ୍ଧାର କରାଯାଇଥିଲା। ଘଟଣାସ୍ଥଳରୁ ୧୨ଟି ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

ଦାନ୍ତେୱାଡ଼ା ଏସପି ଗୌରବ ରାୟ କହିଛନ୍ତି ଯେ ନକ୍ସଲଙ୍କ ଠାରୁ ବିପୁଳ ସଂଖ୍ୟକ ଏସଏଲଆର ରାଇଫଲ, ୩୦୩ ରାଇଫଲ ଏବଂ ୩୧୫ ବୋର ରାଇଫଲ ଜବତ କରାଯାଇଛି। ଏହି ଅଭିଯାନରେ ନିୟୋଜିତ ସମସ୍ତ ସୁରକ୍ଷା ବାହିନୀ ଯବାନ ସୁରକ୍ଷିତ ଥିବା ସୂଚନା ମିଳିଛି। ଏବେ ସମ୍ପୃକ୍ତ ଅଞ୍ଚଳରେ ଚଢ଼ାଉ ଜାରି ରହିଛି ଏବଂ ତଲାସୀ ଅଭିଯାନ ଶେଷ ହେବା ପରେ ଏକ ବିସ୍ତୃତ ରିପୋର୍ଟ ଜାରି କରାଯିବ ବୋଲି ସେ କହିଛନ୍ତି।

୨୦୦୧ରୁ ୨୦୨୪ ମଧ୍ୟରେ ଛତିଶଗଡ଼ର ସଂଘର୍ଷ ଗ୍ରସ୍ତ ବସ୍ତର ଅଞ୍ଚଳରେ ନକ୍ସଲ ହିଂସାରେ ଟାର୍ଗେଟ୍ ଆକ୍ରମଣରେ ପ୍ରାଣ ହରାଇଥିବା ସୁରକ୍ଷାକର୍ମୀଙ୍କ ତୁଳନାରେ ଅଧିକ ସାଧାରଣ ନାଗରିକଙ୍କ ମୃତ୍ୟୁ ରେକର୍ଡ କରାଯାଇଛି। ବସ୍ତର ପୁଲିସ ତଥ୍ୟ ଅନୁଯାୟୀ, ମାଓ ପ୍ରଭାବିତ ଡିଭିଜନର ୭ଟି ଜିଲ୍ଲାରେ ହୋଇଥିବା ଆଇଇଡି ବିସ୍ଫୋରଣରେ ୧ ହଜାର ୮୫୧ ଜଣଙ୍କ ମଧ୍ୟରୁ ୧ ହଜାର ୬୨୩ ଜଣ ସାଧାରଣ ନାଗରିକଙ୍କୁ ହତ୍ୟା କରାଯାଇଥିବା ବେଳେ ୨୨୮ ଜଣ ପ୍ରାଣ ହରାଇଛନ୍ତି। ଅନ୍ୟପକ୍ଷରେ ଗୁଳି ବିନିମୟ, ଆକ୍ରମଣ ଓ ଆଇଇଡି ବିସ୍ଫୋରଣରେ ୧ ହଜାର ୨୯୨ ଜଣ ସୁରକ୍ଷାକର୍ମୀ ସହିଦ ହୋଇଛନ୍ତି।

## ହାଇକୋର୍ଟ ବେଞ୍ଚ ନେଇ ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟିକରଣ

### ଲୋକଙ୍କୁ ତ୍ୱରିତ ନ୍ୟାୟ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୯(ମହାଭାରତ): ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ସରକାରଙ୍କ ବିଚାରାଧୀନରେ ଥିବା ବିଧାନସଭାରେ ସ୍ପଷ୍ଟ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି ଯେ ଲୋକଙ୍କୁ ତ୍ୱରିତ ନ୍ୟାୟ ଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ଗତକାଲି ଯେଉଁ ଉତ୍ତର ଦିଆଯାଇଥିଲା ତାହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ କୁହାଯାଇଥିଲା ବୋଲି ସେ କହିଛନ୍ତି। ରାଜ୍ୟରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ କୌଣସି ପ୍ରସ୍ତାବ ନାହିଁ। ସୁପ୍ରିମକୋର୍ଟଙ୍କ ମତ ଅନୁଯାୟୀ ବେଞ୍ଚ ପ୍ରତିଷ୍ଠାର କୌଣସି ଯଥାର୍ଥତା ନାହିଁ ବୋଲି ସେ ଗତକାଲି କହିଥିଲେ।



ସୋମବାର ବିଧାୟକ କଳିକେଶ ନାରାୟଣ ସିଂହଦେଓଙ୍କ ପ୍ରଶ୍ନର ଉତ୍ତର ରଖି ଏହା କହିଥିବାବେଳେ ଆଜି ନିଜ ମତରେ ୟୁ ଟର୍ଣ୍ଣ ନେଇଛନ୍ତି ମୁଖ୍ୟମନ୍ତ୍ରୀ। ସେପଟେ ବିଜେଡି ବିଧାୟକ କଳିକେଶ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ କହିଛନ୍ତି କେବେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବେ ସେନେଇ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦିଅନ୍ତୁ। ଗତକାଲି ସୁପ୍ରିମକୋର୍ଟଙ୍କ ଆଧାରରେ ପ୍ରସ୍ତାବ ନାହିଁ ବୋଲି କହିଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ଭିନ୍ନ ସ୍ପଷ୍ଟିକରଣ ଦେଉଛନ୍ତି। ସ୍ପଷ୍ଟିକରଣ ନୁହେଁ ସେ ପ୍ରତିଶ୍ରୁତି ଦିଅନ୍ତୁ ଦାବି କରି କଳିକେଶ କହିଛନ୍ତି ଯେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ବଲାଙ୍ଗିରର ପ୍ରଥମ ଅଧିକାର ରହିଛି।

### ଜବରଦଖଲରେ ରାଜଧାନୀର ବହୁ ମୂଲ୍ୟବାନ୍ ଜମି : ମନ୍ତ୍ରୀ

ଭୁବନେଶ୍ୱର,୩।୯(ମହାଭାରତ): ଜବରଦଖଲକାରୀ ମାଡି ବସିଛନ୍ତି ରାଜଧାନୀର ମୂଲ୍ୟବାନ୍ ଜମି। ରାଜଧାନୀର ପ୍ରାୟ ୩୦ ଏକର ଜମି ଜବରଦଖଲକାରୀଙ୍କ କବଜାରେ ରହିଛି। ଏନେଇ ବିଧାନସଭାରେ ମଙ୍ଗଳବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଲିଖିତ ଉତ୍ତର ରଖିଛନ୍ତି।

ସାମପୁର ମୌଜାରେ ସର୍ବାଧିକ ୨୭ ଏକର ଜମି ଜବରଦଖଲ। ୧୬ଟି ଜବରଦଖଲ ମାମଲା ରୁଜୁ ହୋଇଥିବା ବେଳେ ଏହା ହାଇକୋର୍ଟରେ ବିଚାରଧୀନ ରହିଛି । ଗାଡକଣରେ ୨ ଏକର, ଚନ୍ଦ୍ରଶେଖରପୁରରେ ଦେଢ ଏକର ଜମି ଜବରଦଖଲରେ ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

## ଖଣି ଉପନିର୍ଦ୍ଦେଶକଙ୍କୁ ବାନ୍ଧିଲା ଭିଜିଲାନ୍ସ

### ଆୟଠୁ ୫୦୦% ଅଧିକ ସମ୍ପତ୍ତି ଠୁଳ କରିଛନ୍ତି

ଭୁବନେଶ୍ୱର,୩।୯(ମହାଭାରତ): ନିଜ ଆୟଠୁ ୫୦୦% ଅଧିକ ସମ୍ପତ୍ତି ଠୁଳ କରିଥିଲେ କୁବେର ଖଣି ଉପନିର୍ଦ୍ଦେଶକ।। ସମୁଦାୟ ୫ କୋଟି ଟଙ୍କାର ଆୟ ବର୍ହିଭୁତ ସମ୍ପତ୍ତି କମାଇଛନ୍ତି ତାଳଚେର ଖଣି ଉପନିର୍ଦ୍ଦେଶକ ଧରଣୀଧର ନାୟକ। ଏହି ଅଭିଯୋଗରେ ଧରଣୀଧର ନାୟକଙ୍କୁ ଆଜି ଭିଜିଲାନ୍ସ ବାନ୍ଧିଥିବା ବେଳେ ଦେଇଛି ତାଙ୍କ ସମ୍ପତ୍ତିର ତାଲିକା।



ଧରଣୀଧର ନାୟକ ଆୟ ବର୍ହିଭୂତ ସଂପତ୍ତି ଠୁଳ ଅଭିଯୋଗରେ ଗତକାଲି ୮ଟି ସ୍ଥାନରେ ରେଡ୍ କରିଥିଲା ଭିଜିଲାନ୍ସ। ଖଣି ଉପନିର୍ଦ୍ଦେଶକଙ୍କ ଭୁବନେଶ୍ୱରରେ ୧ କୋଟି ୩୦ ଲକ୍ଷର ଏକ ଫ୍ଲାଟ ଥିବା ବେଳେ ୧୮୦୦ ସ୍କୋୟାର ଫୁଟରେ ଏକ ଡୁପ୍ଲେକ୍ସ ରହିଛି। ଏହାବାଦ ତାଙ୍କ ମାଲିକାନାରେ ୧୧ଟି ଜାଗା ଥିବା ବେଳେ ରହିଛି ୨ଟି ମାର୍କେଟ କମ୍ପ୍ଲେକ୍ସ। ଉକ୍ତ ମାର୍କେଟ କମ୍ପ୍ଲେକ୍ସରେ ରହିଛି ୧୯ ଦୋକାନ। ୫୩ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଧରଣୀଧରଙ୍କ ଘରୁ ମିଳିଥିବା ବେଳେ ୯ ଲକ୍ଷ ୮୫ ହଜାରର ନଗଦ କ୍ୟାସ ମିଳିଥିଲା। ଏଥିସହ କୁବେର ଖଣି ଉପନିର୍ଦ୍ଦେଶକଙ୍କ ଘରେ ଥିବା ଆସବାବପତ୍ରର ମୂଲ୍ୟ ୫୪.୭୦ ଲକ୍ଷ ଟଙ୍କା ବୋଲି ଜଣାଯାଇଛି।

## ବ୍ରୁନେଇ ଗସ୍ତରେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୩।୯(ପିଆଇବି: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୁଲତାନ ହାଜି ହସନାଲ ବୋଲକିଆଙ୍କ ନିମନ୍ତ୍ରଣକ୍ରମେ ଆଜି ଏକ ସରକାରୀ ଗସ୍ତରେ ବନ୍ଦର ସେରି ବେଗୱାନରେ ପହଞ୍ଚିଛନ୍ତି।ବ୍ରୁନେଇକୁ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ଦ୍ୱିପାକ୍ଷିକ ଗସ୍ତ । ଭାରତ



ଓ ବ୍ରୁନେଇ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୪୦ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀଙ୍କର ଏହା ଏକ ଐତିହାସିକ ଗସ୍ତ।ଋବନ୍ଦର ସେରି ବେଗୱାନରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ଏବଂ ବ୍ରୁନେଇସ୍ଥିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର କ୍ରାଉନ ପ୍ରିନ୍ସ ତଥା ବରିଷ୍ଠ ମନ୍ତ୍ରୀ ହାଜି ଅଲ-ମୁହତାଦି ବିଲ୍ଲାହ ତାଙ୍କୁ ସ୍ୱାଗତ କରିଥିଲେ । ବ୍ରୁନେଇ ଭାରତର 'ଆକ୍ଟ ଇଷ୍ଟ' ନୀତି ଏବଂ ଇଣ୍ଡୋ-ପ୍ୟାସିଫିକ୍ ଭିଜନରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର । ଭାରତ ଏବଂ ବ୍ରୁନେଇ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରହିଛି ଯାହା ଦ୍ୱିପାକ୍ଷିକ ଏବଂ ବହୁପାକ୍ଷିକ ପ୍ରସଙ୍ଗରେ ପାରସ୍ପରିକ ସମ୍ମାନ ଏବଂ ବୁଝାମଣା ଉପରେ ପର୍ଯ୍ୟାବେଶିତ। ଦୁଇ ଦେଶ ଇତିହାସ, ସଂସ୍କୃତି ଓ ପରମ୍ପରା ସହ ସହସ୍ରାବ୍ଦୀ ଧରି ଜଡ଼ିତ।

## ୨୦୨୬ ସୁଦ୍ଧା ଓଡ଼ିଶା ହେବ ମାଓ ମୁକ୍ତ : ଡିଜିପି

ଭୁବନେଶ୍ୱର,୩।୯(ମହାଭାରତ): ନକ୍ସଲ ପ୍ରସଙ୍ଗ ନେଇ ପୁଲିସ୍ ଡିଜି ୱାଇବି ଖୁରାନିଆଙ୍କ ବଡ଼ ମନ୍ତବ୍ୟ ଆସିଛି। ସେ କହିଛନ୍ତି ମାର୍ଚ୍ଚ ୨୦୨୬ ସୁଦ୍ଧା ଓଡ଼ିଶାରୁ ନକ୍ସଲ ମୂଳ ପୋଛ ହେବେ। ନକ୍ସଲ ପ୍ରସଙ୍ଗ ନେଇ ବୈଠକ ପରେ ପୁଲିସ୍ ଡିଜିଙ୍କ ଏଭଳି ପ୍ରତିକ୍ରିୟା ଆସିଛି ।

ବୈଠକରେ ନକ୍ସଲ ଅଧ୍ୟୁଷିତ ଜିଲ୍ଲାର ଏସପିମାନଙ୍କ ସହ ଆଲୋଚନା ହୋଇଥିଲା। ବିଭିନ୍ନ ରେଞ୍ଜର ଡିଆଇଜି ଏବଂ ଆଇଜିମାନଙ୍କ ସହ ଆଲୋଚନା ହୋଇଥିଲା। ଏହା ସହିତ ଗ୍ରାଉଣ୍ଡ ସିଚୁଏସନ୍ ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଆଗାମୀ ଦିନରେ ଆଣ୍ଟି ନକ୍ସଲ ଅପରେସନ କାର୍ଯ୍ୟକ୍ରମକୁ ତ୍ୱରିତ କରିବା ନେଇ ଆଲୋଚନା ହୋଇଥିଲା ମାର୍ଚ୍ଚ ୨୦୨୬ ସୁଦ୍ଧା ନକ୍ସଲ ମୂଳ ପୋଛ ହେବା ନେଇ ଖୁରାନିଆ ଆଶା ପ୍ରକଟ କରିଛନ୍ତି। ସେଥିରେ ସଫଳ ହେବା ନେଇ ଗୃହ ମନ୍ତ୍ରୀ ଟାର୍ଗେଟ ଦେଇଛନ୍ତି ନକ୍ସଲ ମୂଳ ପୋଛ ପାଇଁ ଓଡ଼ିଶା ପୁଲିସ୍ ନକ୍ସଲ ଦମନ୍ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଛି ରାଷ୍ଟ୍ରୀୟସ୍ତରରେ ଆମକୁ ମାନ୍ୟତା ମିଳିଛି। ଆମେ ସେ କାମକୁ ଆହୁରି ଆଗକୁ ନେବୁ ଯେଉଁ ଜିଲ୍ଲାରେ ସମସ୍ୟା ଅଛି ସେ ଜିଲ୍ଲା ଗୁଡ଼ିକ ବିଷୟରେ ଆଲୋଚନା ହୋଇଛି ଓ ଖବର ନିଆଯାଇଛି। ସେସବୁ ସମସ୍ୟା ସମାଧାନ ହେବ। ଆଗାମୀ ଦିନରେ ନକ୍ସଲ ଅପରେସନ ଜୋରଦାର କରାଯିବ। ଆଶା କରୁଛୁ ଆମକୁ ସଫଳତା ମିଳିବ ବୋଲି ଖୁରାନିଆ କହିଛନ୍ତି।

## ସଦସ୍ୟତା କାର୍ଯ୍ୟକର୍ତ୍ତା ଚୟନର ମୂଳ ଆଧାର : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୯(ମହାଭାରତ): ଆମ ସଦସ୍ୟତା ଅଭିଯାନ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ହେବ। ରାଜଧାନୀରୁ ଓଡିଶାର କେଉଁ ଉପାନ୍ତ ଅଂଚଳ ରହିବନାହିଁ ଯେଉଁଠି ଆମ ସଦସ୍ୟ ନ ଥିବେ । ସଦସ୍ୟତା ଅଭିଯାନର ଗୁରୁ ଦାୟିତ୍ୱ ଆମର କାର୍ଯ୍ୟକର୍ତାମାନଙ୍କ ଉପରେ ନ୍ୟସ୍ତ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ "ସଦସ୍ୟତା ଅଭିଯାନ-୨୦୨୪"ର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ଏକ ନୂଆ ଓଡ଼ିଶା ଗଠନ କରି ରାଜ୍ୟକୁ ବିକଶିତ କରିବାକୁ ଆଜି ଆମକୁ ସଂକଳ୍ପ ନେବାକୁ ହେବ । ଏବେ ଓଡ଼ିଶାରେ ଡବଲ୍ ଇଞ୍ଜିନର ସରକାର ଚାଲିଛି । ନୂଆ ଓଡ଼ିଶାର ଲକ୍ଷ୍ୟ ପୂରଣ ପାଇଁ ଆମକୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ । ରାଜ୍ୟରୁ ଦୁର୍ନୀତିଗ୍ରସ୍ତ ଓ ଭ୍ରଷ୍ଟ ଶାସନ ବ୍ୟବସ୍ଥାକୁ ହଟାଇବା ପାଇଁ ଆମ କାର୍ଯ୍ୟକର୍ତାମାନେ ବହୁ ସଂଘର୍ଷ କରିଥିଲେ । କାର୍ଯ୍ୟକର୍ତାଙ୍କ କଠିନ ପରିଶ୍ରମ ଓ ଦୃଢ ନିଷ୍ଠା କାରଣରୁ ଓଡିଶାବାସୀ ଆମ ଉପରେ ଆସ୍ଥାପ୍ରକଟ କରି ଆମକୁ ଭୋଟ ଦେଇଥିଲେ ଏବଂ ପ୍ରଥମ ଥର ପାଇଁ ବିଜେପି ଏକାକୀ ସରକାର ଗଠନ କରିପାରିଛି । ଆଜି ସାଢ଼େଚାରିକୋଟି ଓଡ଼ିଆ ଆମ ଉପରେ ଖୁସି ଅଛନ୍ତି । ଏବେ ଅଧିକରୁ ଅଧିକ ସଦସ୍ୟ ଆମ ସଙ୍ଗଠନ ସହ ଯୋଡିବାର ସମୟ ଆସିଛି । ଆମେ ଯେଉଁମାନେ ଆଜି ବଡ ଦାୟିତ୍ୱରେ ବସିଛେ, ତାର ପ୍ରଥମ ସୋପାନ ସଙ୍ଗଠନର ତୃଣମୂଳସ୍ତରରୁ ହିଁ ଆରମ୍ଭ ହୋଇଛି । ସଦସ୍ୟତା ହେଉଛି କାର୍ଯ୍ୟକର୍ତା ଚୟନର ମୂଳ ଆଧାର । ସଙ୍ଗଠନ ଚଳାଇବାର ମୂଳ ଆଧାର ହେଉଛନ୍ତି କାର୍ଯ୍ୟକର୍ତା । ବିଜେପି ଦଳର ଶକ୍ତିର ମୂଳ ଆଧାର ହେଉଛି ସଙ୍ଗଠନ । ସଙ୍ଗଠନର ଶକ୍ତି ସହିତ ଆମର ବୈଚାରିକ ସ୍ପଷ୍ଟତା ଓ ଗରୀବ କଲ୍ୟାଣରେ ମନ୍ତ୍ର ଆମକୁ ଦେଶ ଓ ରାଜ୍ୟରେ ଲୋକଙ୍କର ବିଶ୍ୱାସଭାଜନ କରିଛି । ଆମ ସଦସ୍ୟତା ଅଭିଯାନ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ହେବ । ରାଜଧାନୀରୁ ଓଡିଶାର କେଉଁ ଉପାନ୍ତ ଅଂଚଳ ରହିବନାହିଁ ଯେଉଁଠି ଆମ ସଦସ୍ୟ ନ ଥିବେ ।

### ଡେଙ୍ଗୁକୁ 'ମହାମାରୀ' ଘୋଷଣା କଲେ କର୍ଣ୍ଣାଟକ ସରକାର

ବେଙ୍ଗାଲୁରୁ,୩।୯(ମହାଭାରତ): କର୍ଣ୍ଣାଟକ ସରକାର ଡେଙ୍ଗୁ ରୋଗକୁ ମହାମାରୀ ଘୋଷଣା କରିଛନ୍ତି। ରାଜ୍ୟରେ ଡେଙ୍ଗୁ ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବାରୁ ସ୍ୱାସ୍ଥ୍ୟ ବିଭାଗ ଏଭଳି ନିଷ୍ପତ୍ତି ନେଇଛି। ଗତ ଜାନୁୟାରୀରୁ ଜୁଲାଇ ପର୍ଯ୍ୟନ୍ତ ୭୩୬୨ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବାବେଳେ ୭ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରତି ହସ୍ପିଟାଲର ୱାର୍ଡଗୁଡ଼ିକରେ ୧୦ଟି ଲେଖାଏ ଡେଙ୍ଗୁ ବେଡ୍ ପ୍ରସ୍ତୁତ ରଖିବାକୁ ମୁଖ୍ୟମନ୍ତ୍ରୀ ସିଦ୍ଦରମେୟା ନିର୍ଦ୍ଦେଶ ଦେଇଛନ୍ତି। ସରକାର ପରିସ୍ଥିତି ଉପରେ ନଜର ରଖିଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଦିନେଶ ଗୁଣ୍ଡୁ ରାଓ କହିଛନ୍ତି।

## ଜରୁରୀ ଅବତରଣ ବେଳେ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ

ଗୁଜରାଟ,୩।୯(ମହାଭାରତ): ପୋରବନ୍ଦର ଉପକୂଳ ଆରବ ସାଗରରେ ଆହତଙ୍କୁ ଉଦ୍ଧାର କରିବାକୁ ଯାଇଥିବା କୋଷ୍ଟଗାର୍ଡ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ୟାଙ୍କରରୁ ଆହତ ସଦସ୍ୟଙ୍କୁ ଉଦ୍ଧାର କରିବା ପାଇଁ ହେଲିକପ୍ଟରକୁ ନିୟୋଜିତ କରାଯାଇଥିଲା। ଉଦ୍ଧାର ପାଇଁ ଯିବାବେଳେ ଜରୁରୀ ଅବତରଣ କରିବାରୁ ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ହେଲିପକ୍ଟର ଦୁର୍ଘଟଣା ଯୋଗୁଁ ଦୁଇ କୋଷ୍ଟଗାର୍ଡ ପାଇଲଟଙ୍କ ସମେତ ୩ ନିଖୋଜ ଥିବାବେଳେ ଜଣଙ୍କୁ ଉଦ୍ଧାର କରାଯାଇଛି। ନିଖୋଜ ତିନି ଜଣଙ୍କୁ ଉଦ୍ଧାର କରିବା ପାଇଁ ସର୍ଚ୍ଚ ଅପରେସନ ଜୋରଦାର କରାଯାଇଛି। ସୂଚନା ଅନୁସାରେ ଗୁଜରାଟ ବନ୍ୟା ସମୟରେ ୬୭ଜଣଙ୍କୁ ଉଦ୍ଧାର କରିଥିଲା ଏହି ହେଲିକପ୍ଟର।

## ଏଡିଜେ କୋର୍ଟରେ ସାକ୍ଷ୍ୟ ଦେଲେ ଅରୁଣ ବୋଥ୍ରା

ଭୁବନେଶ୍ୱର,୩।୯(ମହାଭାରତ): ବହୁ ଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ଘଟଣାରେ ସାକ୍ଷ୍ୟ ଗ୍ରହଣ ହୋଇଛି। ଘଟଣାକୁ ୬ବର୍ଷ ପୂରିଥିଲେ ମଧ୍ୟ କୋର୍ଟରେ ଏହାର ଶୁଣାଣି ଚାଲିଛି। ଆଜି ପାଟଣାଗଡ଼ ଏଡିଜେ କୋର୍ଟରେ ଆଇପିଏସ ଅରୁଣ ବୋଥ୍ରାଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଛି। ୬୦ନଂ ସାକ୍ଷୀ ଭାବରେ ଅରୁଣ ବୋଥ୍ରା ସାକ୍ଷ୍ୟ ପ୍ରଦାନ କରିଛନ୍ତି। ଏହି ସମୟରେ କୋର୍ଟରେ ସରକାରୀ ଓକିଲ ଓ ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲଙ୍କ ଓକିଲ ଉପସ୍ଥିତ ଥିଲେ। ତେବେ କୋର୍ଟରେ କଣ ଶୁଣାଣି ହୋଇଛି ତାହାର ସ୍ପଷ୍ଟ ସୂଚନା ମିଳିନାହିଁ। ବିସ୍ଫୋରଣ ଘଟଣାର ତଦନ୍ତ କରୁଥିଲେ ଅରୁଣ ବୋଥ୍ରା। ବିସ୍ଫୋରଣରେ ନବବଧୂଙ୍କ ସ୍ୱାମୀ ଓ ଜେଜେମାଆଙ୍କ ମୃତ୍ୟୁ ହୋଇଥିଲା।

୨୦୧୮ ମସିହାରେ ଏହି ଚର୍ଚ୍ଚିତ ପାର୍ସଲ ବୋମା ବିସ୍ଫୋରଣ ଘଟିଥିଲାୟ ପାଟଣାଗଡ଼ ସହରର ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରକୁ ପୁଅ ବାହାଘରରେ ଆସିଥିବା ଏକ ପାର୍ସଲରେ ବୋମା ଥିବାରୁ ଏହାକୁ ଖୋଲିବା ମାତ୍ରେ ବିସ୍ଫୋରଣ ଘଟିଥିଲା। ଏଥିରେ ରବୀନ୍ଦ୍ରଙ୍କ ନବବିବାହିତ ପୁଅ ସୌମ୍ୟଶେଖର ଏବଂ ଜେଜେମାଆଙ୍କ ମୃତ୍ୟୁ ହୋଇଥିଲା। ସୌମ୍ୟଶେଖରଙ୍କ ପତ୍ନୀ ରିମାରାଣୀ ଗୁରୁତର ଆହତ ହୋଇ ଦୀର୍ଘ ଦିନ ଧରି ଚିକିତ୍ସାଧୀନ ହେବା ପରେ ସୁସ୍ଥ ହୋଇଥିଲେ। ଏହି ଘଟଣା ସେତେବେଳେ ରାଜ୍ୟ ତଥା ରାଜ୍ୟ ବାହାରେ ହଇଚଇ ସୃଷ୍ଟି କରିଥିଲା।

## ମମତା ଆଣିଲେ 'ଅପରାଜିତା' ବିଲ୍

କୋଲକାତା,୩।୯(ମହାଭାରତ): ଆର.ଜି. କର ମେଡିକାଲ ଦୁଷ୍କର୍ମ ଓ ହତ୍ୟା ଘଟଣା ପରେ ପ୍ରବଳ ଚାପରେ ଥିବା ପଶ୍ଚିମବଙ୍ଗ ସରକାର ବିଧାନସଭାରେ ମଙ୍ଗଳବାର ଦୁଷ୍କର୍ମ ନିରୋଧୀ ବିଲ୍ ଗୃହୀତ ହୋଇଛି। 'ଅପରାଜିତା ମହିଳା ଓ ଶିଶୁ ବିଧେୟକ' ନାମରେ ନାମିତ ଏହି ବିଧେୟକରେ ଦୁଷ୍କର୍ମକାରୀଙ୍କୁ ମୃତ୍ୟୁ ଦଣ୍ଡ ଦେବାର ବ୍ୟବସ୍ଥା ହୋଇଛିୟ ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଜରିଆରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସରକାର ଏହି ବିଲ୍କୁ ପାରିତ କରିଛନ୍ତି। କଲକାତା ଦୁଷ୍କର୍ମ ଓ ହତ୍ୟା ମାମଲା ପରେ ଦୋଷୀଙ୍କୁ କଠୋର ଦଣ୍ଡ ଦେବା ସହିତ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ ଲାଗି ସରକାର ଏହି ବିଲ୍ ଆଣିଥିବା କହିଛନ୍ତି। ଏହି ବିଧେୟକ ଜରିଆରେ ଏକ ଅପରାଜିତା ଟାସ୍କଫୋର୍ସ ଗଠନ କରାଯିବ ଏବଂ ମାମଲାର ପ୍ରାଥମିକ ରିପୋର୍ଟ ଦାଖଲ ହେବାର ୨୧ ଦିନ ଭିତରେ ଦୋଷୀଙ୍କୁ ଦଣ୍ଡ ଦିଆଯିବ ବୋଲି ମମତା କହିଛନ୍ତି।



ବିଲ୍ ଉପରେ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ଦୁଷ୍କର୍ମ ଏବଂ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ମାମଲାରେ ଦୋଷୀମାନଙ୍କୁ କଠୋର ଦଣ୍ଡ ଦେବା ବିଲ୍ର ଉଦ୍ଦେଶ୍ୟ। ପୋକ୍ସୋ ଆଇନରେ ରହିଥିବା ବ୍ୟବସ୍ଥାକୁ ଅଧିକ କଠୋର କରାଯାଇଛି।

ବିଧେୟକରେ ମହିଳାଙ୍କୁ ଉତ୍ପୀଡ଼ନ ଏବଂ ଦୁଷ୍କର୍ମ ମାମଲାରେ କଠୋର ଦଣ୍ଡ ଦିଆଯିବ। ପୋକ୍ସୋ ଅଧିନୟମର ପ୍ରାବଧାନଗୁଡ଼ିକୁ ଅଧିକ କଠୋର କରାଯାଇଛି। ଦୁଷ୍କର୍ମ ପୀଡ଼ିତାଙ୍କ ମୃତ୍ୟୁ ଘଟିଲେ କିମ୍ବା ମସ୍ତିଷ୍କରେ ଗଭୀର କ୍ଷତି ହେଲେ ଦୋଷୀଙ୍କୁ ମୃତ୍ୟୁ ଦଣ୍ଡ ଦିଆଯିବ। ବିଧେୟକ ଅଧୀନରେ ଅପରାଜିତା ଟାସ୍କ ଫୋର୍ସ ଗଠନ କରାଯିବ। ପ୍ରାଥମିକ ରିପୋର୍ଟର ୨୧ ଦିନ ମଧ୍ୟରେ ଦଣ୍ଡ ଦିଆଯିବ। ୧୨୦ କୋଟି ଟଙ୍କାର ଅର୍ଥ ମଞ୍ଜୁର କରିଛନ୍ତି ରାଜ୍ୟ ସରକାର। ସବୁ ଜାଗାରେ ସିସିଟିଭି କ୍ୟାମେରା ଲଗାଯିବ। ରାତ୍ରି ସାଥୀର ପ୍ରାବଧାନ ରହିଛି, ଯାହା ଅଧୀନରେ ମହିଳାମାନେ ୧୨ ଘଣ୍ଟା ଡ୍ୟୁଟି କରିବେ ଏବଂ ଆବଶ୍ୟକ ପଡ଼ିଲେ ଡାକ୍ତର ନିଜର ଡ୍ୟୁଟି ବଢ଼ାଇବେ। ରାତିରେ କାମ କରୁଥିବା ମହିଳାମାନଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଦିଆଯିବ।

## ଜେଲ୍ ଏଡିଜିଙ୍କ ନାଁରେ ଫେକ୍ ଆକାଉଣ୍ଟ

ଭୁବନେଶ୍ୱର,୩।୯(ମହାଭାରତ): ମାତିଲେଣି ସାଇବର ଠକ। ଚରିଆଡ଼େ କାୟା ବିସ୍ତାର କରୁଛନ୍ତି। ସାଇବର ଲୁଟେରା ଜେଲ୍ ଏଡିଜି ଅମିତାଭ ଠାକୁରଙ୍କ ନାଁରେ ଇନଷ୍ଟାଗ୍ରାମରେ ଖୋଲିଛନ୍ତି ଫେକ୍ ଆକାଉଣ୍ଟ ।ସାଇବର ଲୁଟେରାମାନେ ଅତି ସତର୍କତାର ସହ ଫେକ୍ ଆକାଉଣ୍ଟ କରି ସେଥିରେ ଜେଲ୍ ଏଡିଜି ଅମିତାଭ ଠାକୁରଙ୍କ ଫଟୋ ଲଗାଇଛନ୍ତି। ଏହାପରେ ଲୋକଙ୍କ ନିକଟକୁ ମେସେଜ ପଠାଇ ଟଙ୍କା ମାଗୁଛନ୍ତି। ଏନେଇ କିଛି ଲୋକଙ୍କର ସନ୍ଦେହ ହେବାରୁ ସେମାନେ ଏ ସମ୍ପର୍କରେ ଜେଲ୍ ଏଡିଜି ଅମିତାଭ ଠାକୁରଙ୍କୁ ଅବଗତ କରିଥିଲେ। ଏହାପରେ ତତ୍କ୍ଷଣାତ ଅମିତାଭ ଠାକୁର ସାଇବର ସେଲ୍ ୟୁନିଟରେ ଅଭିଯୋଗ କରିଛନ୍ତି ।ଏଥିସହ ସେ ଭୁବନେଶ୍ୱର ଡିସିପି ଓ କ୍ରାଇମବ୍ରାଞ୍ଚକୁ ସୂଚନା ଦେଇଛନ୍ତି । କୌଣସି ମେସେଜ ପାଇଲେ ମଧ୍ୟ ଆର୍ଥିକ କାରବାର ନ କରିବାକୁ ଲୋକଙ୍କୁ ଅବଗତ କରିଛନ୍ତି।

## ବାର୍ଡ ଫ୍ଲୁ : ଆଜି ଓଡ଼ିଶାକୁ ଆସିବେ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର,୩।୯(ମହାଭାରତ): ବାର୍ଡ ଫ୍ଲୁ ବ୍ୟାପିଥିବା ନେଇ ଆସନ୍ତାକାଲି ଓଡ଼ିଶାକୁ ସେଂଟ୍ରାଲ ଟିମ୍ ଆସିବେ। ଏହି ଟିମର ସଦସ୍ୟମାନେ ବାର୍ଡ଼ ଫ୍ଲୁ ବ୍ୟାପିଥିବା ପୁରୀ ଜିଲ୍ଲାର ପିପିଲି ଅଂଚଳ ବୁଲିବା ସହ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସହ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ରାଜ୍ୟରେ ନିଆ। ଯାଇଥିବା ପଦକ୍ଷେପ ନେଇ ସେଂଟ୍ରାଲ ଟିମ୍କୁ ଅବଗତ କରାଯାଇଛି। କେନ୍ଦ୍ରାପଡ଼ାରେ କୁକୁଡ଼ା ମଡ଼କ ପରେ ନମୁନା ଟେଷ୍ଟ ପାଇଁ ପଠାଯାଇଛି। ଏହା ସହ ସବୁ ଜିଲ୍ଲାକୁ ଆଲର୍ଟ କରାଯାଇଛି। କୁକୁଡ଼ା ଫାର୍ମରେ କାମ କରୁଥିବା ଓ କୁକୁଡ଼ା କଣ୍ଟାକ୍ଟରେ ଆସୁଥିବା ଲୋକ ଅଧିକ ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଜାରି କରାଯାଇଛି।

କେନ୍ଦ୍ରାପଡ଼ାରେ କୁକୁଡ଼ା ମଡ଼କ ପରେ ନମୁନା ଟେଷ୍ଟ ପାଇଁ ପଠାଯାଇଛି। ଏହା ସହ ସବୁ ଜିଲ୍ଲାକୁ ଆଲର୍ଟ କରାଯାଇଛି। କୁକୁଡ଼ା ଫାର୍ମରେ କାମ କରୁଥିବା ଓ କୁକୁଡ଼ା କଣ୍ଟାକ୍ଟରେ ଆସୁଥିବା ଲୋକ ଅଧିକ ସତର୍କ ରହିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଜାରି କରାଯାଇଛି।

ବାର୍ଡ ଫ୍ଲୁର ହଟସ୍ପଟ୍ ପାଲଟିଛି ପିପିଲି। ବାର୍ଡ ଫ୍ଲୁ ଆତଙ୍କ ପରେ ହଜାର ହଜାର କୁକୁଡ଼ାଙ୍କୁ ମରାଗଲାଣି। ଆଗକୁ ଆହୁରି କୁକୁଡ଼ା ମାରିବା ଲାଗି ନିଷ୍ପତ୍ତି ନିଆଯାଇଛି। ଏହାକୁ ନେଇ ଲୋକଙ୍କ



ମନରେ ଭୟ ସୃଷ୍ଟି ହୋଇଛି। ଲୋକମାନେ କୁକୁଡ଼ା ମାଂସ ଖାଇବେ କି ନାହିଁ ତାହାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ.ବିଜୟ ମହାପାତ୍ର କହିଛନ୍ତି, ବାର୍ଡ ଫ୍ଲୁ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ଏହାର ନିୟନ୍ତ୍ରଣ ପାଇଁ ଏକାଧିକ ବିଭାଗର ସହାୟତା ଲୋଡ଼ା ଯାଇଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶାବଳୀ ଜାରି ହୋଇଛି। ମେଡିକାଲ କଲେଜରେ ଥିବା କମ୍ୟୁନିଟି ମେଡିସିନ୍ ବିଭାଗକୁ ଏହା ସହ ଯୋଡ଼ା ଯାଇଛି। କମ୍ୟୁନିଟି ମେଡିସିନ୍ ବିଭାଗ ଏହାର ସଂପୂର୍ଣ୍ଣ ତଦାରଖ କରିବ। ଏହି ରୋଗ ପ୍ରଥମେ ଜ୍ୱରରୁ ଆରମ୍ଭ ହୋଇଥାଏ। ସେଥିପାଇଁ ଆଇଡିଏସପି ଅନୁଯାୟୀ ଫିଭର ସର୍ଭେଲାନ୍ସ କରାଯାଉଛି। ନମୁନା ପରୀକ୍ଷା ସହ ସଂପୃକ୍ତ ବ୍ୟକ୍ତିଙ୍କୁ ଅନ୍ୟମାନଙ୍କଠାରୁ ଦୂରେଇ ରହିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାସ୍ତରୀୟ ଟିମ୍ ଘଟଣାସ୍ଥଳକୁ ଘନ ଘନ ଗସ୍ତ କରୁଛନ୍ତି।ରାଜ୍ୟସ୍ତରୀୟ ଆରଆରଟି ମଧ୍ୟ ସେଠାକୁ ଗସ୍ତ କରିଛନ୍ତି। ବାର୍ଡ ଫ୍ଲୁକୁ ନେଇ ଆତଙ୍କିତ ହେବା ଉଚିତ ନୁହେଁ। ପିପିଲିର ଯେଉଁଠାରେ ବାର୍ଡ ଫ୍ଲୁ ଉତ୍ସ ଦେଖାଦେଇଛି ସେଠାରେ ପଶୁ ଚିକିତ୍ସା ବିଭାଗର ସିଡିଭିଓଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଆବଶ୍ୟକ କଣ୍ଟେନମେଣ୍ଟ ଜୋନ୍ କରାଯାଇଛି। କୌଣସି ବ୍ୟକ୍ତି ଜ୍ୱରରେ ଆକ୍ରାନ୍ତ ହେଲେ ତାଙ୍କର ନମୁନା ପରୀକ୍ଷା ଓ ଆବଶ୍ୟକ ଚିକିତ୍ସା ଯୋଗାଇ ଦିଆଯିବୟ ପ୍ରତ୍ୟେକ ଦିନ ତଥ୍ୟ ସଂଗ୍ରହ କରାଯାଉଥିବା ସେ କହିଛନ୍ତି।

## ଦହି ପୋଦିନା ମାଛ

**ଆବଶ୍ୟକ ସାମଗ୍ରୀ:** ରୋହି ମାଛ-୧ କିଲୋ, ଦହି-୧ କପ୍, ସୋରିଷ ବଟା-୧ କପ୍,୧/୨ ଚାମଚ ହଳଦି ଗୁଣ୍ଡ, ପୋଦିନା ବଟା- ୧କପ୍, ୨ ଚାମଚ କଟା ପିଆଜ, କଞ୍ଚା ଲଙ୍କା ୩ରୁ ୪ଟି, ଖୁଖିଲା ଲଙ୍କା-୩ରୁ ୪ଟି, ସ୍ୱାଦ ଅନୁଯାୟୀ ଲୁଣ ଓ କିଛି ଫୁଟଣ। ପୋଦିନା ପତ୍ର, କଞ୍ଚା ଲଙ୍କା, ଦହି ଓ ରସୁଣ ମିଶାଇ ପୋଦିନା ପେଷ୍ଟ ତିଆରି କରନ୍ତୁ। ସେହିପରି ସୋରିଷ, ରସୁଣ ଓ କଞ୍ଚାଲଙ୍କା ମିଶାଇ ସୋରିଷ ବଟା ତିଆରି କରନ୍ତୁ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମାଛକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହାପରେ ସେଥିରେ ଦହି, ସୋରିଷ ବଟା, ହଳଦି ଗୁଣ୍ଡ, ପୋଦିନା ବଟା, କଟା ପିଆଜ, କଞ୍ଚା ଲଙ୍କା, ୨ରୁ ୩ ଚାମଚ ତେଲ ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ଗ୍ୟାସ୍ ଅନ୍ କରି କଡେଇ ବସାନ୍ତୁ। ସେଥିରେ ୩ରୁ ୪ ଚାମଚ ତେଲ ପକାନ୍ତୁ। ତେଣ ଗରମ ହେବା ପରେ ସେଥିରେ ଫୁଟଣ ପକାନ୍ତୁ ଓ ତା'ପରେ ଶୁଖିଲା ଲଙ୍କା ପକାନ୍ତୁ। ଏହାପରେ ମାଛର ମିଶ୍ରଣକୁ ସେଥିରେ ପକାଇ ଅଳ୍ପ ଗୋଳାଇ ଢ଼ାଙ୍କି ଦିଅନ୍ତୁ। ୧୫ରୁ ୨୦ ମିନିଟ୍ ପରେ ପ୍ଲେଟକୁ କାଢ଼ି ଗରମ ଗରମ ପରଷନ୍ତୁ ଦହି ପୋଦିନା ମାଛ।



ଖବର

# ବିବାଦରେ 'ଏମାରଜେନ୍ସି' କଙ୍ଗନା ସାଇନ କଲେ ନୂଆ ସିନେମା



ବଲିଉଡ ଅଭିନେତ୍ରୀ କଙ୍ଗନା ରାଣାୱତଙ୍କ ଫିଲ୍ମ 'ଏମାରଜେନ୍ସି' ସେପ୍ଟେମ୍ବର୬ରେ ରିଲିଜ ହେବାର ଥିଲା। ଏଥିପାଇଁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ରିଲିଜର ୫ଦିନ ପୂର୍ବରୁ ଏହାକୁ ଅଟକାଇ ଦିଆଯାଇଛି। ରିଲିଜ ପାଇଁ 'ଏମାରଜେନ୍ସି'କୁ କେଣସି ପ୍ରକାର ସାର୍ଟିଫିକେଟ ମିଳିନାହିଁ। 'ଏମାରଜେନ୍ସି' ବିବାଦର ସାମ୍ନା କରୁଥିବା ବେଳେ କଙ୍ଗନା ରାଣାୱତ ଏକ ନୂଆ ପ୍ରୋଜେକ୍ଟ ସାଇନ କରିଛନ୍ତି। କଙ୍ଗନା ଏବେ ଏକ ନୂଆ ସିନେମାରେ କାମ କରିବାକୁ ଯାଉଛନ୍ତି ଯାହାର ଶୀର୍ଷକ 'ଭାରତ ଭାଗ୍ୟ ବିଧାତା' ରହିଛି। ପ୍ରକାଶିତ ରିପୋର୍ଟ ମୁତାବକ, 'ଭାରତ ଭାଗ୍ୟ ବିଧାତା'ରେ କଙ୍ଗନା ମୁଖ୍ୟ ଭୂମିକାରିରେ ନଜର ଆସିବେ। ଏହି ସିନେମାରେ ସାଧାରଣ ଲୋକ ଓ ସେମାନଙ୍କ ଅସାଧାରଣ ଉପଲବ୍ଧିର ପ୍ରେରଣାଦାୟକ କାହାଣୀ ଦେଖିବାକୁ ମିଳିବୟ ସିନେମାର ଲେଖକ ଓ ନିର୍ଦ୍ଦେଶକ ମନୋଜ ତପାଡ଼ିଆ 'ଚିନି କମ', 'ମଦ୍ରାସ କେଫେ' ଭଳି ସିନେମା ପାଇଁ ଗୀତ ଲେଖିଥିଲେ। କଙ୍ଗନାଙ୍କ ଅଭିନୀତ 'ଏମାରଜେନ୍ସି'ର ଟ୍ରେଲର ଅଗଷ୍ଟ ୧୪ ତାରିଖରେ ରିଲିଜ ହୋଇଥିଲା। ଏହାପରେ ଶିଖ ସଙ୍ଗଠନ କଙ୍ଗନାଙ୍କ ସିନେମା 'ଏମାରଜେନ୍ସି' ଲୋକଙ୍କ ଭାବନାକୁ ଆଘାତ ପହଞ୍ଚାଉଛି। ସିନେମାରେ ଶିଖ ସମ୍ପ୍ରଦାୟର ଭୁଲ ଛବି ଦେଖାଯାଉଛି ବୋଲି ଅଭିଯୋଗ କରିଥିଲେ। ସିନେମାର ଟ୍ରେଲର ଆସିବା ପରେ ପଞ୍ଜାବରେ ସିନେମାକୁ ନେଇ ବିରୋଧ ପ୍ରଦର୍ଶନ କରାଯିବା ସହିତ ବ୍ୟାନ କରିବାକୁ ଦାବି କରାଯାଇଛି। ସିନେମାର ରିଲିଜ ତାରିଖ ୨୦୨୩ ଅକ୍ଟୋବର ଓ ନଭେମ୍ବର ଭିତରେ ରଖାଯାଇଥିଲା। ଏହାରି ଭିତରେ ରିଲିଜ ତାରିଖ ସ୍ଥିର ହୋଇ ନପାରିବାରୁ ୨୦୨୪ ଜୁନ ୧୪ରେ ରିଲିଜ ପାଇଁ ସିଡ୍ୟୁଲ ହୋଇଥିଲା। କିନ୍ତୁ ଲୋକସଭା ନିର୍ବାଚନ ପାଇଁ ସିନେମାର ରିଲିଜ ତାରିଖକୁ ଘୁଞ୍ଚା ଯାଇ ଅଗଷ୍ଟ ୬ ତାରିଖ ସ୍ଥିର ହୋଇଥିଲା। ସ୍ଥିର ହୋଇଥିବା ଏହି ତାରିଖରେ ବି 'ଏମାରଜେନ୍ସି' ରିଲିଜ ହୋଇପାରିଲା ନାହିଁ।

## ପ୍ରତିଦିନ କେତେ ପ୍ରୋଟିନ୍ ଖାଇବା ଉଚିତ




ଉତ୍ତମ ସ୍ୱାସ୍ଥ୍ୟ ପାଇଁ, କେବଳ ପୁଷ୍ଟିକର ଖାଦ୍ୟ ନୁହେଁ, ଆମକୁ ଏହା ସହିତ ପ୍ରୋଟିନ୍ ମଧ୍ୟ ନେବାକୁ ପଡିବ। ଆମ ଶରୀର ପାଇଁ ପ୍ରୋଟିନ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶରୀରର ମାଂସପେଶୀ ସହିତ କୋଷର ବିକାଶ ପାଇଁ ପ୍ରୋଟିନ୍ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ଏହାକୁ ସଠିକ୍ ପରିମାଣରେ ନେବା ଆବଶ୍ୟକ କାରଣ କିଛି ଲୋକ ଏହାକୁ ବହୁ ପରିମାଣରେ ଖାଇଥା'ନ୍ତି । ଯାହା ଆମ ଶରୀର ପାଇଁ କ୍ଷତିକାରକ । ତେବେ ଚାଲନ୍ତୁ ଜାଣିବା ଗୋଟିଏ ଦିନରେ କେତେ ପ୍ରୋଟିନ୍ ଖାଇବା ଉଚିତ:

- ବିଶେଷଜ୍ଞଙ୍କ ଅନୁଯାୟୀ, ଶରୀରରେ ଥିବା ପ୍ରୋଟିନ୍ ଆମର ନୂତନ କୋଷଗୁଡ଼ିକର ବୃଦ୍ଧିରେ ସାହାଯ୍ୟ କରେ। ତେଣୁ, ଯେଉଁମାନେ କଠିନ ପରିଶ୍ରମ କରନ୍ତି ନାହିଁ, ସେମାନେ ନିଜ ଶରୀରର ପ୍ରତ୍ୟେକ କିଲୋ ଓଜନ ପାଇଁ ପ୍ରତିଦିନ ୦.୭୫ ଗ୍ରାମ ପ୍ରୋଟିନ୍ ନେବା ଉଚିତ।
- ପ୍ରତିଦିନ ଜଣେ ପୁରୁଷକୁ ଅତି କମରେ ୫୫ ଗ୍ରାମ୍ ଏବଂ ମହିଳାକୁ ୪୫ ଗ୍ରାମ ପ୍ରୋଟିନ୍ ନିଜ ଖାଦ୍ୟରେ ସାମିଲ କରିବା ଉଚିତ।
- ଜଣେ ବ୍ୟକ୍ତିର ଗୋଟିଏ ଦିନରେ ମୋଟ କ୍ୟାଲୋରୀର ୨୦ ରୁ ୩୫ ପ୍ରତିଶତ ପ୍ରୋଟିନ୍ ରହିବା ଉଚିତ।
- ବୃଦ୍ଧମାନଙ୍କୁ ଅଧିକ ପ୍ରୋଟିନ୍ ଆବଶ୍ୟକ ହୋଇଥାଏ, କାରଣ ମଣିଷ ଶରୀରର ମାଂସପେଶୀ ବୃଦ୍ଧ ହେବା ସହିତ ଦୁର୍ବଳ ହେବାକୁ ଲାଗିଥାଏ। ଅନୁସନ୍ଧାନ ଅନୁଯାୟୀ, ବୃଦ୍ଧମାନଙ୍କୁ ଶରୀରର ଓଜନ ଅନୁଯାୟୀ କିଲୋଗ୍ରାମ ପ୍ରତି ୧.୨ ଗ୍ରାମ ପ୍ରୋଟିନ୍ ଗ୍ରହଣ କରିବା ଉଚିତ।

ପ୍ରୋଟିନ୍ କମ୍ ହେବାର ଲକ୍ଷଣ :ଯେତେବେଳେ ଶରୀରରେ ପ୍ରୋଟିନ୍ କମ୍ ହୋଇଥାଏ, ସେତେବେଳେ ଆମେ ଏନର୍ଜୀ କମ୍ ଅନୁଭବ କରିଥାଉ। ଆମେ ଶୀଘ୍ର କ୍ଲାନ୍ତ ଅନୁଭବ କରିଥାଉ । ଏହି ସମୟ ମଧ୍ୟରେ ମଣିଷର କେଶ ମଧ୍ୟ ଝଡିବା ଆରମ୍ଭ କରେ। ଏହା ବ୍ୟତୀତ ନଖ ଦୁର୍ବଳ ହେବା, ଓଜନ ହ୍ରାସ, ଦୁର୍ବଳତା ଏବଂ ମୁଣ୍ଡବିନ୍ଧା ଭଳି ସମସ୍ୟା ହୋଇଥାଏ।

## ସୁସ୍ଥ ରହିବା ପାଇଁ ସକାଳୁ ପିଅନ୍ତୁ ପୁଦିନା ସରବତ

ଏକ ଭଲ ଦିନର ଆରମ୍ଭ ଏକ ଭଲ ସକାଳରୁ ହିଁ ହୋଇଥାଏ। ଆପଣ ସକାଳ ସମୟରେ କ'ଣ ଖାଉଛନ୍ତି ଓ କ'ଣ ପିଉଛନ୍ତି ତାହା ଆପଣଙ୍କ ଶରୀର ଉପରେ ବିଶେଷ ଭାବେ ପ୍ରଭାବ ପକାଇଥାଏ। ରାତିରେ ଆମେ ଦୀର୍ଘ ସମୟ ଧରି ଶୋଇ ରହୁଥିବା କାରଣରୁ ଶରୀରକୁ ଖାଦ୍ୟ, ପାନୀୟ ଠିକ୍ ଭାବେ ମିଳିପାରେ ନାହିଁ। ସକାଳୁ ଉଠିବା ପରେ ଆମ ଦେହ ଶୁଷ୍କ ହୋଇ ଯାଇଥାଏ। ଶରୀରରେ ଜଳୀୟ ଅଂଶ କମ୍ ହୋଇଥାଏ। ଏହି କାରଣରୁ ଆମକୁ ସକାଳ ପାନୀୟ ଉପରେ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ। ତେବେ, ଚାଲନ୍ତୁ ଜାଣିବା ନିଜକୁ ସୁସ୍ଥ ରଖିବା ପାଇଁ ଆମକୁ କ'ଣ କ'ଣ କରିବାକୁ ପଡ଼ିଥାଏ। ଖରାଦିନେ ବିଭିନ୍ନ ସ୍ଥାନରେ ଆଖୁ ରସ ବିକ୍ରି ହେଉଥାଏ। ସକାଳ ସମୟରେ ଯଦି ପାରୁଛନ୍ତି ଆଖୁ ରସରୁ ଗୋଟାଏ ଗ୍ଲାସ ପିଅନ୍ତୁ। ଏହା ଶରୀର ପାଇଁ ବେଶ୍ ଉପକାରୀ। କେବଳ ଆଖୁ ରସ ନୁହେଁ, ଆପଣ ପଇଡ଼ ମଧ୍ୟ ପିଇପାରିବେ। ଆପଣ ଭାବିପାରନ୍ତି ଯେ ପଇଡ଼ ହେଉଛି ସକାଳ ସମୟର ସବୁଠାରୁ ଭଲ



ପାନୀୟ। ସକାଳ ସମୟରେ ଲେମ୍ବୁ ପାଣି ପିଇବା ଖୁବ୍ ଉପକାରୀ ହୋଇଥାଏ। ମାତ୍ର ମନେ ରଖନ୍ତୁ କେବେ ବି ଲେମ୍ବୁ ପାଣି ଖାଲି ପେଟରେ ପିଇବେ ନାହିଁ। ଲେମ୍ବୁ ପାଣି ପିଇବା ପୂର୍ବରୁ ଆପଣ ସକାଳ ଜଳଖିଆ କରି ସାରିଥିବା ଆବଶ୍ୟକ। ଏହାବ୍ୟତୀତ ବିଟ୍, ଗାଜର, ପୋଦିନା ଓ କଲରା ଆଦିର ରସ ମଧ୍ୟ ସକାଳୁ ପିଇବା ଅତ୍ୟନ୍ତ ଭଲ ହୋଇଥାଏ।

# ସକାଳୁ ଘରୁ ବାହାରିବା ସମୟରେ ଛୋଟ ପିଲାଙ୍କ ହସ ଦେଖିବା ଶୁଭ



ଅନେକ ସମୟରେ ଜୀବନରେ ଭିନ୍ନ ଭିନ୍ନ ସଙ୍କେତ ମିଳିଥାଏ। ମାତ୍ର ବହୁ ସମୟରେ ଆମେ ଏଥିପ୍ରତି ଧ୍ୟାନ ଦେଇ ନଥାଉ। କିଛି ସଙ୍କେତ ଆମକୁ ଶୁଭତ୍ୱର ପ୍ରତୀକ ଦେଇଥାଏ। କିଛି ଅଶୁଭର ମଧ୍ୟ। କିଛି ସଙ୍କେତ ସଫଳତା ଓ ଧନ ଲାଭ ବିଷୟରେ ଜଣାଇଥାଏ। ଜାଣନ୍ତୁ.

୧- ଯଦି ଆପଣ କୌଣସି କାର୍ଯ୍ୟରେ ଘରୁ ବାହାରକୁ ଯାଉଛନ୍ତି ଓ ସମ୍ମୁଖରେ ଖିର ସହ ପାତ୍ର ଦେଖନ୍ତି , ତେବେ କାର୍ଯ୍ୟରେ ସଫଳତା ମିଳିଥାଏ। ଦିନଟି ମଧ୍ୟ ଖୁସି ଓ ସୁରୁଖୁରୁରେ ବିତିଥାଏ।

୨- କାର୍ଯ୍ୟରେ ଘରୁ ବାହାରକୁ ଯିବା ସମୟରେ ପାଣି ପୂର୍ଣ୍ଣ ପାତ୍ର ଦେଖିଲେ ମଧ୍ୟ କାର୍ଯ୍ୟରେ ସଫଳତା ମିଳିଥାଏ।

୩ - ମାନ୍ୟତା ଅନୁଯାୟୀ ମାଙ୍କଡ଼ ଘରର ଛାତରେ ଆମ୍ବର ଟାକୁଆ ପକାଇବା ଶୁଭ ସଙ୍କେତ। ଏହା ଧନ ଲାଭ ଓ ସଫଳତାର ସଙ୍କେତ ଦେଇଥାଏ।

୪ - ସକାଳ ସମୟରେ ଘରୁ ବାହାରିବା ସମୟରେ ଟଙ୍କା ମିଳିଲେ, ଏହା ଧନ ଲାଭର ସୂଚନା ଦେଇଥାଏ। ତେବେ ସନ୍ଧ୍ୟା ସମୟରେ ଟଙ୍କା ମିଳିଲେ ମନ୍ଦିରରେ ଦାନ କରିବା ଉଚିତ।

୫ - ସବୁଦିନ ତୁଳନାରେ ଯଦି କୌଣସି ଦିନ ଆପଣଙ୍କୁ ନିଜ ତ୍ୱଚା ଅଧିକ ଚମକ ଭଳି ଅନୁଭବ ହେଉଛି , ତେବେ ଆପଣଙ୍କ ଜୀବନରେ ଶୁଭ ସମୟ ଆରମ୍ଭ ହୋଇ ଯାଇଛି ବୋଲି କୁହାଯାଏ।

୬ - ସକାଳୁ ଘରୁ ବାହାରିବା ସମୟରେ କୌଣସି ଛୋଟ ପିଲାଙ୍କ ହସ ଦେଖିବା ମଧ୍ୟ ଶୁଭ।

୭ - ସକାଳ ସମୟରେ ବାଛୁରୀକୁ ଗାଈ ଠାରୁ ଖିର ପିଇବା ଦେଖିବା ମଧ୍ୟ ଶୁଭ। ଏହା ଧନ ବୃଦ୍ଧି ଓ ପ୍ରାପ୍ତିର ସଙ୍କେତ ଦେଇଥାଏ।

ବାସ୍ତୁ ଶାସ୍ତ୍ରରେ ଘରେ ଏପରି କିଛି ଜିନିଷ ରହିଛି ଯାହାକୁ ଲଗାଇବା କିମ୍ବା ଘରେ ରଖିବା ଦ୍ୱାରା ସକରାତ୍ମକ ଶକ୍ତି ଆସିଥାଏ ଓ କାର୍ଯ୍ୟରେ ସଫଳତା ମିଳିଥାଏ।

ପାରା - ପାରାକୁ ଶାନ୍ତିର ପ୍ରତୀକ କୁହାଯାଏୟ। ବାସ୍ତୁ ଅନୁଯାୟୀ ଘରେ ଯୋଡ଼ା ପାରା (ସୋ ପିସ୍ ) କିମ୍ବା ପୋଷ୍ଟର ଲଗାଇଲେ ସକରାତ୍ମକ ଶକ୍ତି ପ୍ରବେଶ କରିଥାଏ। ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ।

ପ୍ରଜାପତି: ଅନେକ ସମୟରେ ବଗିଚାରେ ରଙ୍ଗବେରଙ୍ଗର ପ୍ରଜାପତି ଦେଖିଲେ ମନକୁ ଶାନ୍ତି ମିଳିଥାଏ। ମାତ୍ର ବଜାରରେ ବିକ୍ରି ହେଉଥିବା ରଙ୍ଗବେରଙ୍ଗର ପ୍ରଜାପତି ଚିତ୍ର ଲଗାଇବା ଦ୍ୱାରା ନକରାତ୍ମକ ଶକ୍ତି ଦୂର ହୋଇଥାଏ।

ହଂସ - ଶାସ୍ତ୍ରରେ ହଂସର ବିଶେଷ ମହତ୍ତ୍ୱ ରହିଛି। ଘରେ ଓ କାର୍ଯ୍ୟାଳୟରେ ହଂସର ଯୋଡ଼ା (ସୋ ପିସ୍ ) ରଖିବା ଦ୍ୱାରା ଶୁଭ ମିଳିଥାଏୟ ବାସ୍ତୁ ଦୋଷ ଦୂର ହେବା ସହ ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ।

ବୃଦ୍ଧଙ୍କ ପ୍ରତିମା - ବୃଦ୍ଧଙ୍କ ପ୍ରତିମା ମଧ୍ୟ ଶାନ୍ତିର ପ୍ରତୀକୟ ଏହାଦ୍ୱାରା ସକରାତ୍ମକ ଶକ୍ତି ବୃଦ୍ଧି ହୋଇଥାଏୟ ପରିବାର ସଦସ୍ୟଙ୍କ ଉପରେ ମଧ୍ୟ ସୁପ୍ରଭାବ ପଡ଼ିଥାଏ।

## ଗୁରୁବାର ଦିନ ଦକ୍ଷିଣ ଦିଗରେ ଯାତ୍ରା କରୁଥିଲେ ଦହି ଖାଇ ଯାତ୍ରା କରନ୍ତୁ

ବାସ୍ତୁଶାସ୍ତ୍ରରେ କୌଣସି କାର୍ଯ୍ୟରେ ଯାତ୍ରା କରିବା ପୂର୍ବରୁ ସେଥିରେ ସଫଳତା ପ୍ରାପ୍ତି ପାଇଁ କିଛି ଉପାୟ ବିଷୟରେ ବର୍ଣ୍ଣନା କରାଯାଇଛି। ଯାହାର ପାଳନ କଲେ ଯାତ୍ରାକୁ ମଙ୍ଗଳକାରୀ ଓ



ସଫଳ କରି ହୋଇଥାଏ। ଏଥିପାଇଁ କିଛି କଥା ପ୍ରତି ଧ୍ୟାନ ଦେବା ନିତ୍ୟାନ୍ତ ଆବଶ୍ୟକ। ଜାଣନ୍ତୁ..

- ନିଜର ଇଷ୍ଟ ଦେବତାଙ୍କୁ ସ୍ମରଣ କରନ୍ତୁ। ଗାୟନ୍ତ୍ରୀ ମନ୍ତ୍ରୀ ଜପ କରନ୍ତୁ।
- ଯାତ୍ରାରେ ଯିବା ପୂର୍ବରୁ ନଦୀ, ନିଆଁ, ପବନ, ଦେବୀଦେବତା , ଗୁରୁଜନ, ମାତାପିତାଙ୍କୁ ପରିହାସ କରନ୍ତୁ ନାହିଁ।
- ଘରୁ ବାହାରିବା ସମୟରେ ପ୍ରଥମେ ଡ଼ାହାଣ ପାଦ ପକାନ୍ତୁ। ଅସହାୟଙ୍କୁ ଦାନ ଦିଅନ୍ତୁ। ଗାଈଙ୍କୁ ରୁଟି କିମ୍ବା ଘାସ ଖାଇବାକୁ ଦିଅନ୍ତୁ। ଏପରି କରିବା ଦ୍ୱାରା କାର୍ଯ୍ୟରେ ସଫଳତା ମିଳିଥାଏ।
- ଶାସ୍ତ୍ର ଅନୁଯାୟୀ, ସୋମବାର , ଶନିବାର ପୂର୍ବ ଦିଗରେ ଯାତ୍ରା କରିବା ଅତି ଶୁଭଫଳ ଦେଇନଥାଏ। ସୋମବାର , ଗୁରୁବାର ପୂର୍ବ , ଦକ୍ଷିଣ ଦିଗରେ ଯାତ୍ରା କରନ୍ତୁ ନାହିଁ।
- ବୁଧବାର , ଶନିବାର ପୂର୍ବ , ଉତ୍ତର ଯାତ୍ରା କରିବା ଉଚିତ ନୁହେଁ। ରବିବାର ଓ ଶୁକ୍ରବାର ପଶ୍ଚିମ ଦିଗରେ ଯାତ୍ରା କରନ୍ତୁ ନାହିଁ।
- ମଙ୍ଗଳବାର ଦିନ ଉତ୍ତର ଦିଗକୁ ଯାତ୍ରା କରୁଥିଲେ ଘରୁ ଗୁଡ଼ ଖାଇ ଯାଆନ୍ତୁ।

ବୁଧବାର ଉତ୍ତର ଦିଗରେ ଯାତ୍ରା କରୁଥିଲେ ଧନିଆ କିମ୍ବା ରାଶି ଲଡ୍ଡୁ ଖାଇ ଯାଆନ୍ତୁ।

- ଗୁରୁବାର ଦିନ ଦକ୍ଷିଣ ଦିଗରେ ଯାତ୍ରା କରୁଥିଲେ ଦହି ଖାଇ ଯାତ୍ରା କରନ୍ତୁ।

ଶୁକ୍ରବାର ଦିନ ପଶ୍ଚିମ ଦିଗରେ ଯାତ୍ରା କରୁଥିଲେ ଗହମରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ।

- ଶନିବାର ଦିନ ପୂର୍ବ ଦିଗକୁ ଯାତ୍ରା କରୁଥିଲେ, ଅଦା ଖଣ୍ଡ ଖାଆନ୍ତୁ।
- ଯାତ୍ରାରେ ଯିବା ସମୟରେ କୌଣସି ନକରାତ୍ମକ ଶବ୍ଦର ବ୍ୟବହାର କରନ୍ତୁ ନାହିଁ।

# ଫୋକସରେ ହରିୟାଣା

ହରିୟାନା ରାଜନୀତିର ପ୍ରଭାବ ଦିଲ୍ଲୀରେ ପଡ଼ିଥାଏ। ଅତୀତରେ ଚୌଧୁରୀ ଦେବୀଲାଲଙ୍କ ଭଳି ଜାତୀୟ ସ୍ତରର ନେତା ହରିୟାନାରୁ ଆସି ଦେଶର ଉପ-ପ୍ରଧାନମନ୍ତ୍ରୀ ହୋଇଥିଲେ। ହରିୟାନା ଏକ କୃଷି ପ୍ରଧାନ ଏବଂ ଏକ ସମୃଦ୍ଧ ରାଜ୍ୟ। ହରିୟାନା ଦେଶର ଖାଦ୍ୟ ଭଣ୍ଡାର ଭରିବାରେ ବଡ଼ ଭୂମିକା ନେଇଥାଏ। ଉତ୍ତର ଭାରତର ରାଜନୀତି ଅନେକାଂଶରେ କୃଷକଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ସେ ଦୃଷ୍ଟିରୁ ଉତ୍ତର ଭାରତୀୟ ରାଜନୀତିରେ ହରିୟନାର ବଡ଼ ଭୂମିକା ରହିଛି। ରାଜ୍ୟରେ ଅତୀତରେ କଂଗ୍ରେସ ବନାମ ଦେବୀ ଲାଲଙ୍କ ଦ୍ୱାରା ପ୍ରତିଠେ ଲୋକ ଦଳ (ଆଇଏନଏଲଡି) ମଧ୍ୟରେ ହେଉଥିଲା। କିନ୍ତୁ ଗତ ଦୁଇ ଦଶନ୍ଧି ହେବ ରାଜ୍ୟରେ ବିଜେପିର ପ୍ରଭାବ ବଢ଼ିଛି ଏବଂ ଏହା ଏବେ ଶାସନ କ୍ଷମତାରେ ରହିଛି। କଂଗ୍ରେସ ମୁଖ୍ୟ ବିରୋଧୀ ଦଳ ହୋଇଥିବା ବେଳେ ଲୋକ ଦଳ ତିନି ଭାଗରେ ବିଭକ୍ତ ହୋଚଛି। ଜେଲରେ ଥିବା ଓମ ପ୍ରକାଶ ଚୌତାଲାଙ୍କ ନେତୃତ୍ୱରେ ଆଇଏନଏଲଡି ରହିଥିବା ଦେବୀ ଲାଲଙ୍କ ନାତି ଦୁଷ୍ୟନ୍ତ ଚୌତାଲାଙ୍କ ନେତୃତ୍ୱରେ ଜନ ନାୟକ ଜନତା ପାର୍ଟୀ (ଜେଜେପି) ରହିଛି। ୨୦୧୪ରେ ପ୍ରଥମ ଥର ପାଇଁ ବିଜେପି ରାଜ୍ୟରେ ଏକାକି ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କରିଥିଲା। ୯୦ ଆସନ ବିଶିଷ୍ଟ ବିଧାନସଭାରେ ସଂଖ୍ୟାଗରିଷ୍ଠତା ନିମନ୍ତେ ମ୍ୟାଜିକ ନମ୍ବର ହେଲା ୪୬। ୨୦୧୯ରେ ବିଜେପି ୪୦ଟି ଆସନ ପାଇଥିଲା। ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଥିଲେ ମଧ୍ୟ ବିଜେପି ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପାଇପାରିନଥିଲା। ସେତେବେଳେ ଦୁଷ୍ୟନ୍ତ ଚୌତାଲାଙ୍କ ନେତୃତ୍ୱାଧିନ ଜେଜେପି ୧୦ଟି ଆସନ ପାଇଥିଲା। ନିର୍ବାଚନରେ ପରସ୍ପର ବିରୋଧରେ ଲଢ଼ିଥିଲେ ମଧ୍ୟ ବିଜେପି ଓ ଜେଜେପି ପରସ୍ପର ସହ ହାତ ମିଳାଇ କ୍ଷମତା ଅକ୍ତିଆର କରିଥିଲେ। କିଛି ସ୍ୱାଧୀନ ବିଧାୟକ ମଧ୍ୟ ବିଜେପିକୁ ସମର୍ଥନ କରିଥିଲେ। ୨୦୧୪ ଓ ୨୦୧୯ ଲୋକସଭା ନିର୍ବାଚନରେ ମଧ୍ୟ ବିଜେପି ସମସ୍ତ ୧୦ଟି ଯାକ ଆସନ ଦଖଲ କରିଥିଲା। କିନ୍ତୁ ଗତ ଲୋକସଭା ନିର୍ବାଚନରେ ବିଜେପିକୁ ୫ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ନିର୍ବାଚନ ପୂର୍ବରୁ ଆସନ ବୁଝାମଣାକୁ ନେଇ ମତପାର୍ଥକ୍ୟ ହେତୁ ବିଜେପି-ଜେଜେପି ମେଣ୍ଟ ତୁଟିଯାଇଥିଲା। କଂଗ୍ରେସ ଏହାର ଫାଇଦା ଉଠାଇଥିଲା। କିନ୍ତୁ ଲୋକସଭା ନିର୍ବାଚନରେ ବିଜେପି ଆଶାନୁରୂପ ପ୍ରଦର୍ଶନ ନକରିବାର ଏକ ବଡ଼ କାରଣ ହେଲା ରାଜ୍ୟରେ ବିଜେପିର ନେତୃତ୍ୱ ପରିବର୍ତ୍ତନ। ମନୋହରଲାଲ ଖଟ୍ଟରଙ୍କୁ ବିଦା କରି ହରିୟାନାରେ ନାଏବ ସିଂହ ସୈନିଙ୍କୁ ମୁଖ୍ୟମନ୍ତ୍ରୀ କରାଗଲା। କାହିଁକି ବିଜେପି କେନ୍ଦ୍ରୀୟ ନେତୃବର୍ଗ ରାଜ୍ୟରେ ନେତୃତ୍ୱ ପରିବର୍ତ୍ତନ କଲେ ତାହା ଏକ ବଡ଼ ପ୍ରଶ୍ନବାଚୀ। ଏହା ବ୍ୟତିତ ହରିୟାନାରେ କୃଷକଙ୍କ ମଧ୍ୟରେ ଅସନ୍ତୋଷ ଏବଂ କୃଷକ ଆନ୍ଦୋଳନ ଯୋଗୁ ବିଜେପିକୁ କିଛି ଆସନ ହରାଇବାକୁ ପଡ଼ିଲା। ଆଗାମୀ ୨ ମାସ ଭିତରେ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏହି ନିର୍ବାଚନ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସବୁ ପ୍ରମୁକ ରାଜନୈତିକ ଦଳ ପକ୍ଷରୁ ମଧ୍ୟ ନିର୍ବାଚନ ଲାଗି ରଣକୌଶଳ ନିର୍ଦ୍ଧଆରଣ କରାଯାଉଛି। ଉଭୟ କଂଗ୍ରେସ ଓ ବିଜେପି ବିଧାନସଭା ନିର୍ବାଚନରେ ବାଜି ମାରିବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। କଂଗ୍ରେସ ଏଥିପାଇଁ ଆଶାବାଦୀ ଯେ, ବିଜେପି ୧୦ ବର୍ଷ ହେବ ରାଜ୍ୟରେ କ୍ଷମତାସୀନ ଥିବାରୁ ଏଥର ଲୋକେ ପରିବର୍ତ୍ତନ କରିବେ। ବିଜେପି ବିଜୟ ଲାଗି ଆଶାବାଦୀ ଏଥିପାଇଁ ଅଛି ଯେ, ରାଜ୍ୟରେ ଆଇଏନଏଲଡି ଏବଂ ଜେଜେପି କଂଗ୍ରେସର ଭୋଟକୁ କାଟିବେ। କିନ୍ତୁ ବାସ୍ତବ କଥା ହେଲା ଉଭୟ ଦଳ ବିଜେପିର ବା ଅଣକଂଗ୍ରେସ ଭୋଟରେ ଭାଗ ବସାଇବେ। ଇତିମଧ୍ୟରେ ଆମ ଆଦମୀ ପାର୍ଟୀ ମଧ୍ୟ ହରିୟାନା ବିଧାନସଭା ନିର୍ବାଚନରେ ସମସ୍ତ ୯୦ ଆସନରେ ପ୍ରାର୍ଥୀ ଦେବାକୁ ଘୋଷଣା କରିଛି।

# ଓଡ଼ିଶାର ଅର୍ଥନୀତି ବିକାଶର ରେଡ଼ କାର୍ପେଟ

॥ ବିପିନ ବିହାରୀ ରାଉତ ॥

*ରାଜ୍ୟକୁ ନିବେଶ ବର୍ଷା : ଚାରି ବର୍ଷର ବ୍ୟବଧାନ ପରେ ଏ ବର୍ଷ ମେକ ଇନ ଓଡ଼ିଶା ସମ୍ମିଳନୀ-୨୦୨୨କୁ ବଡ଼ ଆକାରରେ ଆୟୋଜିତ କରିଥିଲେ ରାଜ୍ୟ ସରକାର। ପୂର୍ବ ଦୁଇଟି ସଂସ୍କରଣ ତୁଳନାରେ ଏଥର ରାଜ୍ୟ ସରକାରଙ୍କୁ ମିଳିଛି ବିରାଟ ସଫଳତା। ୨୦୧୮ ତୁଳନାରେ ଦୁଇ ଗୁଣାରୁ ଅଧିକ ନିବେଶ ଟାଣିଛି ରାଜ୍ୟ। ଓଡ଼ିଶାରେ ମୋଟ ୧୦.୫୦ ଲକ୍ଷ କୋଟିର ପୁଞ୍ଜି ଖଟାଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ନିବେଶକ।*

ବିଦାୟୀ ବର୍ଷ ୨୦୨୨ରେ ରାଜ୍ୟ ହାସଲ କରିଛି ଅନେକ ଉପଲବ୍ଧି। ଶିଳ୍ପାୟନର ଯାତ୍ରାରେ କେବେ ବି ବ୍ରେକ ଲାଗିନାହିଁ। ନିଯୁକ୍ତି ଭିତ୍ତିକ ଶିଳ୍ପ ଅଭିବୃଦ୍ଧିର ମନ୍ତ୍ର ନେଇ ଆଗକୁ ବଢ଼ି ଚାଲିଛି ଚିର ସବୁଜ ଓଡ଼ିଶା। ନିବେଶକଙ୍କୁ ଟାଣିବା ପାଇଁ କୌଣସି ସୁଯୋଗକୁ ହାତଛଡ଼ା କରିନାହିଁ ରାଜ୍ୟ। ମେକ ଇନ ଓଡ଼ିଶା ସମ୍ମିଳନୀ ଜରିଆରେ ରାଜ୍ୟକୁ ହୋଇଛି ନିବେଶ ବର୍ଷା। ଗୋଟିଏ ମଞ୍ଚରେ ଏକାଠି ହୋଇ ରାଜ୍ୟର ବିକାଶ କାହାଣୀ ଲେଖିଛନ୍ତି ଦେଶ ବିଦେଶର ଶିଳ୍ପ ମୁଖିଆ। ମହିଳା ସଶକ୍ତିକରଣକୁ ଦିଆଯାଉଛି ପ୍ରାଧାନ୍ୟ। ନୀତିଗତ ସଂସ୍କାର ଯୋଗୁ ରାଜ୍ୟ ଦ୍ରୁତ ବେଗରେ ବଢ଼ିଛି। ଷ୍ଟାର୍ଟଅପ ଇକୋସିଷ୍ଟମରେ ଆସିଛି ବ୍ୟାପକ ପରିବର୍ତ୍ତନ। ତଳୁଆ ରାଜ୍ୟରୁ ଲମ୍ବା ଲମ୍ଫ ଡେଇଁ ଓଡ଼ିଶା ପାଲଟିଛି ଆଚିଭର। ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ପର୍ଯ୍ୟଟନ ଭିତ୍ତିଭୂମି ମଜଭୁତ ହୋଇଛି। ଏକ ଟ୍ରିଲିୟନ ଡଲାର ଅର୍ଥନୀତି ସ୍ୱପ୍ନକୁ ଦିଗ ଦେଖାଇଛନ୍ତି ରାଜ୍ୟ ସରକାର। ଏହି ଲକ୍ଷ୍ୟ ହାସଲ ପାଇଁ ଆଣିଛନ୍ତି ଦୃଢ଼ ରଣନୀତି।

ରାଜ୍ୟକୁ ନିବେଶ ବର୍ଷା : ଚାରି ବର୍ଷର ବ୍ୟବଧାନ ପରେ ଏ ବର୍ଷ ମେକ ଇନ ଓଡ଼ିଶା ସମ୍ମିଳନୀ-୨୦୨୨କୁ ବଡ଼ ଆକାରରେ ଆୟୋଜିତ କରିଥିଲେ ରାଜ୍ୟ ସରକାର। ପୂର୍ବ ଦୁଇଟି ସଂସ୍କରଣ ତୁଳନାରେ ଏଥର ରାଜ୍ୟ ସରକାରଙ୍କୁ ମିଳିଛି ବିରାଟ ସଫଳତା। ୨୦୧୮ ତୁଳନାରେ ଦୁଇ ଗୁଣାରୁ ଅଧିକ ନିବେଶ ଟାଣିଛି ରାଜ୍ୟ। ଓଡ଼ିଶାରେ ମୋଟ ୧୦.୫୦ ଲକ୍ଷ କୋଟିର ପୁଞ୍ଜି ଖଟାଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ନିବେଶକ। ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ରାଜ୍ୟରେ ସୃଷ୍ଟି ହେବ ୧୦.୩୮ ଲକ୍ଷ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି। ମହାମାରୀ ପରେ ଏଭଳି ଏକ ସଫଳତା ପାଇବା ଅତ୍ୟନ୍ତ ଖୁସିର ବିଷୟ। ଏହି ନିବେଶ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ସମସ୍ତେ କଠିନ ପରିଶ୍ରମ କରି ଓଡ଼ିଶାକୁ ଅଭିବୃଦ୍ଧିର ନୂଆ ଯୁଗକୁ ନେଇଯିବା ପାଇଁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଟ୍ରିଲିୟନ ଡଲାର ସ୍ୱପ୍ନ : ଏ ବର୍ଷର ମେକ ଇନ ଓଡ଼ିଶା ସମ୍ମିଳନୀରେ ନୂତନ ସମ୍ଭାବନାର ମାଟିକୁ ଶିଳ୍ପପତିମାନଙ୍କୁ ସ୍ୱାଗତ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଓଡ଼ିଶା ଦେଶର ଏକ ପ୍ରମୁଖ ଦ୍ରୁତ ଅଭିବୃଦ୍ଧିଶୀଳ ନିବେଶ ସ୍ଥଳ। ସମସ୍ତ ଶିଳ୍ପ କ୍ଷେତ୍ରରେ ପରିବର୍ତ୍ତନ ଆଣିବା ପାଇଁ ଗୁରୁତ୍ୱ ଦେଉଥିବା ଏକ ପ୍ରଗତିଶୀଳ ରାଜ୍ୟ। ମୋ ସରକାର ଏବଂ ୫ଟି ଲୋକଙ୍କୁ ପ୍ରତିଷ୍ଠା ଏବଂ ସମ୍ମାନର ସହ ବଞ୍ଚିବାର ସୁଯୋଗ ପ୍ରଦାନ କରିଛି। ରାଜ୍ୟର ନିରନ୍ତର ବିକାଶ ଏଜେଣ୍ଡା ଶିକ୍ଷା, ସ୍ୱାସ୍ଥ୍ୟ, ଦକ୍ଷତା ବିକାଶ, କୃଷି, ମହିଳା ସଶକ୍ତିକରଣ, ଆଦିବାସୀ ଉନ୍ନୟନ ଆଦି ଉପରେ ଗୁରୁତ୍ୱ ଦେଉଛି। ୭୦ଲକ୍ଷ ମହିଳାଙ୍କୁ ନେଇ ଗଠିତ ମିଶନ ଶକ୍ତି ଏକ ସ୍ୱତନ୍ତ୍ର ସଶକ୍ତିକରଣ ଅଭିଯାନ। ସ୍ୱାସ୍ଥ୍ୟ ବୀମା ଯୋଜନା ବିଏସକେୱାଇ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ମାଇଲଖୁଣ୍ଟ।

ନୂଆ ଶିଳ୍ପନୀତି : ମେକ ଇନ ଓଡ଼ିଶା କନକ୍ଲେଭ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ଶିଳ୍ପନୀତି ଉନ୍ମୋଚନ କରିଛନ୍ତି। ଏଥିରେ ପ୍ରାୟୋରିଟି ଏବଂ ଥ୍ରଷ୍ଟ ଭଳି ଦୁଇଟି ସେକ୍ଟରକୁ ଗୁରୁତ୍ୱ ଦିଆଯାଇଛି। ରଜ୍ୟର ୨୦୦ରୁ ଅଧିକ ଲୋକ ନିଯୁକ୍ତି ପାଉଥିବା କ୍ଷେତ୍ରକୁ ପ୍ରାୟୋରିଟି ସେକ୍ଟର ଏବଂ ୧୦୦୦ରୁ ଅଧିକ ନିଯୁକ୍ତି ଦେଉଥିବା କ୍ଷେତ୍ରକୁ ଥ୍ରଷ୍ଟ ସେକ୍ଟର ଭାବେ ବିବେଚନା କରାଯିବ। ବିଜୁ ଇକୋନୋମି କରିଡରକୁ ଏହି ପଲିସିରେ ଥ୍ରଷ୍ଟ ସେକ୍ଟର ଭାବେ ବିବେଚନା କରାଯାଇଛି। ନୂଆ ନୀତି ଅନୁସାରେ ରାଜ୍ୟରେ ପୁଞ୍ଜିନିବେଶ କରିବାକୁ ଆଗ୍ରହୀ ନିବେଶକଙ୍କୁ ଆକର୍ଷଣୀୟ ପ୍ରୋତ୍ସାହନ ପ୍ରଦାନ କରାଯାଉଛି। ପ୍ରାୟୋରିଟି ସେକ୍ଟର ପୁଞ୍ଜି ନିବେଶ ଉପରେ ୨୦% ଏବଂ ଥ୍ରଷ୍ଟ ସେକ୍ଟର କ୍ଷେତ୍ରରେ ୩୦% ସବସିଡି ଯୋଗାଇ ଦେବେ ରାଜ୍ୟ ସରକାର।

ଷ୍ଟାର୍ଟଅପ୍ ଓଡ଼ିଶା : ରାଜ୍ୟକୁ ଷ୍ଟାର୍ଟଅପର ପ୍ରମୁଖ ହବ ଭାବେ ଗଢ଼ି ତୋଳିବା ଲାଗି ରାଜ୍ୟ ସରକାର ଏବେ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଷ୍ଟାର୍ଟଅପ୍ ର୍ୟାଙ୍କିଙ୍ଗରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନକାରୀ ର୍ୟାଙ୍କ ହାସଲ କରିଛି। ଗତ ପାଞ୍ଚ ବର୍ଷ ହେବ ଷ୍ଟାର୍ଟଅପ୍ ଇନକ୍ୟୁବେଟରମାନଙ୍କୁ ରାଜ୍ୟ ସରକାର ପ୍ରୋତ୍ସାହିତ କରିଛନ୍ତି।

ରପ୍ତାନୀ ନୀତି : ମେକ ଇନ୍ ଓଡ଼ିଶା କନକ୍ଲେଭ ଅବସରରେ ନୂଆ ରପ୍ତାନି ନୀତି ୨୦୨୨ ଉନ୍ମୋଚନ କରାଯାଇଛି। ୨୦୧୪ରେ ଶେଷ ଥର ପାଇଁ ରାଜ୍ୟ ସରକାର ରପ୍ତାନି ନୀତି ଆଣିଥିଲେ। ଏଥିରେ ସଂଶୋଧନ କରାଯିବା ସହ ରପ୍ତାନିକାରୀଙ୍କୁ ପ୍ରୋତ୍ସାହିତ କରିବା ଭଳି ପଦକ୍ଷେପ ଘୋଷଣା କରାଯାଇଛି।

ଏକାଠି ଶିଳ୍ପ ମୁଖିଆ : ଏଥର ମେକ ଇନ୍ ଓଡ଼ିଶା ସମ୍ମିଳନୀରେ ଦେଶ ବିଦେଶରୁ ୧୦୦ରୁ ଉର୍ଦ୍ଧ୍ୱ ଶିଳ୍ପପତି ଯୋଗ ଦେଇଥିଲେ। ପ୍ଲେନାରି ଅଧିବେଶନରେ ମଞ୍ଚରେ ବସିଥିଲେ ୫୦ରୁ ଉର୍ଦ୍ଧ୍ୱ ଶିଳ୍ପ ମୁଖ୍ୟ।

ଖାଦ୍ୟ ପ୍ରକ୍ରିୟାକରଣ ନୀତି : ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ପ୍ରୋତ୍ସାହିତ କରିବା ଲାଗି ରାଜ୍ୟ ସରକାର ମେକ ଇନ ଓଡ଼ିଶା କନକ୍ଲେଭ ଅବସରରେ ନୂଆ ଫୁଡ ପ୍ରୋସେସିଂ ନୀତି ଉନ୍ମୋଚନ କରିଛନ୍ତି। ୨୧ ଜଣ ନିବେଶକ ରାଜ୍ୟରେ ନିବେଶ ଲାଗି ଆଗ୍ରହ ପତ୍ର ଦେଇଛନ୍ତି। ଏହାଦ୍ୱାରା ୧୪୪୩ କୋଟି ଟଙ୍କାର ନିବେଶ ରାଜ୍ୟକୁ ଆସିପାରିବ।

ମହିଳା ସଶକ୍ତିକରଣ : ମହିଳା ସଶକ୍ତିକରଣ କେବଳ ଏକ ସ୍ଲୋଗାନ ନୁହେଁ, ଏହା ଏକ ଅଣ ସାଲିସ ପ୍ରାଥମିକତା। ଏହା ବିନା କୌଣସି ପରିବାର, ସମାଜ, ରାଜ୍ୟ କିମ୍ବା ଦେଶ ଆଗକୁ ବଢ଼ିବା କଷ୍ଟକର। ଏହାକୁ ହୃଦୟଙ୍ଗମ କରିଛନ୍ତି ରାଜ୍ୟ ସରକାର। ମିଶନ ଶକ୍ତି ମା' ମାନଙ୍କୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧ ମୁକ୍ତ ଋଣ ଯୋଗାଇ ଦେବା ପାଇଁ ଘୋଷଣା କରିଛନ୍ତି ରାଜ୍ୟ ସରକାର। ଏହା ଦ୍ୱାରା ରାଜ୍ୟର ଲକ୍ଷ ଲକ୍ଷ ମହିଳା ରୋଜଗାର ପାଇପାରିବେ। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଗୁଡ଼ିକରୁ ଆଗାମୀ ୫ ବର୍ଷରେ ୫ ହଜାର କୋଟି ଟଙ୍କାର ସାମଗ୍ରି ଓ ସେବା ସଂଗ୍ରହ କରିବେ ରାଜ୍ୟ ସରକାର। ଚଳିତ ବର୍ଷ ଏହାକୁ ମିଳିଛି କ୍ୟାବିନେଟ ଅନୁମୋଦନ। ଜିଲ୍ଲା ସ୍ତରରେ ଥିବା ଏସଏଚଜି ଫେଡେରେସନ ଗୁଡ଼ିକୁ ୧ କୋଟି ଟଙ୍କାର ରିଭଲଭିଂ ପାଣ୍ଠି ଯୋଗାଇ ଦେବା ନେଇ ମଧ ଘୋଷଣା କରାଯାଇଛି। ସେହିଭଳି ବ୍ଲକ ସ୍ତରୀୟ ଫେଡେରେସନକୁ ୫୦ଲକ୍ଷ ଏବଂ ଗ୍ରାମପଞ୍ଚାୟତ ସ୍ତରରେ ଫେଡେରେସନ ପାଇଁ ମାର୍କେଟ କମ୍ପ୍ଲେକ୍ସ ଏବଂ ଅଫିସ ଘର ଯୋଗାଇବା ବ୍ୟବସ୍ଥା ହେବ। ମହିଳାଙ୍କ ମଧ୍ୟରେ ଉଦ୍ୟୋଗ ବିକାଶକୁ ପ୍ରୋତ୍ସାହିତ କରିବା ଲାଗି ରାଜ୍ୟ ସରକାର ପ୍ରତି ଜିଲ୍ଲାରେ ମାଇକ୍ରୋ ଏବଂ ମିନି ଶିଳ୍ପ ସ୍ଥାପନ କରିବେ। ମହିଳାମାନେ ଓଡ଼ିଶାର ରୂପାନ୍ତର ଧାରାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମିଶନ ଶକ୍ତି ପାଇଁ ସ୍ୱତନ୍ତ୍ର ବଜେଟ : ରାଜ୍ୟର ମହିଳାମାନେ ସଶକ୍ତ ହେବେ। ବିକାଶ ସ୍ରୋତରେ ସାମିଲ ହୋଇ ନିଜେ ଅଗ୍ରଗତି କରିବେ ଏବଂ ରାଜ୍ୟ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବେ। ଏହି କ୍ରମରେ ବିଧାନସଭାରେ ଉପସ୍ଥାପିତ ରାଜ୍ୟ ବଜେଟ ୨୦୨୨-୨୩ରେ ମହିଳା ମାନଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିଲା। ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଇ ମିଶନ ଶକ୍ତି ପାଇଁ ପୃଥକ ବଜେଟ ଉପସ୍ଥାପନ କରିଛନ୍ତି ରାଜ୍ୟ ସରକାର। ଏହି ବିଭାଗ ପାଇଁ ୨୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏଥିମଧ୍ୟରୁ ଜାତୀୟ ଗ୍ରାମୀଣ ଜୀବିକା ମିଶନ ଅଧୀନରେ ୧୦୩୯ କୋଟି ଟଙ୍କା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସେମାନଙ୍କ ସଂଘକୁ ମିଶନ ଶକ୍ତି ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ବାବଦ ୭୭୩ କୋଟି ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଗୃହ ନିର୍ମାଣ ଲାଗି ୧୭୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମିଶନ ଶକ୍ତି ପାଇଁ କରାଯାଇଥିବା ବ୍ୟୟବରାଦ ମାଧ୍ୟମରେ ରାଜ୍ୟର ୭୦ ଲକ୍ଷ ମହିଳାଙ୍କୁ ରୋଜଗାର ମିଳିବ।

ତଳୁଆ ରାଜ୍ୟରୁ ଆଚିଭର : ଓଡ଼ିଶାରେ ବ୍ୟବସାୟିକ ବାତାବରଣରେ ଆସିଛି ବୈପ୍ଲବିକ ପରିବର୍ତ୍ତନ। ଡିଜିଟାଲିକରଣ ଏବଂ ସ୍ୱଚ୍ଛତା ସହିତ ନିବେଶକଙ୍କ ଆସ୍ଥା ଭାଜନ ହେବାରେ ରାଜ୍ୟ ଏବେ ଆଗୁଆ। ଇ-ଶ୍ରମ ପୋର୍ଟାଲ ଏବଂ ଗୋ-ସ୍ୱିଫ୍ଟ ଭଳି ଅନନ୍ୟ ବ୍ୟବସ୍ଥା ଯୋଗୁ ନିବେଶକଙ୍କ ପାଇଁ ଏହା ପାଲଟିଛି ଅନୁକୂଳ ସ୍ଥଳ। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଏ ବର୍ଷ ଉନ୍ମୋଚିତ ହୋଇଥିବା ରିପୋର୍ଟ ଅନୁସାରେ ଓଡ଼ିଶା ଇଜ ଅଫ ଡୁଇଙ୍ଗ ବିଜନେସ ର୍ୟାଙ୍କିଙ୍ଗରେ ଛଅଟି ଆଚିଭର ରାଜ୍ୟ ମଧ୍ୟରେ ସ୍ଥାନିତ ହୋଇଛି।


ଶ୍ରୀବିହାର କଲୋନୀ, କଟକ
ଦୂରଭାଷ : ୯୪୩୭୬୬୬୪୫୩


# କଲେଜିୟମ ପଦ୍ଧତି ବଦଳାଯାଉ

॥ ସୌର ଚନ୍ଦ୍ର ମହାପାତ୍ର ॥

୧୯୯୩ରେ ସୁପ୍ରିମକୋର୍ଟ ଉପର କୋର୍ଟଗୁଡ଼ିକରେ ବିଚାରପତି ନିଯୁକ୍ତି ଓ ଜର୍ଜ ବଦଳି ଲାଗି ପ୍ରବର୍ତ୍ତନ କରିଥିବା କଲେଜିୟମ ବ୍ୟବସ୍ଥାକୁ ବିଭିନ୍ନ ବାଟରେ ସମାଲୋଚନା କରାଯିବା ସହ ଏଥିରେ ଅନେକ ଦୁର୍ବଳତା ଦର୍ଶାଗଲାଣି। ଏହି ପଦ୍ଧତିକୁ ବଦଳାଇବା ଲାଗି ୯୯ତମ ସମ୍ବିଧାନ ସଂଶୋଧନ ହୋଇଥିଲା ଓ ଜାତୀୟ ବିଚାର ବିଭାଗୀୟ ନିଯୁକ୍ତି କମିଶନ ଆଇନ ପାର୍ଲାମେଣ୍ଟରେ ପ୍ରଣୟନ କରାଯାଇଥିଲା। କିନ୍ତୁ ଏହି ପଦକ୍ଷେପ ନିରର୍ଥକ ହେଲା। କାରଣ ସର୍ବୋଚ୍ଚ ନ୍ୟାୟାଳୟ ନିଜ ଆଭିମୁଖ୍ୟରୁ ଓହରିଲେ ନାହିଁ ଓ କଲେଜିୟମ ବ୍ୟବସ୍ଥାକୁ କାଏମ ରଖିଲେ। ତା ସତ୍ତ୍ୱେ ପରବର୍ତ୍ତୀ ସମୟରେ କଲେଜିୟମ ବ୍ୟବସ୍ଥାକୁ ବିଭିନ୍ନ ସ୍ତରରେ ନାପସନ୍ଦ କରାଯାଇଛି। ଜର୍ଜମାନେ କିଭଳି ନିଜେ ନିଜର ନିଯୁକ୍ତି ଓ ବଦଳିକୁ ନିୟନ୍ତ୍ରଣ କରିବେ ତା ଉପରେ ସାଧାରଣ ଭାବେ ପ୍ରଶ୍ନ ଉଠୁଛି। ଏହି ବିତର୍କ ମଧ୍ୟରେ ଏବେ ସୁପ୍ରିମକୋର୍ଟ କଲେଜିୟମ ବ୍ୟବସ୍ଥାର ସମୀକ୍ଷା କରିବା ଲାଗି ଏକ ଆବେଦନକୁ ତାଲିକାଭୁକ୍ତ କରିବାକୁ ରାଜି ହୋଇଛନ୍ତି। ଯଦିଓ କୋର୍ଟରେ ଏହି ବିଷୟ ଉଲ୍ଲେଖ କଲାବେଳେ ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ ବିସ୍ମୟ ପ୍ରକାଶ କରିଥିଲେ ଯେ କିଭଳି ଯେଉଁ ପଦ୍ଧତିକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କର ଏକ ୯ଜଣିଆ ବେଞ୍ଚ ଆଣିଥିଲେ ତାକୁ ଏକ ରିଟି ପିଟିସନ ଜରିଆରେ ଚାଲେଞ୍ଜ କରିହେବ। କିନ୍ତୁ କୋର୍ଟ ଯେହେତୁ ଏ ବିଷୟ ଶୁଣିବାକୁ ସମ୍ମତ ହୋଇଛନ୍ତି ସେଥିରୁ ଆଶା ସୃଷ୍ଟି ହୋଇଛି।

କଲେଜିୟମ ବ୍ୟବସ୍ଥାକୁ ବଦଳାଇବା ପାଇଁ ନରେନ୍ଦ୍ର ମୋଦି ସରକାରଙ୍କର ଉଦ୍ୟମ ଏ ଯାଏଁ ସଫଳ ହୋଇନାହିଁ। ଏନଜେଏସି ଯେ କୋର୍ଟରେ ଅଗ୍ରାହ୍ୟ ହୋଇଗଲା ତାହା ସରକାରଙ୍କ ପାଇଁ ବଡ଼ ଧକ୍କା। ଏବେ ମୋଦି ସରକାରଙ୍କର ରାଜନୈତିକ ଗୁରୁତ୍ୱ ଓ ଶକ୍ତି ବଢୁଛି। ଏହି ସ୍ଥିତିରେ କେନ୍ଦ୍ର ଆଇନ ମନ୍ତ୍ରୀ କିରଣ ରିଜଜୁ ନିକଟରେ କଲେଜିୟମ ବ୍ୟବସ୍ଥାକୁ ସମାଲୋଚନା କରିବା ତାତ୍ପର୍ଯ୍ୟପୂର୍ଣ୍ଣ। ଅବଶ୍ୟ ସେଥିସହ ସେ କହିଛନ୍ତି ଯେ ସରକାର ଏକ ବିକଳ୍ପ ବ୍ୟବସ୍ଥା ଆଣିବା ଯାଏ ଏବେ କାର ପଦ୍ଧତି ସହ ତାକୁ କାମ କରିବାକୁ ପଡ଼ିବ। ଅବଶ୍ୟ ୨୦୧୫ରେ ଏନଜେଏସି ଆଇନକୁ ସୁପ୍ରିମକୋର୍ଟ ଖାରଜ କରିଦେବା ବେଳେ ସ୍ୱୀକାର କରିଥିଲେ ଯେ କଲେଜିୟମ ବ୍ୟବସ୍ଥାରେ ତ୍ରୁଟି ରହିଛି। କିନ୍ତୁ କୋର୍ଟ ଗତ ୭ ବର୍ଷ ଭିତରେ ସେହି ଦୁର୍ବଳତାକୁ ଦୂର କରିବା ପାଇଁ ଅଥବା ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି କୌଣସି ପଦକ୍ଷେପ ନେଇନାହାନ୍ତି। ତ୍ରୁଟି ଓ ଦୁର୍ବଳତା ଗୁଡ଼ିକ କଣ ତାହା ଜଣାଶୁଣା। ପ୍ରଚଳିତ ବ୍ୟବସ୍ଥାରେ ସ୍ୱଚ୍ଛତା ବା ଉତ୍ତରଦାୟିତ୍ୱ ନାହିଁ। ଏଥିରେ ପ୍ରିୟାପ୍ରୀତି ତୋଷଣ ଓ ପକ୍ଷପାତିତା ରହୁଥିବା ଅଭିଯୋଗ ହେଉଛି। ନିଯୁକ୍ତି ପାଉଥିବା ଅନେକ ବିଚାରପତି ଜର୍ଜମାନଙ୍କ ପରିବାରର ବା ସେମାନଙ୍କର ଘନିଷ୍ଠ। ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଜଜ ନିଯୁକ୍ତି ଓ ବଦଳି ଭିତରେ ଗତ ପ୍ରାୟ ୩ ଦଶନ୍ଧି ଭିତରେ ସୁପ୍ରିମକୋର୍ଟ ବିଚାରପତି ମାନଙ୍କୁ ନେଇ ଗଠିତ କଲେଜିୟମ ପରିଚାଳନା କରି ଆସୁଥିବା ପରଠାରୁ ଏହି ଆପତ୍ତି ବିଭିନ୍ନ ସମୟରେ ଉଠିଆସୁଛି। ଏହି ପ୍ରକ୍ରିୟାରେ ସରକାରଙ୍କ ଭୂମିକା ଅନୁସନ୍ଧାନ କରିବା ବ୍ୟତୀତ ସରକାରଙ୍କର ଆଉ କୌଣସି ଭୂମିକା ନାହିଁ।

ଅତିବେଶୀରେ ସରକାର କଲେଜିୟମ ସୁପାରିଶ କରିଥିବା ପ୍ରାର୍ଥୀମାନଙ୍କ ଉପରେ କେତେକ ଆପତ୍ତି ଉଠାଇବେ ବା ସ୍ପଷ୍ଟୀକରଣ ମାଗିପାରିବେ। କିନ୍ତୁ କଲେଜିୟମ ଯଦି ପୁନର୍ବାର ସେହି ନାମକୁ ସୁପାରିଶ କରିବ ତେବେ କେନ୍ଦ୍ର ସରକାର ତାକୁ ଗ୍ରହଣ କରିବା ବ୍ୟତୀତ ଅନ୍ୟ କିଛି କରିପାରିବ ନାହିଁ। ସରକାର କଲେଜିୟମ ସୁପାରିଶ ଉପରେ କୌଣସି ନିଷ୍ପତ୍ତି ନ ନେଇ ବିଳମ୍ବ କରନ୍ତି। ଏଥିରୁ ଜଣାପଡ଼େ ଯେ ସରକାର କେତେକ ସୁପାରିଶକୁ ଗ୍ରହଣ କରିପାରୁନାହାନ୍ତି। ଗତ କେଇମାସ ଧରି ସରକାର କଲେଜିୟମର କେତେକ ସୁପାରିଶକୁ ନେଇ ବସି ରହିଛନ୍ତି। କୋର୍ଟ ଏହା ଉପରେ ଆପତ୍ତି ଉଠାଇଛନ୍ତି। ଏହି ପ୍ରକ୍ରିୟାରେ ସରକାର କେତେକ ମନୋନୀତ ବ୍ୟକ୍ତିଙ୍କୁ ପ୍ରାର୍ଥୀତ୍ୱରୁ ଓହରିଯିବାକୁ ବାଧ କରୁଛନ୍ତି ବୋଲି କୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରକୃତରେ କେତେକ ପ୍ରାର୍ଥୀ ବିଳମ୍ବ ଯୋଗୁଁ ବିଚାରପତି ଦେବାକୁ ଅନିଚ୍ଛା ପ୍ରକାଶ କରିଛନ୍ତି। ସରକାରଙ୍କର କର୍ତ୍ତବ୍ୟ ହେଲା ପ୍ରଚଳିତ ଆଇନକୁ ମାନିବା କଲେଜିୟମ ବ୍ୟବସ୍ଥା ଯେହେତୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସିଦ୍ଧାନ୍ତ ତାହା ଆଇନଗତ। ସରକାର ତାକୁ ଏବେ ମାନିବା ଉଚିତ। କଲେଜିୟମ ଯେଉଁ ସୁପାରିଶ ପଠାଇଛନ୍ତି ତାହା ବିଧିବଦ୍ଧ ଭାବେ ହୋଇଥିଲେ ସରକାର ଗ୍ରହଣ କରିବା ଆବଶ୍ୟକ। କାରଣ ହାଇକୋର୍ଟ ଗୁଡ଼ିକରେ ଓ ସୁପ୍ରିମକୋର୍ଟରେ ବିଚାରପତି ପଦ ଖାଲି ରହିଛି। କିନ୍ତୁ ଆଇନକୁ ବଦଳାଇବାର ଓ କଲେଜିୟମ ବ୍ୟବସ୍ଥା ପରିବର୍ତ୍ତେ ନିର୍ବିବାଦୀୟ ଓ ନିରପେକ୍ଷ ଜର୍ଜ ନିଯୁକ୍ତି ବଦଳି ପଦ୍ଧତିର ପରିବର୍ତ୍ତନ ଲୋଡା। ଭାରତ ବୋଧହୁଏ ଏକମାତ୍ର ଗଣତାନ୍ତ୍ରିକ ରାଷ୍ଟ୍ର ଯେଉଁଠାରେ ଉପରକୋର୍ଟ ଗୁଡ଼ିକ ଅର୍ଥାତ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଜର୍ଜ ନିଯୁକ୍ତି ତଥା ବଦଳି ପ୍ରକ୍ରିୟାରେ ବ୍ୟବସ୍ଥା ସଭା ବା ପ୍ରଶାସନ ସରକାରଙ୍କର କୌଣସି ଗୁରୁତ୍ୱପୂର୍ଣ୍ଣ ଭୂମିକା ନାହିଁ। ସରକାର ସ୍ୱାଭାବିକ ଭାବେ ଏହି କ୍ଷମତା ନିଜ ପାଖରେ ରଖିବାକୁ ଚାହିଁବେ। କିନ୍ତୁ ସୁପ୍ରିମକୋର୍ଟ କଲେଜିୟମ ବ୍ୟବସ୍ଥା ଜରିଆରେ ତାକୁ ଅଟକାଇ ଦେଇଛନ୍ତି। କେନ୍ଦ୍ର ମନ୍ତ୍ରୀ ରିଜଜୁଙ୍କ ବିବୃତ୍ତିରୁ ଜଣାପଡୁଛି ଯେ ସରକାର ଏ ପ୍ରସଙ୍ଗରେ ବେଶୀ ଦିନ ଚୁପ ରହିବେ ନାହିଁ। କାରଣ ମୋଦି ସରକାର ସବୁ କ୍ଷେତ୍ରରେ ନିଜର ଦୃଢ଼ତାକୁ ଜାହିର କରୁଛନ୍ତି ଓ ଏହି ପ୍ରସଙ୍ଗରେ ବି କ୍ଷମତାର ଭାରସାମ୍ୟକୁ ବଦଳାଇବାକୁ ଆଗ୍ରହୀ। ଏବେକାର ବ୍ୟବସ୍ଥାରେ ଏକ ପରିବର୍ତ୍ତନ ଦରକାର। ଏକ ଦୃଢ଼ ପ୍ରଶାସନ ବା ଶାସନ ବ୍ୟବସ୍ଥା ବିରୋଧରେ ବିଚାର ବିଭାଗୀୟ ସ୍ୱାଧୀନତାକୁ ବଜାୟ ରଖି କିପରି ଏହା କରାଯାଇପାରିବ ତା ଉପରେ ଏକ ଗୁରୁତର ବିତର୍କର ଆବଶ୍ୟକତା ରହିଛି। ଆଶା ସୁପ୍ରିମକୋର୍ଟ ଏପରି ଏକ ବିତର୍କକୁ ଆରମ୍ଭ କରିବେ ଯେଉଁଥିରେ ଅନ୍ୟ ସମ୍ପୃକ୍ତ ପକ୍ଷଗୁଡ଼ିକ ନିଜର ବିଜ୍ଞ ମତ ରଖିବା ଆବଶ୍ୟକ।


ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି,
ସେକ୍ଟର-୬, କଟକ


# ଭିତରକନିକା ଇକୋ-ରିଟ୍ରିଟ୍

॥ ଗୋପୀନାଥ ଦାଶ ॥

ଇତିମଧ୍ୟରେ ରାଜ୍ୟର ୭ଟି ସ୍ଥାନ ଆରମ୍ଭ ହୋଇଛି ଇକୋ ରିଟ୍ରିଟ। ଚଳିତବର୍ଷ ଆକର୍ଷଣ ସାଜିବ ଭିତରକନିକା ଇକୋ ରିଟ୍ରିଟ ସେଣ୍ଟର। ଏଠାରେ ଆମାଜନର ଅନୁଭୂତି ସାଉଁଟିବେ ପର୍ଯ୍ୟଟକ। ପେଣ୍ଠ ବେଳାଭୂମିରେ ଆରମ୍ଭ ହେବାକୁ ଥିବା ଇକୋ ରିଟ୍ରିଟର ପ୍ରବେଶ ପଥକୁ ଆକର୍ଷଣୀୟ ଭାବେ ସଜାଯାଇଛି। କୃତ୍ରିମ ଝରଣା ସହ କଇଁଛ, ହରିଣ ଦେଶୀ ବିଦେଶୀ ପକ୍ଷୀ, ମୟୂର ଓ ବଉଳା କୁମ୍ଭୀର ଦେଖିବାକୁ ପାଇବେ ପର୍ଯ୍ୟଟକ। ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ଭିତରକନିକା ଜାତୀୟ ଉଦ୍ୟାନ ସ୍ୱତନ୍ତ୍ରତା ନିଆରା। ଜୈବ ବିବିଧତାରେ ଭରପୁର ଭିତରକନିକାରେ ଏଥର ନିଆରା ଅନୁଭୂତି ସାଉଁଟିବେ ପର୍ଯ୍ୟଟକ।

ପର୍ଯ୍ୟଟନ ଋତୁରେ ପ୍ରକୃତିପ୍ରେମୀ ଭିତରକନିକା ପରିଭ୍ରମଣ ଓ ଜଳଯାତ୍ରା କରିବାର ନିଆରା ମଜା ନେବେ। ଚଳିତ ଥର ଇକୋ ରିଟ୍ରିଟରେ ପର୍ଯ୍ୟଟକଙ୍କ ପାଇଁ ୨୫ଟି ବିଳାସପୂର୍ଣ୍ଣ କଟେଜ ସହିତ ଷ୍ଟାର ହୋଟେଲ ମଧ୍ୟ ରହିଛି। ଭିତରକନିକାର ପ୍ରାକୃତିକ ଶୋଭାରାଜିର ମଜା ସାଙ୍ଗକୁ ରାତିରେ ବିଳାସପୂର୍ଣ୍ଣ କଟେଜର ରହିବା ଓ ନାଚଗୀତରେ ମଜିବା ସହ ବୈତରଣୀ ନଦୀ କୂଳରେ ସେଲପି ଜୋନରେ ଫଟୋ ଉଠାଇବାର ସୁବିଧା ରହିଛି। ପର୍ଯ୍ୟଟକଙ୍କୁ ଜଳପଥ ଓ ସ୍ଥଳପଥରେ ପରିଭ୍ରମଣ କରିବାର ସୁଯୋଗ ରହିଛି। ସକାଳ ଜଳଖିଆରୁ ଆରମ୍ଭ କରି ରାତ୍ରି ଭୋଜନ ପର୍ଯ୍ୟନ୍ତ ମେନ୍ୟୁରେ ରହିଛି ସୁସ୍ୱାଦୁ ଖାଦ୍ୟର ତାଲିକା ରହିଛି।

ବର୍ତ୍ତମାନ ସୁଦ୍ଧା ୫୦ ପ୍ରତିଶତ କଟେଜ ବୁକିଂ ହୋଇଥିବାବେଳେ ଆଗକୁ ଆହୁରି ବଢ଼ିବାର ଆଶା ରହିଛି। ପ୍ରିମୟମ କଟେଜରେ ଅଧିକ ବୁକିଂ ଆସୁଛି। କୁମ୍ଭୀର, ଚଢ଼େଇ ସାଜିବେ ମୁଖ୍ୟ ଆକର୍ଷଣ ଇକୋ ରିଟ୍ରିଟରେ ପର୍ଯ୍ୟଟକଙ୍କ ପାଇଁ କ୍ରୋକୋଡାଇଲ ସ୍କଟିଂ ସହିତ ନେଚର ଟ୍ରେଲ ମଧ୍ୟ ରହିଛି। ସାଧାରଣତଃ ଲୋକମାନେ ଚିଡ଼ିଆଖାନାରେ କମ ସଂଖ୍ୟାରେ କୁମ୍ଭୀର ଦେଖିଥାନ୍ତି। କିନ୍ତୁ ଏଠାରେ ବୋଟରେ ପାଣି ଭିତରକୁ ଯାଇ ଚାରିପଟେ ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଏକା ସାଙ୍ଗକରେ ବହୁ ସଂଖ୍ୟାରେ କୁମ୍ଭୀର ଦେଖିବାର ନିଆରା ଅନୁଭୂତି ମିଳିବ।

ଜଙ୍ଗଲ ଭିତରେ ନ୍ୟାସନାଲ ପାର୍କର କୋର ଏରିଆ ଭିତରକୁ ମଧ ପ୍ରବେଶ କରିବାର ସୁଯୋଗ ରହିଛି। ସେଠାରେ ୬ରୁ ୫ କିମି ଚଲାପଥ ରହିଛି। ହେନ୍ତାଳ ବଣ, ହରିଣ, ଗୋଧି ସାଙ୍ଗକୁ ଆଠ ପ୍ରକାର କିଙ୍ଗ ଫିସର ଦେଖିବା ପାଉଛନ୍ତି ପର୍ଯ୍ୟଟକ। ତେବେ ପୃଥିବୀରେ ୩୦ ପ୍ରକାର କିଙ୍ଗଫିସର ରହିଥିବାବେଳେ ସେଥିରୁ ୧୨ଟି ଇଣ୍ଡିଆରେ ଦେଖାଯାଏ ଏବଂ ୧୨ ମଧ୍ୟରୁ ୮ଟି କିଙ୍ଗଫିସର ଭିତରକନିକାରେ ଦେଖାଯାଏ। ବେଳାଭୂମିରେ ହଟ ଏୟାର ବେଲୁନ ଏବଂ ଜିପ ପାରାସେଲିଂ। ଭିତରକନିକା ଇକୋ ରିଟ୍ରିଟକୁ ଅଧିକ ଆକର୍ଷଣୀୟ କରିବା ପାଇଁ ବେଳାଭୂମିରେ ବିଚ ଭଳି ବଲ ଓ ଏଟିଭି ବ୍ୟବସ୍ଥା କରାଯିବାକୁ ଯୋଜନା ରହିଛି। ଏହାସାଙ୍ଗକୁ ହଟ ଏୟାର ବେଲୁନ ଓ ପାରାସେଲିଂର ମଜା ନେଇପାରିବେ ପର୍ଯ୍ୟଟକ। ଏଥିପାଇଁ ମଧ୍ୟ ଯୋଜନା ରହିଛି। ଓଡ଼ିଶାର ସୌନ୍ଦର୍ଯ୍ୟମୟ ପ୍ରାକୃତିକ ପରିବେଶ ବାହାର ପର୍ଯ୍ୟଟକ ମାନଙ୍କୁ ସବୁବେଳେ ଓଡ଼ିଶାକୁ ଟାଣିଥାଏ। ଏହାଦ୍ୱାରା ଓଡ଼ିଶାର ପ୍ରାକୃତିକ ସମ୍ପଦ ସାର୍ବଜନୀନ ହୋଇଥାଏ ଏବଂ ସରକାର ରାଜସ୍ୱ ପାଇବା ସହ ସ୍ଥାନୀୟ ଅଧିବାସୀ ଓ ବ୍ୟବସାୟ ପ୍ରତିଷ୍ଠାନମାନେ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହୋଇଥାନ୍ତି। ତେବେ ମହିଳା ସ୍ୱୟଂ ସହାୟକ ସଂଗଠନମାନେ ଯଦି ସେମାନଙ୍କର ସ୍ଥାନୀୟ ଅଞ୍ଚଳର ଉତ୍ପାଦିତ ସାମଗ୍ରୀ ଇକୋ ରିଟ୍ରିଟ କେନ୍ଦ୍ର ପାଖରେ ପ୍ରଦର୍ଶନ କରିବାର ସୁଯୋଗ ପାଆନ୍ତେ ତାହାହେଲେ ବିକ୍ରିବଟା ବୃଦ୍ଧି ପାଆନ୍ତେ ଓ ସେମାନେ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ହେବା ସହ ସେମାନଙ୍କ କଳାନୈପୁଣ୍ୟ ବାହାରରେ ପ୍ରଦର୍ଶିତ ହେବାର ସୁଯୋଗ ମଧ ମିଳନ୍ତା। ସେହିପରି ଅତିଥିଦେବୋଭବ ମହାମନ୍ତ୍ରକୁ ସ୍ଥାନୀୟ ଅଧିବାସୀମାନେ ଗ୍ରହଣ କରି ଆମ ଅଞ୍ଚଳକୁ ଆସୁଥିବା ଅତିଥି ମାନଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର ସେବା ଓ ଭଲ ପାଇବା ପ୍ରଦାନରେ ଯେପରି କାର୍ପଣ୍ୟ ନହୁଏ ଏ କ୍ଷେତ୍ରରେ ଆମ ସମସ୍ତଙ୍କର ଉତ୍ତରଦାୟୀ କର୍ତ୍ତବ୍ୟ ରହିଛି।


କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ,
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା, ମୋ. : ୮୮୯୫୨୯୬୧୬୭

# ମହିଳା ସମାନତା ଦିବସରେ ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ୍‌କୁ ସଫଳତା



ପାରାଦୀପ(ମହାଭାରତ) ମହିଳା ସମାନତା ଦିବସ ପାଳନ ଅବସରରେ ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ୍ ବିଭିନ୍ନ ବିଭାଗରେ ସଫଳତା ହାସଲ କରିଛି । ଏହି ଉପଲକ୍ଷେ ପାରାଦୀପ ଜୟଦେବ ସଦନଞ୍ଚ ପରିସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ, ସମ୍ମାନୀତ ଅତିଥି ଭାବେ ଇଫକୋ ପାରାଦୀପ ୟୁନିଟ୍ ହେଡ୍ ତଥା ନିର୍ଦ୍ଦେଶକ କେ.ଜେ.ପଟେଲ୍, ପିପିଏଲ ୟୁନିଟ୍ ହେଡ୍ ପାଲାନିସ୍ୱାମୀ ଭେଲୁସାମୀ ଯୋଗ ଦେଇଥିଲେ । ଏହି ଅବସରରେ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତା ଓ ଅନ୍ତାକ୍ଷରୀ ରେ ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ୍ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରୋଷେଇ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଇଫକୋ ଜ୍ୟୋତି ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ମମତା ପଟେଲ୍ ମୁଖ୍ୟଅତିଥି ଶ୍ରୀ ହରନାଦଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ ।

# ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ପାରାଦୀପ କଲେଜ ଆଲୁମ୍ନି ଆସୋସିଏସନର ବୈଠକ



ପାରାଦୀପ (ମହାଭାରତ): ପାରାଦୀପ ମହାବିଦ୍ୟାଳୟ ର ୫୦ ତମ ପ୍ରତିଷ୍ଠା ଦିବସ ଇତି ମଧ୍ୟରେ କଲେଜ ପରିସରରେ ପାଳିତ ହୋଇଯାଇଛି । ଆଗାମୀ ଦିନରେ ସୁବର୍ଣ୍ଣ ଜୟନ୍ତୀ କୁ ଆଡମ୍ବର ସହକାରେ ପାଳନ କରିବାକୁ ନବ ଗଠିତ ପାରାଦୀପ ମହାବିଦ୍ୟାଳୟ ଆଲୁମ୍ନି ଆସୋସିଏସନ ର ପ୍ରଥମ ପ୍ରସ୍ତୁତି କାର୍ଯ୍ୟକାରୀ ବୈଠକ ମହାବିଦ୍ୟାଳୟ ପରିସରରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଆସୋସିଏସନ ର ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳ ଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି ବୈଠକ ରେ ମହାବିଦ୍ୟାଳୟ ର ଅଧକ୍ଷା ଡ଼ଃ.ସସ୍ମିତା ଶତପଥୀ,ପ୍ରାଧାପକ ଲେଫ୍ଟନା□ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ଓ ଗଣେଶ୍ୱର ପାତ୍ର, ଆସୋସିଏସନ ର ଉପଦେଷ୍ଟା ରବିନ୍ଦ୍ର ଦାସ, ସାଧାରଣ ସମ୍ପାଦକ ଗୌତମ ନାୟକ ଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ। ସୁବର୍ଣ୍ଣ ଜୟନ୍ତୀ ପାଳନ ଦିବସ ଧାର୍ଯ୍ୟ ଏବଂ ଏହାର ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ବିଶଦ ଆଲୋଚନା କରାଯାଇ ସଭାପତି, ସାଧାରଣ ସମ୍ପାଦକ ଏବଂ କୋଷାଧକ୍ଷ ଙ୍କ ତତ୍ୱାବଧାନ ରେ ବ୍ୟାଙ୍କ ରେ ସଙ୍ଘ ନାମରେ ଏକ ବ୍ୟାଙ୍କ ପାସ ବୁକ ଖୋଲାଯିବାକୁ ନିଷ୍ପତି କରାଗଲା । ତେବେ ଏହି ଜୟନ୍ତୀ ଉତ୍ସବ କୁ ମହା ଆଡମ୍ବର ସହକାରେ ପାଳନ କରିବାକୁ ସର୍ବସମ୍ମତି କ୍ରମେ ନିଷ୍ପତି ଗ୍ରହଣ କରାଯାଇଥିଲା ।

# ଶ୍ରୀମଦ ଭାଗବତ ସପ୍ତାହ ଜ୍ଞାନ ଯଜ୍ଞ ଅନୁଷ୍ଠିତ

ରଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ର ରାଧା କାନ୍ତ ମଠରେ (ନୃସିଂହନାଥ ମନ୍ଦିର) ପରିସରରେ ଶ୍ରୀମଦ ଭାଗବତ ସପ୍ତାହ ଜ୍ଞାନଯଜ୍ଞ ଅନୁଷ୍ଠିତ ହେଉଅଛି। ଏହି କାର୍ଯ୍ୟକ୍ରମ ୩୦.୮.୨୦୨୪ ତାରିଖ ରୁ ୫.୯.୨୦୨୪ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି କାର୍ଯ୍ୟକ୍ରମରେ ମହନ୍ତ ମଦନ ଗୋପାଳ ଦାସ ମହାରାଜାଙ୍କ ପ୍ରତ୍ୟକ୍ଷ ତ□ାବଧାନରେ ଚାଲିଥିବାର ଜଣା ପଡ଼ିଛି। ପ୍ରବକ୍ତା ବାବା ଶ୍ରୀ ଶ୍ୟାମାନନ୍ଦ ଦାସ ଜୀ ମହାରାଜ ପ୍ରବଚନ ଦେଉଛନ୍ତିଯସେ ସୁଦୂର ଲାଞ୍ଜି ଗଡ଼ ରୁ ଆସିଥିବାର ଜଣା ପଡ଼ିଛି। ପାରାୟଣ ବ୍ୟାସ ବାବା ଶ୍ରୀ ପ୍ରଭୁ ଚରଣ ଦାସ ଜୀ ମହାରାଜ, ଗୌର ଗୋବିନ୍ଦ ଦାସ ମହାରାଜ ପାରାୟଣ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରବଚନ ଶୁଣିବା ପାଇଁ ବହୁ ଭକ୍ତଙ୍କ ସମାଗମ ହେଉଥିବାର ଦେଖିବାକୁ ମିଳିଛି। ମନ୍ଦିର ପରିସରରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି।

# ପଞ୍ଚାୟତ ସ୍ତରୀୟ ବିଜେପିର ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ଗୋଶାଣୀ ବ୍ଲକ ଅନ୍ତର୍ଗତ କେରାଣ୍ଡି ପଚାୟତର ରାମ ସାଗର ଛକ ନିକଟରେ ଥିବା ଶ୍ରୀ ଶ୍ରୀ ରାମ ଲିଙ୍ଗେଶ୍ୱର ମନ୍ଦିର ପରିସରରେ ପଞ୍ଚାୟତ ସ୍ତରୀୟ ବିଜେପି ସଭ୍ୟ ସଂଗ୍ରହ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ନୂତନ ସଭ୍ୟ ସଂଗ୍ରହ କରିବା ସକାଶେ ଆଲୋଚନା ହୋଇ ଥିଲା। ଆଗକୁ ବିଜେପିକୁ ସୁଦୃଢ ତୃଣମୂଳ ସ୍ତରରୁ କିପରି ସଭ୍ୟ ସଂଗ୍ରହ କରାଯିବ,କେନ୍ଦ୍ର ସରକାରଙ୍କ ସଫଳତା, କେନ୍ଦ୍ର ସରକାରଙ୍କ ଯୋଜନା ସଚେତନତା କରାଯାଇ କିପରି ସଫଳ ରୂପାୟନ ହୋଇ ପାରିବ, କେନ୍ଦ୍ର ସରକାରଙ୍କ ଯୋଜନାରେ ପ୍ରକୃତ ହିତାଧିକାରୀ କିପରି ଅନ୍ତର୍ଭୁକ୍ତ ହୋଇ ପାରିବେ ତା ଉପରେ ଗୁରୁତ୍ୱ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ସୁନୀଲ ମହାପାତ୍ର, ମହେନ୍ଦ୍ର ବରାଡ଼,ରାଧାକାନ୍ତ ସାହୁ,ଗୋକୁଳ ଜେନା, ମନୋରଞ୍ଜନ ନାୟକ, ଦୀନବନ୍ଧୁ ସାମଲ,ଇ ଚନ୍ଦ୍ର ଶେଖର, ଏ ସୀମାଦ୍ରୀ ଙ୍କ ସମେତ ବହୁ କର୍ମୀ ଉପସ୍ଥିତ ରହି ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

# ରାୟଗଡ ଜିଲ୍ଲାପାଳଙ୍କ ଗୁଣପୁର ଗସ୍ତ

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କଲେ ସମୀକ୍ଷା

ଗୁଣପୁର/ରାୟଗଡା(ମହାଭାରତ): ରାୟଗଡ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟୱରି ଗୁଣପୁର ଗସ୍ତରେ ଆସି ବିଭିଭ ଉଉୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ ।ପ୍ରଥମେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଁଚି ଉପ ଜିଲ୍ଲାପାଳ କିରନ ଦୀପ କୌରଙ୍କ ସହ ଆଲୋଚନା କରିଥିଲେ । ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଉପ ବିଭାଗ ବୁଲି ଦେଖିଥିଲେ । ସେଠାରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ଯାଇ ସମସ୍ତ ଉଉୟନମୂଳକ କାର୍ଯ୍ୟର ନଥି ମଗାଇ ସମୀକ୍ଷା କରିଥିଲେ ।ପରେ ଗୁଣପୁର ବ୍ଲକ ଅନ୍ତର୍ଗତ କୁଲୁସିଂ ପଞ୍ଚାୟତର ଉଡାପଗରଜଙ୍ଗ ଗ୍ରାମରେ ଅନୁଷ୍ଠିତ ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନା ସଚେତନତା ଶିବିରରେ ଯୋଗ ଦେଇଥିଲେ । ପଲ୍ଲୀରେ ପ୍ରଶାସନ ପହଁଚି ଲୋକଙ୍କ ପାଇଁ ବିଭିଭ ଯୋଜନା ଲୋକାଭିମୁଖୀ କରିବା ସହ ବିଭିଭ ପ୍ରମାଣପତ୍ର ପ୍ରଦାନ କରିଥିଲେ । ବିଦ୍ୟୁତ, ଦକ୍ଷତା ବିକାଶ, ଜଙ୍ଗଲଜମି ପଟ୍ଟା, ପାଣି ପଞ୍ଚାୟତ, ସ୍ୱାସ୍ଥ୍ୟ, ଶିକ୍ଷା, ଶିଶୁ ମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଣ, ସ୍ୱୟଂ ସହାୟକ ଗୋଷ୍ଠୀ ପଞ୍ଜିକୃତ, ଆର୍ଥିକ ସାହାଯ୍ୟ ପ୍ରଦାନ ଆଦି ଉପରେ ଆଲୋକପାତ କରିଥିଲେ । ସମସ୍ତ ମହିଳା ସୁଭଦ୍ରା ଯୋଜନାର ସୁବିଧା ପାଇବା ପାଇଁ ଆହ୍ୱାନ ଦେଇଥିଲେ । ଆଦିମ ଅଧିବାସୀ ଲାଞ୍ଜିଆ ସମ୍ପ୍ରଦାୟର ଯୁବକ ନବେଶ ଶବର ନିଟ ପରିକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବୁର୍ଲା ଭୀମସାରେ ଡାକ୍ତରୀ ପାଠ ପଢିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବାରୁ ଅଞ୍ଚଳର ଗର୍ବ ଓ ଗୌରବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିବା ସହ ନବେଶଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପରେପରେ ଜିଲ୍ଲାପାଳ ପୁଟସିଂ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ



। ଛାତ୍ର ଛାତ୍ରୀ ମାନେ ହଷ୍ଟେଲରେ କିପରି ରହୁଛନ୍ତି, ସେମାନଙ୍କ ଖାଇବା, ପାଠପଢା ଆଦି ବିଷୟରେ ଛାତ୍ରଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ । ଜଳତାର କସ୍ତୁରବା ଗାନ୍ଧୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରୀ ମାନଙ୍କ ସହ ବିଭିଭ ବିଷୟରେ ଆଲୋଚନା କରିଥିଲେ । ଜିଲ୍ଲାପାଳ ଶଗଡା, ନୂଆଗାଁ, ସିନସରି, କୁଲୁସିଂ ଆଦି ଗ୍ରାମରେ ଚାଲିଥିବା ବିଭିଭ ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ଜିଲ୍ଲାପାଳଙ୍କ ଗସ୍ତ ସମୟରେ ଉପ ଜିଲ୍ଲାପାଳ ସୁଶ୍ରୀ କୌର, ଗୋଷ୍ଠୀ ଉଉୟନ ଅଧିକାରୀ ଶୁଭ୍ରାଂଜଳି ପ୍ରଧାନ, ତହସିଲଦାର ଲୀଳାବତୀ ଆଚ୍ଚର୍ଜି, ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡା, ପୋର ନିର୍ବାହୀ ଅଧିକାରୀ ମନୋଜ କୁମାର ତନ୍ତି, ଲାଞ୍ଜିଆ ସୌରା ଉନ୍ନୟନ ପ୍ରକଳ୍ପ ଅଧିକାରୀ ଅସୀମା ରାଓ, ଅତିରିକ୍ତ ମଙ୍ଗଳ ଅଧିକାରୀ ସୁରଜ ନାୟକ, ସାମାଜିକ ସୁରକ୍ଷା ଅଧିକାରୀ ଏଲ ସନ୍ତୋଷ କୁମାର, ଏଇଇ ହରେକୃଷ୍ଣ ପଣ୍ଡା ଆଇଟିଡ଼ିଏ, ବ୍ଲକ, ତହସିଲ ଆଦି କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

# ଉନ୍ନୟନ ମୂଳକ କାର୍ଯ୍ୟର ସମିକ୍ଷା କଲେ ଜିଲ୍ଲାପାଳ

ବରୀ,(ମହାଭାରତ): ଆଜି ଯାଜପୁର ଜିଲ୍ଲାପାଳ ପି ଅନ୍ନେଶା ରେଡ୍ଡୀ ଅଚାନକ ବରୀ ବ୍ଲକ ଗସ୍ତ କରିଛନ୍ତି। ଗସ୍ତ ସମୟରେ ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମିକ୍ଷା କରିବା ସହିତ ଚାଲୁ ରହିଥିବା କାର୍ଯ୍ୟର ତୁରନ୍ତ ସମାପନ କରିବା କ୍ଷେତ୍ରରେ ବିଭାଗୀୟ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ପ୍ରଥମେ ବରୀ ବ୍ଲକ ଓ ପରେ ବରୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ସ୍ୱାସ୍ଥ୍ୟ ସେବା ନେଇ ଆଲୋଚନା କରିବାରୁ ଉପସ୍ଥିତ ରୋଗି ମାନଙ୍କର ବିଭିନ୍ନ ଅଭିଯୋଗ ଆସିଥିଲା। ଯାହାକୁ ନେଇ ଆଗକୁ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା କ୍ଷେତ୍ରରେ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନରେ ଆସି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଥିବା ରୋଗି ମାନଙ୍କ ଅବସ୍ଥା ପଚାରି ବୁଝିବା ସହିତ ଜନ ସାଧାରଣଙ୍କ ସହିତ ସ୍ୱାସ୍ଥ୍ୟ ସେବା ଉପରେ ଆଲୋଚନା କରିବା ବରୀ ପାଇଁ ଶୁଭଙ୍କର ବୋଲି ଆଲୋଚନା ହେଉଛି। ବରୀ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀ ସବ୍ୟସାଚୀ ଦାସଙ୍କ ଦାୟିତ୍ୱ ହୀନତା ଯୋଗୁଁ ଡାକ୍ତର ମାନେ ପାଳିକରି କାର୍ଯ୍ୟ କୁ ଆସୁଛନ୍ତି। ଡାକ୍ତର ମାନେ ନିୟମିତ ଆସୁନାହାନ୍ତି। ରୋଗି ମାନେ ହନ୍ତ ସନ୍ତ ହୋଇ ଯାଜପୁର ଜିଲ୍ଲା ମୂଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ନିମନ୍ତେ ଯାଉଛନ୍ତି। ତେଣୁ ଦାୟିତ୍ୱରେ ଅବହେଳା କରୁଥିବା ଡାକ୍ତରଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ମହୋଦୟା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୁବାସିଶ ମହାରଣାଙ୍କୁନିର୍ଦ୍ଦେଶ ଦେଇଥିଲେ। ଏଥି ସହିତ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଡାକ୍ତର ନ ରହିବା ଲୋକଙ୍କୁ ଉତମ ସ୍ୱାସ୍ଥ୍ୟ ସେବା ନମିଳିବା ଘଟଣାକୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ଯାଜପୁର ଜିଲ୍ଲାପାଳ। ତୁରନ୍ତ ଏ ଦିଗରେ ରିପୋର୍ଟ କରିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ପରେ ଜିଲ୍ଲାପାଳଙ୍କ ଧାରପୁର ପଂଚାୟତ ଗସ୍ତ ସମୟରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ଅଶୋକ ସାମଲଙ୍କ ଉପସ୍ଥିତିରେ ଅମୃତ ସରୋବର ଓ ଧାରପୁର ମହାବିଦ୍ୟାଳୟ ପରିଦର୍ଶନ କରି ଅମୃତ ସରୋବରର ଆହୁରି କିପରି ଉନ୍ନତି ହୋଇପାରିବ ଓ ଶିକ୍ଷା ବ୍ୟବସ୍ଥା ଉପରେ କିପରି ଉନ୍ନତି ଆସିବ ସେ ନେଇ ମଧ୍ୟ ଆଲୋଚନା କରିଥିଲେ।

# ତୁରୁମୁଙ୍ଗା କଲେଜ ପକ୍ଷରୁ ଏଡ଼ସ୍ ସଚେତନତା କାର୍ଯ୍ୟକ୍ରମ

ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ଦଧିବାମନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପକ୍ଷ ରୁ ଏଡ଼ସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଛି। ଏହି ପରିପ୍ରେକ୍ଷୀରେ ରେଡ ରିବନ୍ କ୍ଲବର ରେଡକ୍ରସ ସ୍ୱଚ୍ଛାସେବୀ ଓ ଛାତ୍ରଛାତ୍ରୀ ମାନ ଙ୍କୁ ନେଇ ଶୋଭାଯାତ୍ରା ବାହାରି ଏଡ଼ସ୍ ନିରାକରଣ ସମ୍ବନ୍ଧ ରେ ହାତରେ ଫ୍ଲାକେ କାର୍ଡ଼ି, ସ୍ଲୋଗାନ ଦେଇ ଗ୍ରାମ ସହ ବଜାର ପରିକ୍ରମା କରି ଥିଲେ। ତୁରୁମୁଙ୍ଗା କଲେଜ ପକ୍ଷ ରୁ ଅଧକ୍ଷ ଅଶ୍□ାମା ଗିରିଙ୍କ ସଭାପତିତ୍ୱ ରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ କୁ ମୁଖ୍ୟ ଅତିଥି ଭାବେ ତୁରୁମୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତର ସୁବାଷ ଚନ୍ଦ୍ର କର ଯୋଗଦେଇ ଏଡ଼ସ୍ କିପରି ବ୍ୟାପେ ଓ ନିରାକରଣ ହୋଇ ପାରିବ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ ଅଭିଭାଷଣ ରଖି ଥିଲେ। ମୁଖ୍ୟ ବକ୍ତା ଭାବରେ ପ୍ରାଧାପକ ଯତୀନ୍ଦ୍ର କୁମାର ମିଶ୍ର ଯୋଗ କରି ଆଜି ର ଛାତ୍ରଛାତ୍ରୀ କାଲି ର ଭବିଷ୍ୟତ ଜଣେ ସୁ ମଣିଷ ହୋଇ କିପରି ସମାଜ କୁ ଗଢିବା ତାହା ଉପରେ ପରାମର୍ଶ ଅଭିଭାଷଣ ରଖିଥିଲେ।

# ଉଉୟନ ମୂଳକ କାର୍ଯ୍ୟ ପାଇଁ ସାଂସଦଙ୍କୁ ଦାବିପତ୍ର

କୋକସରା(ମହାଭାରତ) : କୋକସରା ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ମଙ୍ଗଳବାର ବ୍ଲକ ଅଧକ୍ଷା ରିତା ଅଗ୍ରୱାଲ ଓ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ସମିତି ସଭ୍ୟ ସଭ୍ୟା ମାନେ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଓ କଳାହାଣ୍ଡି ଜିଲ୍ଲାପାଳ ପାଓ୍ୱାର ସଚିନ୍ ପ୍ରକାଶଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏବଂ ସାଂସଦ ଓ ଜିଲ୍ଲାପାଳଙ୍କ ସହିତ କୋକସରା



ବ୍ଲକର ବିକାଶ ଓ ବିଭିଭ ସମସ୍ୟା ବିଷୟରେ ଆଲୋଚନା କରିଥିବା ଜଣାପଡ଼ିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ଅଧକ୍ଷା, ବ୍ଲକ ଉପାଧକ୍ଷ ସମେତ ସମିତି ସଭ୍ୟ ଘନଶ୍ୟାମ ନାଏକ, ଗଜାନନ ନିଆଲ, ଗୁପ୍ତେଶ୍ୱର ବାଗ, ଅଞ୍ଜନା ଦୁର୍ଗା, ନର୍ତ୍ତକୀ ଦଣ୍ଡାସେନା, ଉଆଁସୀ ପାନ, ପାର୍ବତୀ ବାଗ, ବୈଦେହୀ ବେଶ୍ରା, ମୁକେ୍ତଶ୍ୱର ନାଏକ, ହେମକାନ୍ତ ପୁଝାରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଧାତୁକ ଗ୍ରାମ ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣୀ

ପାଟଣାଗଡ଼ ( ମହାଭାରତ ) ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ବ୍ଲକ ଧାତୁକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତ ସ୍ତରୀୟ ଜନ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି। ଏହି ଶିବିରରେ ମୋଟ ୩୬୯ ରୁ ଉର୍ଦ୍ଧ ଅଭିଯୋଗ କାରି ଲମ୍ବା ଧାଡ଼ିରେ ଠିଆ ହୋଇ ରେସନ କାର୍ଡ ୭ ଗୋଟି , ବାର୍ଦ୍ଧକ୍ୟ ଭତ୍ତା ୧୨ ,ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୩୫୦ ଅଭିଯୋଗ ପତ୍ର ଦେଇଥିଲେ ଗ୍ରାମ ବାସି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାଟଣାଗଡ ବିଡିଓ ସୁମନ ମିଞ୍ଜ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଇ□ର୍ଜ ଜିପିଓ ସନ୍ତୋଷ ନାଏକ , ସରପ□ ତୁଳସୀରାମ ଠାକୁର , ଇଓ ଜୟଦେବ ରଣା , ଜିଆରଏସ ସଦାନନ୍ଦ ମେହେର , ଜିଓଟ୍ୟାଗ ଭିଷ୍ମ କରୁଆଲ , ଯୋଗାଣ ସହାୟକ ରଞ୍ଜନ କୁମ୍ଭାର , ସମିତି ସଭ୍ୟ ତୁଷାର ରଞ୍ଜନ ଗିନା ସମେତ ସମସ୍ତ ବିଭାଗର ସରକାରୀ କର୍ମଚାରୀ ଉପସ୍ଥିତ ରହି ଥିଲେ ।

# ବିଷ ପିଇ ମହିଳା ମୃତ

ଠାକୁରମୁଣ୍ଡ(ମହାଭାରତ) ୩ ବର୍ଷ ପୂର୍ବରୁ ବିବାହ କରିଥିବା ଜଣେ ମହିଳା ବିଷ ପିଇ ଆତ୍ମହତ୍ୟା କରିଥିବାର ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ସୀମାନ୍ତ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ପଣସଡ଼ିହା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଣିଆ ଯୋଡି ଗ୍ରାମର ସଂଜୟ ହେମ୍ବ୍ରମ ଙ୍କ ସ୍ତ୍ରୀ ଦାଶମା ପୂର୍ତ୍ତି (୨୨) ପରିବାର ଲୋକେ ଘରେ ନଥିବା ବେଳେ ସୋମବାର ସକାଳେ ବିଷ ପିଇ ଥିଲେ। ଦାଶମା ବିଷ ପିଇ ଥିବା ର ଜଣାପଡିବା ପରେ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ସକାଳ ପ୍ରାୟ ୮ ଟା ସମୟରେ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଦିନ ପ୍ରାୟ ୧୦ ଟା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଦାଶମା ଙ୍କ ମୃତ୍ୟୁ ର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ଆନନ୍ଦପୁର ଥାନା କୁ ଏ ନେଇ ପରିବାର ଲୋକେ ସୂଚନା ଦେଇଥିବାର ଜଣାପଡ଼ିଛ।

# ଭାରଶ୍ୟାମ ହରାଇ ରାସ୍ତା କଡ଼ ସରକ୍ଷା ବାଡ଼ ରେ ପିଟି ହୋଇ ବାଇକ ଚାଳକ ମୃତ, ଜଣେ ଗୁରୁତର

କରଞ୍ଜିଆ,(ମହାଭାରତ) ଠାକୁରମୁଣ୍ଡା ଠାରୁ ୨ କିମି ଦୂର ଠାକୁରମୁଣ୍ଡା-ଆନନ୍ଦପୁର ରାସ୍ତାର ଜୋଡାମ୍ବ ଘାଟି ରାସ୍ତା କଡରେ ଥିବା ସୁରକ୍ଷା ବାଡ଼ ରେ ମଙ୍ଗଳବାର ଏକ ବାଇକ ଭାରଶ୍ୟାମ ହରାଇ ପିଟି ହୋଇ ଯିବାରୁ ବାଇକ ଚାଳକ ଙ୍କ ଘଟଣାସ୍ଥଳ ରେ ମୃତ୍ୟୁ ଘଟିଛି। ଏବଂ ବାଇକ ରେ ବସି ଯାଉଥିବା ଅନ୍ୟ ଜଣେ ଗୁରୁତର ହୋଇଛନ୍ତି।ଦୁର୍ଘଟଣା ରେ ମୃତ ବାଇକ ଚାଳକ ଜଣକ ହେଉଛନ୍ତି ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳର ବାବୁଲି ରାଉତ (୩୫) ଓ ଅନ୍ୟ ଗୁରୁତର ଜଣକ ହେଉଛନ୍ତି କାର୍ତ୍ତିକ ଚନ୍ଦ୍ର ବେହେରା (୫୨) ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ନୀଳଗିରି ଅ□ଳ ରୁ ଏକ ବାଇକ ଯୋଗେ ବାବୁଲି ଓ କାର୍ତ୍ତିକ କୌଣସି କାମରେ ଠାକୁରମୁଣ୍ଡା ବ୍ଲକ ସାତକୋଶିଆ ଗ୍ରାମକୁ ଯାଉଥିଲେ। ଦିନ ପ୍ରାୟ ,୧୧ ଟା ବେଳେ ଜୋଡାମ୍ବ ଘାଟି ବାଙ୍କ ଅତିକ୍ରମ କରୁଥିବା ବେଳେ ବାଇକ ଭାରସାମ୍ୟ ହରାଇ ରାସ୍ତା କଡରେ ଲାଗିଥିବା ସୁରକ୍ଷା ବାଡ଼ରେ ପିଟି ହୋଇ ଯାଇଥିଲା। ଦୁର୍ଘଟଣା ର ଖବରପାଇ ୧୦୮ ଆମ୍ବୁଲାନ୍ସ ପହଚି ଘଟଣାସ୍ଥଳ ରୁ ଦୁଇ ଜଣକୁ ଉଦ୍ଧାର କରି ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ବାବୁଲି ରାଉତ ଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଗୁରୁତର କାର୍ତ୍ତିକ ଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଡାକ୍ତର ଚିକିତ୍ସା ପାଇଁ ଘଷିପୁରା ସ୍ୱାସ୍ଥ୍ୟ କେନ୍ଦ୍ର କୁ ସ୍ଥାନାନ୍ତର କରିଛନ୍ତି। ଘଟଣାସ୍ଥଳ କୁ ଠାକୁରମୁଣ୍ଡା ଥାନା ଅଧିକାରୀ ପହଞ୍ଚି ତଦନ୍ତ କରୁଛି

# ପିଜୁଳି ଗଛରେ ଝୁଲୁଛି ବନମାଳି ର ମୃତ ଦେହ

ପାଟଣାଗଡ଼ ( ମହାଭାରତ ) ଖବର ଟି ଆପଣ ପଢିଲେ ଆଶ୍ଚର୍ଯ୍ୟ ହୋଇ ଯିବେ କିନ୍ତୁ ଏହା ସତ ।ଏ ପରି ଏକ ଘଟଣା ଟି ଘଟିଛି ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଦର୍ଲୀପାଲି ପଞ୍ଚାୟତ ସ୍ଥିତ ମାଲପଡ଼ା ଟିକ୍ରାପଡ଼ା ଗ୍ରାମରେ ।ଆଜି ସକାଳ ୬ ଟାରେ ଗୋଟିଏ ମୃତ ଦେହ ପିଜୁଳି ଗଛରେ ଝୁଲୁଥିବା ଗ୍ରାମର କିଛି ଲୋକ ଦେଖିବାକୁ ପାଇଥିଲେ । ସୂଚନା ଅନୁଯାୟୀ ଆଜି ସକାଳୁ କିଛି ଲୋକ ନିଜ ନିଜ ଜମି କୁ ଯାଉଥିଲେ। ହଠାତ୍ ପିଜୁଳି ଗଛରେ ଗାମୁଛା ଲଗାଇ ଜଣେ ବ୍ୟକ୍ତିଙ୍କ ମୃତ ଦେହ ଦେଖି ଭୟରେ ନିଜ ଗ୍ରାମ ର ଲୋକ ମାନଙ୍କୁ ଜଣାଇ ଥିଲେ । ମୃତ ଦେହ ଟି ସ୍ଥାନିୟ ଗ୍ରାମର ବନମାଳି ମାଝୀ ବୟସ ୨୪ କି ୨୫ ହେବ ବୋଲି ଜଣା ପଡ଼ିଥିଲା। ଏହି ଘଟଣା ଖବର ପାଇ ଖପ୍ରାଖୋଲ ପୋଲିସ ଏସଆଇ ଲକ୍ଷ୍ମିଧର ସ୍ୱାଇଁ ଏବଂ ତାଙ୍କ ପୁଲିସ ଟିମ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ।

## ଜିଲ୍ଲାର ଅନେକ ବିଭାଗରେ ମୁଖିଆ ପଦବି ଖାଲି

# ବଦଳି ଓ ଅବସର ନେଉଛନ୍ତି କିନ୍ତୁ ଜିଲ୍ଲାକୁ ମିଳୁନାହାନ୍ତି ସ୍ଥାୟୀ ଅଧିକାରୀ

ନୟାଗଡ଼, ( ମହାଭାରତ ) : ଜିଲ୍ଲାର ଏବେ ଅଧିକାଂଶ ବିଭାଗର ସ୍ଥାୟୀ ମୁଖିଆ ନାହାନ୍ତି। ଦୀର୍ଘ ଦିନ ହେଲା ଏହି ପଦବିରେ ଥିବା ଅଧିକାରୀଙ୍କର ଏଠାରୁ ବଦଳି ହୋଇଗଲାଣି। ଆଉ କିଏ ଅବସର ଗ୍ରହଣ କରିସାରିଲେଣି ତଥାପି ଏହି ସ୍ଥାନରେ ନୂତନ ଭାବେ କାହାରିକୁ ନିଯୁକ୍ତି ଦିଆଯାଉନାହ। ଫଳରେ କାମ ଚଳାଇବା ପାଇଁ ବରିଷ୍ଠତା ଭିତ୍ତିରେ ଅଧିକାରୀ ମାନଙ୍କୁ ଏହି ପଦବି ଦାୟିତ୍ୱରେ ରଖାଯାଉଛି। ଏହା ଦ୍ୱାରା ସରକାରୀ କାର୍ଯ୍ୟ ବହୁ ଭାବେ ପ୍ରଭାବିତ ହେଉଛି। କେବଳ ସେତିକି ନୁହେଁ, ଅସ୍ଥାୟୀ ଭାବେ ଦାୟିତ୍ୱରେ ରହୁଥିବା ଅଧିକାରୀ ମାନେ ମଧ୍ୟ ଆବଶ୍ୟକ ସମୟରେ ଠିକ୍ ନିଷ୍ପତ୍ତି ନେଇପାରୁନଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ, ଜିଲ୍ଲା କୃଷି ବିଭାଗ ଅଧିକାରୀ ଭାବେ କାର୍ଯ୍ୟରତ ହରିଚରଣ ରଥ ଗତ ଜୁନ ମାସରୁ ଅବସର ନେଇସାରିଲେଣି। ତାଙ୍କ ସ୍ଥାନରେ ବ୍ରହ୍ମପୁରରେ କାର୍ଯ୍ୟରତ ଅଧିକାରୀ ସୁଧାଂଶୁ କୁମାର ନନ୍ଦଙ୍କୁ ଏଠାକୁ ବଦଳି କରାଯାଇଥିଲା। ସେ ମଧ୍ୟ ଗତ ମାସରେ ଅବସର ଗ୍ରହଣ କରିଛନ୍ତି। ମାତ୍ର ମାସକ ପାଇଁ ସେ ନୟାଗଡ଼ ଜିଲ୍ଲାରେ ଜିଲ୍ଲା କୃଷି ବିଭାଗ ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ଏହି ପଦବିର ଜଣେ ଅସ୍ଥାୟୀ ଅଧିକାରୀ ଦାୟିତ୍ୱରେ ରହିଛନ୍ତି। ଏବେ ଚାଷ କାର୍ଯ୍ୟ ଜୋରଦାର ଚାଲିଥିବା ବେଳେ ସାର ଓ ଔଷଧ ଯୋଗାଣ ହେଉ ଅବା ଅନ୍ୟାନ୍ୟ ସରକାରୀ କାର୍ଯ୍ୟ କରାଇବାରେ ନାହିଁ ନଥିବା ଅସୁବିଧା ହେଉଛି।



ଏହାସହ ଉଠା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଦୁଃଶାସନ ଜେନାଙ୍କର ଦୁଇ ମାସ ହେଲା କେନ୍ଦ୍ରାପଡ଼ା ଜିଲ୍ଲାକୁ ବଦଳି ହୋଇଗଲାଣ। ତାଙ୍କ ସ୍ଥାନରେ ଏଠାରେ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। ଏହା ସହ ଜିଲ୍ଲା ସଂସ୍କୃତି ଅଧିକାରୀ ଭାବେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦାୟିତ୍ୱରେ ଥିବା ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଦୀର୍ଘ ବର୍ଷ ହେଲା ନୟାଗଡ଼ ଦାୟିତ୍ୱରେ ଅଛନ୍ତି। ଏ ନେଇ ବିଭିଭ ସଂଗଠନ ପକ୍ଷରୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗରେ ସ୍ଥାୟୀ ଅଧିକାରୀ ଭାବେ କାହାରିକୁ ନିଯୁକ୍ତି ଦିଆଯାଉ ନାହିଁଯ ନୟାଗଡ଼ ଜଳସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରାଣବନ୍ଧୁ ବେହେରା ତିନି ମାସ ହେଲା ଏଠାରୁ ଅବସର ଗ୍ରହଣ କରିସାରିଲେଣି। ଜିଲ୍ଲା ମୁଖ୍ୟାଳୟରେ ଜଳସେଚନ ବିଭାଗର ଜଣେ ସ୍ଥାୟୀ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଉ ନାହିଁ। ଶରଣକୁଳର ଜଣେ ବିଭାଗୀୟ ଅଧିକାରୀଙ୍କୁ ଏଠାରେ ଦାୟିତ୍ୱରେ ରଖାଯାଇଛି। ଲଗାଣ ବର୍ଷା ସମୟରେ ମହାନଦୀରେ ପାଣି ବଢ଼ିବା ହେଉ ଅବା ଏକାଧିକ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରାଇବା ଦିଗରେ ଜଣେ ସ୍ଥାୟୀ ଅଧିକାରୀଙ୍କ ନିହାତି ଆବଶ୍ୟକତା ରହିଛି। ମାତ୍ର ଏ ଦିଗରେ ଆଜି ପର୍ଯ୍ୟନ୍ତ କିଛି ବି ପଦକ୍ଷେପ ନିଆଯାଉ ନାହିଁଯ ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ-୧ ନିର୍ବାହୀ ଯନ୍ତ୍ରୀ ହୃଷୀକେଶ ବରାଳ ମଧ୍ୟ ଅବସର ନେଇସାରିଲେଣି ଏହି ଡିଭିଜନ ଅଧୀନରେ ନୟାଗଡ଼, ରଣପୁର, ଖଣ୍ଡପଡ଼ା, ଭାପୁର ଓ ଓଡ଼ଗାଁ ବ୍ଲକ୍ ରହିଛି। ସେହିପରି ଡିଭିଜନ-୨ରେ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କର ଦୀର୍ଘ ଦିନ ହେଲା ଏଠାରୁ ବଦଳି କରାଗଲାଣି। ଏହି ବିଭାଗ ଅଧୀନରେ ଦଶପଲ୍ଲା, ନୂଆଗାଁ ଓ ଗଣିଆ ବ୍ଲକ୍ ରହିଛି। ଫଳରେ ଏହି ତିନି ବ୍ଲକରେ ଚାଲିଥିବା ଉଉୟନ କାର୍ଯ୍ୟଗୁଡ଼ିକ ବାଧାପ୍ରାପ୍ତ ହେଉଛି। ଯେଉଁମାନେ ଦାୟିତ୍ୱରେ ରହୁଛନ୍ତି, ସେମାନେ ଠିକ୍ ଭାବେ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଏଣୁ ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଭୋଟର ତାଲିକା ସଂଶୋଧନ ପାଇଁ ପ୍ରସ୍ତୁତି ବୈଠକ

# ଆସନ୍ତା ଅକ୍ଟୋବର ୨୯ ରୁ ନଭେମ୍ବର ୨୮ ପର୍ଯ୍ୟନ୍ତ ହେବ ସଂଶୋଧନ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୦୨୫ ମସିହାକୁ ପ୍ରକାଶିତ ହେବାକୁ ଥିବା ଭୋଟର ତାଲିକାର ସଂଶୋଧନ, ନୂତନ ଭୋଟର ସଂଯୋଗୀକରଣ। ଭୋଟର ସ୍ଥାନାନ୍ତରୀକରଣ ଓ ତାଲିକାରୁ ମୃତ ଭୋଟରଙ୍କୁ ବାଦ୍ ଦେବା ଆଦି କାର୍ଯ୍ୟକ୍ରମ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଅଗ୍ରୱାଲ କହିଛନ୍ତି, ବର୍ତ୍ତମାନ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ଦ୍ୱାରା ଘରକୁ ଘର ବୁଲି ସଂଶୋଧନ ପ୍ରସ୍ତୁତି ଚାଲିଛି। ବାର୍ଷିକ ୪ଟି ସ୍ତରରେ ଯଥା ପ୍ରଥମେ ଜାନୁଆରି ୧, ଦ୍ୱିତୀୟ ଏପ୍ରିଲ ୧, ତୃତୀୟ




ଜୁଲାଇ ୧ ଏବଂ ଚତୁର୍ଥ ଅକ୍ଟୋବର ୧ ପର୍ଯ୍ୟନ୍ତ ଯେଉଁ ନୂତନ ଭୋଟର ମାନ ୧୮ ବର୍ଷ ହେବ, ସେମାନେ ଭୋଟର ତାଲିକାରେ ସେମାନଙ୍କ ନାମ ପଞ୍ଜୀକରଣ କରିପାରିବେ ସେଥିପାଇଁ ସେମାନେ ଫର୍ମ-୬ ରେ ଦରଖାସ୍ତ କରିପାରିବେ। ଯେଉଁ ଭୋଟର ମାନେ ଭୋଟର ତାଲିକାରୁ ବାଦ୍ ପଡ଼ିବେ, ସେମାନଙ୍କ ପାଇଁ ଫର୍ମ-୭ ବ୍ୟବହାର କରାଯିବ। ଯେଉଁ ଭୋଟର ମାନେ ଭୋଟର ତାଲିକାରେ ସେମାନଙ୍କ ନାମ, ବୟସ, ସ୍ଥାନ ବା ଫଟୋ ଆଦି ନେଇ ସଂଶୋଧନ କରିବାକୁ ଚାହୁଁଛନ୍ତି ସେମାନେ ଫର୍ମ-୮ ବ୍ୟବହାର କରିପାରିବେୟ ସେଥିପାଇଁ ଆସନ୍ତା ଅକ୍ଟୋବର ୨୯ ରୁ ନଭେମ୍ବର ୨୮ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି। ଏହି ସଂଶୋଧନ କାର୍ଯ୍ୟକ୍ରମରେ ରାଜନୈତିକ ଦଳର ଏଜେ□ ମାନେ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କୁ ସହଯୋଗ କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥି ଥିଲେ। ଏହା ବ୍ୟତୀତ ବୁଥ୍ ସ୍ତରୀୟ ଅଧିକାରୀ ମାନେ ଏହି ସଂଶୋଧନ ନିମନ୍ତେ ନଭେମ୍ବର ର ମାସର ୨, ୧୦, ୧୬ ଓ ୨୪ ତାରିଖକୁ ମିଶାଇ ୪ଟି ସ୍ୱତନ୍ତ୍ର ଅଭିଯାନ କରିବେ। ଯେଉଁଥିରେ ସେମାନେ ପୂର୍ବାହ୍ନ ୮ଟାରୁ ଅପରାହ୍ନ ୫ପର୍ଯ୍ୟନ୍ତ ବୁଥ୍ ରେ ଦରଖାସ୍ତ ଗ୍ରହଣ କରିବେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଡେପୁଟି କଲେକ୍ଟର (ନିର୍ବାଚନ) ଅଭିଜିତ ଷଡ଼ଙ୍ଗୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁଙ୍କ ସମେତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଦୁର୍ଘଟଣା, ହୋମଗାର୍ଡ ମୃତ, ଆଇଆଇସି ଗୁରୁତର

କପ୍ତିପଦା -(ମହାଭାରତ : ଛାତିଥରା ଦୁର୍ଘଟଣା। ପୋଲିସ ଗାଡିକୁ ଧକ୍କା ଦେଲା ୧୦୮, ୧୦୮ ଧକ୍କାରେ ୩ ରାଉଣ୍ଡ ଓଲଟିଲା ପୋଲିସ ଗାଡି। ଗାଡି ତଳେ ଚାପି ହୋଇ ଚାଲିଗଲା ହୋମଗାର୍ଡଙ୍କ ଜୀବନ, ଆଇଆଇସି ଓ ପୋଲିସ ଡ୍ରାଇଭର ଅବସ୍ଥା ସଂକଟାପନ୍ନ। ଗତକାଲି ବିଳମ୍ବିତ ରାତିରେ ଉଦଳା ଇଣ୍ଡିଆନ ଓଏଲ ପେଟ୍ରୋଲ ପମ୍ପ ସାମ୍ନାରେ ରାଜ୍ୟ ରାଜପଥରେ ଘଟିଯାଇଛି ମର୍ମନ୍ତୁଦ ଦୁର୍ଘଟଣା। ବିଳମ୍ବିତ ରାତିରେ ଉଦଳା ଆଇଆଇସି ବନମାଳୀ ବାରିକ ଅନ୍ୟ ପୋଲିସ କର୍ମଚାରୀଙ୍କୁ ଧରି ପେଟ୍ରୋଲିଙ୍ଗ ଏବଂ ଚେକିଂ କରୁଥିଲେ। ଇଣ୍ଡିଆନ ଓଏଲ ପେଟ୍ରୋଲ ପମ୍ପ ନିକଟରେ ପୋଲିସ ଗାଡି ଛିଡା କରି ବାଇକରେ ଯାଉଥିବା ଯୁବକଙ୍କ ତନଖି ନିମନ୍ତେ ଅନ୍ୟ କର୍ମଚାରୀ ଓହ୍ଲାଇଥିବା ବେଳେ ହଠାତ ବାରିପଦା ରୁ କପ୍ତିପଦା ଅଭିମୁଖେ ଯାଉଥିବା ଏକ ୧୦୮ ଆମ୍ବୁଲାନ୍ସ ଆସି ପୋଲିସ ଗାଡିକୁ ଦ୍ରୁତ ବେଗରେ ଧକ୍କା ଦେଇଥିଲା। କେବଳ ସେତିକି ନୁହେଁ ଏତେ ଜୋରରେ ଧକ୍କା ଦେଇଥିଲା ଯେ ପୋଲିସ ଗାଡିଟି ୩ ରାଉଣ୍ଡ ଓଲଟି ଥିଲା ଏବଂ ତତପରେ ମଧ୍ୟ ୧୦୮ ଆମ୍ବୁଲାନ୍ସଟି ପୋଲିସ ଗାଡିକୁ ଘୋଷାରି ନେଇଥିଲା। ପୋଲିସ ଗାଡି ଓଲଟିବା ଫଳରେ ଗାଡ଼ିରେ ଥିବା ଉଦଳା ଆଇଆଇସି ବନମାଳୀ ବାରିକ, ଡ୍ରାଇଭର ସଦାନନ୍ଦ ସିଂ ଗାଡି ଭିତରେ ଗୁରୁତର ହୋଇଥିଲେ, ଅନ୍ୟପଟେ ଗାଡି ଭିତରେ ଥିବା ହୋମଗାର୍ଡ ଲକ୍ଷ୍ମୀଧର ମହାନ୍ତ ପୋଲିସ ଗାଡି ତଳେ ଚାପି ହେବା ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଅନ୍ୟପଟେ ୧୦୮ ଆମ୍ବୁଲାନ୍ସର ହେଲ୍ପର ହେମନ୍ତ ନାଏକ, ଫାର୍ମାସିଷ୍ଟ ସତ୍ୟଜିତ ପଣ୍ଡାଙ୍କ ଅବସ୍ଥା ମଧ୍ୟ ଗୁରୁତର ହୋଇଛି। ଆମ୍ବୁଲାନ୍ସ ଡ୍ରାଇଭର ଆହତ ହୋଇଛନ୍ତିୟ ଖବର ପାଇ ତୁରନ୍ତ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି। ସମସ୍ତଙ୍କୁ ଚିକିତ୍ସା ନିମନ୍ତେ ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ପୋଲିସ ଗାଡି ଡ୍ରାଇଭର ସଦାନନ୍ଦ ଏବଂ ଆଇଆଇସି ବନମାଳୀ ବାରିକ ଙ୍କ ଅବସ୍ଥା ଗୁରୁତର ରହିଥିବାରୁ ସେମାନଙ୍କୁ ତୁରନ୍ତ ବାରିପଦା ସ୍ଥାନାନ୍ତର କରାଯାଇଛି। ପୋଲିସ ଗାଡି କୁ ଦେଖିଲେ ଦୁର୍ଘଟଣା ଯେ କେତେ ଭୟଙ୍କର ଥିଲା ତାହା ସ୍ପଷ୍ଟ ବାରି ହୋଇ ପଡୁଛି। ଦୁର୍ଘଟଣାରେ ପୋଲିସ ଗାଡି ଏବଂ ୧୦୮ ଉଭୟ ଚୁରମାର। ଖବର ପାଇଁ ଏସଡିପିଓ ମଧ୍ୟ ଡାକ୍ତରଖାନାରେ ପହଞ୍ଚି ପୁରା ଘଟଣା ଉପରେ ନଜର ରଖିଛନ୍ତି।

## ହୋମିଓପାଥି ଚିକିତ୍ସାଳୟ ର ବରିଷ୍ଠ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅସ୍ତରଙ୍ଗ,(ମହାଭାରତ):- ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୋରଣା ପଞ୍ଚାୟତ ଉଦୟପୁର ରେ ସ୍ଥିତ ସରକାରୀ ହୋମିଓପାଥି ଚିକିତ୍ସାଳୟ ର ଜଣେ ବରିଷ୍ଠ କର୍ମଚାରୀ କୈଳାଶ ଚନ୍ଦ୍ର ପାଣି ଅବସର ନେଇଛନ୍ତି। କୈଳାଶ ଜଣେ ମିଷ୍ଟଭାଷୀ, ନିଷ୍ଠାବାନ ମଣିଷ ରୂପେ ବେଶ ପରିଚିତ। ତାଙ୍କ କର୍ମମୟ ଜୀବନ ଅତ୍ୟନ୍ତ ନିଆରା ହୋଇଥିବା ବେଳେ ଅନେକ ରୋଗୀ ଙ୍କୁ ନିଜର କରାଇ ଏକ ସ୍ୱତନ୍ତ୍ର ପରିଚୟ ଉଦୟପୁର ଅଞ୍ଚଳ ରେ ସୃଷ୍ଟି କରିଛନ୍ତି। ଚିକିତ୍ସାକେନ୍ଦ୍ର କୁ ଯେ କୌଣସି ରୋଗୀ ଆସନ୍ତୁ ତାଙ୍କୁ ମିଠା ମିଠା କଥା କହି ତାଙ୍କ ମନ ଜିଣିବା ସହ ତାଙ୍କୁ ଏଭଳି ବ୍ୟବହାର କରୁଥିଲେ ସେଥିରେ ଆସିଥିବା ରୋଗୀ ମାନେ ତାଙ୍କୁ ନିଜ ପରିବାର ସଦସ୍ୟ ବୋଲି ମନେ କରୁଥିଲେ। ଯାହାକୁ ନେଇ ସେଠାକର ପୋଷ୍ଟ ମାଷ୍ଟର ସୌରଭ ବେହେରା। ସ୍ଥାନୀୟ ବିଦ୍ୟାଳୟ ର ସହକାରୀ ପ୍ରଧାନଶିକ୍ଷକ ଆଶୀଷ କୁମାର ରାଉତ ତାଙ୍କ ବିଷୟରେ ମତାମତ ଦେଇଛନ୍ତି। ଦୀର୍ଘ ୪୦ ବର୍ଷ କର୍ମ ମୟ ଜୀବନ ରେ ସମସ୍ତେ ତାଙ୍କ ର ନିଜର ଆଉ ଆସୁଥିବା ରୋଗୀ କିପରି ବ୍ୟବହାର ରେ ନିଜ ର ଅଧେ ରୋଗ ରୁ ଉପଶମ ହୋଇପାରିବ ସେଥିପାଇଁ ସଦାସର୍ବଦା ଚେଷ୍ଟିତ ବୋଲି ଶ୍ରୀଯୁକ୍ତ ଦାସ ମତାମତ ଦେଇଛନ୍ତି। କେବଳ ଚିକିତ୍ସାକେନ୍ଦ୍ର ନୁହେଁ ଉଦୟପୁର ରେ ଥିବା ଛୋଟ ବଜାର ରେ ସମସ୍ତ ବ୍ୟବସାୟୀ ସ୍ଥାନୀୟ ମହାବିଦ୍ୟାଳୟ ଓ ବିଦ୍ୟାଳୟ ର ସମସ୍ତ କର୍ମଚାରୀ ଙ୍କ ସହିତ ସୃଷ୍ଟି କରିଛନ୍ତି ଏକ ନିଆରା ବନ୍ଧୁତ୍ୱ ଓ ସମ୍ପର୍କ। ଯାହା ଦେଖିବାକୁ ମିଳିଥିଲା ତାଙ୍କ ଅବସର ସମୟ ରେ ଅନେକ ଛୋଟ ବଡ଼ ନାଗରିକ ଓ ସ୍ଥାନୀୟ ବ୍ୟବସାୟୀ ମାନେ ରୁଣ୍ଡ ହୋଇ ଶ୍ରୀଯୁକ୍ତ ଦାସ ଙ୍କୁ କୋଳାଗ୍ରତ କରିବା ସହ ଆଲିଙ୍ଗନ କରିବା। ଯାହାକୁ ନେଇ ସ୍ଥାନୀୟ ମହାବିଦ୍ୟାଳୟ ଅଧକ୍ଷ କୈଳାଶ ଚନ୍ଦ୍ର ପ୍ରଧାନ କୁହନ୍ତି ସେ କେବଳ ଜଣେ ମଣିଷ ନୁହନ୍ତି ବରଂ ଜଣେ ମହାନ ପୁରୁଷ ମଧ, ଏହି ଆନୁକୂଲ୍ୟରେ ୱାର୍ଡ ସଭ୍ୟା କାଦମ୍ବିନୀ ରାଉତ, ଶୁଭଶ୍ରୀ ନାୟକ, ଡାକ୍ତର ମିନତୀ ବେହେରା, ଙ୍କ ସମେତ ଚିକିତ୍ସାକେନ୍ଦ୍ର ର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶ୍ରୀଯୁକ୍ତ ଦାସ ଙ୍କୁ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧନା କରିବା ସହିତ ସ୍ଥାନୀୟ ଲୋକ ତାଙ୍କୁ ଅଞ୍ଚଳ ପରିକ୍ରମା କରାଇଛନ୍ତି। ତାଙ୍କ ଅବସର କୁ ନେଇ ସ୍ଥାନୀୟ ଲୋକ ଦୁଃଖ ପ୍ରକାଶ କରିବା ସହିତ ମେଡିକାଲ କର୍ମୀ ମଧ ଜଣେ ଉତ୍ତମ ମଣିଷ ଙ୍କୁ ବିଦାୟ ଦେଇ ଦୁଃଖ ପରିପ୍ରକାଶ କରିଛନ୍ତି ।

## ନବରଙ୍ଗପୁର ଜିଲ୍ଲା ଶାଖା ରେଡକ୍ରସ ସୋସାଇଟିର ସାଧାରଣ ବୈଠକ

ନବରଙ୍ଗପୁର:(ମହାଭାରତ): ନବରଙ୍ଗପୁର ମିଶନ ଶକ୍ତି ସଭାଗୃହ ରେ ଜିଲ୍ଲା ସ୍ତରୀୟ ରେଡ଼କ୍ରସ ର ସାଧାରଣ ବୈଠକ ଅଧକ୍ଷ ଭାରତୀୟ ରେଡ଼କ୍ରସ ସୋସାଇଟି, ଜିଲ୍ଲା ଶାଖା ନବରଙ୍ଗପୁର ତଥା ଜିଲ୍ଲାପାଳ ନବରଙ୍ଗପୁର ଡ଼ଃ ଶୁଭଙ୍କର ମହାପାତ୍ର ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଉପସ୍ଥିତ ଥିବା ସମସ୍ତ ସଭ୍ୟଙ୍କୁ ରେଡ଼କ୍ରସ ର ମୌଳିକ ନୀତି ଆଦର୍ଶ ଉପରେ ଆଲୋକପାତ କରିଥିଲେ । ତଥା ମାନବିକତା- ମାନବ ସେବାହିଁ ମାଧବ ସେବା । ସେବା ହିଁ ରେଡ଼କ୍ରସର ଆଦ୍ୟ ଆଦର୍ଶ ସମାଜରେ ଦୁଃଖୀ ଓ ଦରିଦ୍ରଙ୍କ ର ସେବା ପାଇଁ ରେଡ଼କ୍ରସ ସର୍ବଦା ହାତ ବଢ଼ାଇ ଥାଏ । ଏହା ଶାନ୍ତି, ମୈତ୍ରୀ ଓ ପ୍ରୀତିରେ ବିଶ୍ୱାସ କରିବା ସହ ସମାଜରେ ମାନବିକତା ପ୍ରତିଷ୍ଠା ପାଇଁ ପାରିପାର୍ଶ୍ୱିକ ବୁଝାବଣା, ସହଯୋଗ ଓ ବନ୍ଧୁତ୍ୱ ବୃଦ୍ଧି କରିଥାଏ । ସ୍ୱେଚ୍ଛାକୃତ ସେବା ନିଜ ଜୀବନକୁ ଇଚ୍ଛାକୃତ ଭାବେ ସମାଜର ସ୍ୱାର୍ଥ ଓ ସେବା ପାଇଁ ନିୟୋଜନ କରିଥିବା ଦରଦୀ ମଣିଷର ଅନୁଷ୍ଠାନ ହେଉଛି ରେଡ଼କ୍ରସ । ଏଠି ନାହିଁ ବାଧ ବାଧକତା,ବରଂ ରହିଛି ମଣିଷ ହୃଦୟ ରୁ ଉତୁରି ଆସୁଥିବା ସ୍ୱେଚ୍ଛାକୃତ ସେବାର ମହାନ ପ୍ଲାବନ । ଦ୍ୱିତୀୟତଃ ଗୃହରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ ୨୦୨୩-୨୦୪ ମସିହା ର ଆୟ ଓ ବ୍ୟୟର ହିସାବ ଉପସ୍ଥାପନା କରିଥିଲେ , ତାହା ସର୍ବସମ୍ମତିଙ୍କ ସହମତିରେ ଗୃହରେ ପାରିତ ହୋଇଥିଲା । ତହସିଲଦାର କୋଡ଼ିଙ୍ଗା, ଜିଲ୍ଲା ଶିକ୍ଷା ଅଧିକାରୀ ନବରଙ୍ଗପୁର ଏବଂ ଜିଲ୍ଲା ଅବକାରୀ ବିଭାଗ ଅଧିକାରୀ ମାନେ ଆଶାନୁରୂପ ପାଣ୍ଠି ଆଦାୟ କରି ଥିବାରୁ ଜିଲ୍ଲାପାଳ ଖୁସି ବ୍ୟକ୍ତ କରିଥିଲେ । ଯେଉଁ ଅଧିକାରୀ ମାନେ ନିର୍ଦ୍ଧାରିତ ଆଶାନୁରୂପକ ରେଡ଼କ୍ରସ ପାଣ୍ଠି ଜମା କରିନାହାନ୍ତି ଅତିଶୀଘ୍ର ଜିଲା ଜରୁରୀ କାଳୀନ ବିଭାଗ ରେ ପାଣ୍ଠି ପଇଠ କରିବା ପାଇଁ ପରାମର୍ଶ ଦେଇଥିଲେ। ଆୟ ଅନୁସାରେ ବ୍ୟୟ ର ପରିମାଣ ଅଧିକ ଥିବାରୁ ଜିଲ୍ଲାପାଳ ଗୃହରେ କ୍ଷୋଭ ପ୍ରକାଶ କରି ରେଡ଼କ୍ରସ ପାଣ୍ଠି ର ଆୟ ବୃଦ୍ଧି କରିବା ସମ୍ପର୍କରେ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରବାନ, ଉପ ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ମୁଖ୍ୟ ଚିକିତ୍ସାଧିକାରୀ, ଡ଼ଃ ମଳୟ କୁମାର ତ୍ରିପାଠୀ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ, ଗୀତାଞ୍ଜଳି ବେହେରା, ଡେପୁଟି କଲେକ୍ଟର ମଧୁମିତା ପାମେଲା କର, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ପ୍ରକଳ୍ପ ପ୍ରଶାସକ ପି ଏ ଆଇ ଟି ଡିଏ ରାଜୀବ କୁମାର ସାହୁ,ପଞ୍ଚାୟତ ଅଧିକାରୀ, ପଦ୍ମନାଭ ତ୍ରିପାଠୀ , ଜିଲ୍ଲା ପ୍ରାଣୀ ଧନ ଚିକିତ୍ସା ଅଧିକାରୀ ରାଧାଶ୍ୟାମ ଲାଇକ, ନିର୍ବାହୀ ଅଧିକାରୀ ପୌର ପରିଷଦ ନବରଙ୍ଗପୁର ଶଙ୍କର କେରକେଟା,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଘାସିଆ ହରିଜନ, ନବରଙ୍ଗପୁର ପବ୍ଲିକ ସ୍କୁଲର ଅଧକ୍ଷା ସ୍ୱର୍ଣ୍ଣଲତା ପଟ୍ଟନାୟକ, ରାକେଶ କୁମାର ପଟ୍ଟନାୟକ ଙ୍କ ସହ ଜିଲ୍ଲା ସ୍ତରୀୟ ଅଧିକାରୀ ,ଜିଲ୍ଲାର ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଶିଶୁ ବିକାଶ ଅଧିକାରୀ ବିଭିନ୍ନ ବିଭାଗୀୟ ଅଧିକାରୀ ବୈଠକରେ ଯୋଗ ଦେଇଥିଲେ।

## ଗଉଡ଼ୁଣୀ ଜଙ୍ଗଲ ରୁ ଶାଗୁଆନ କାଠ ଚୋରି ଅଭିଯୋଗ ରେ ଜଣେ ଗିରଫ



ଆସିକା (ମହାଭାରତ): ଘୁମୁସର ବନଖଣ୍ଡ ଆସିକା ବାନାଞ୍ଚଳ ଅଧୀନ ଗୌଡୁନି ସଂରକ୍ଷିତ ଜଙ୍ଗଲ ନିକଟ ଅସୁରେଇ ପଲ୍ଲୀ ଗ୍ରାମ ରୁ ଶାଗୁଆନ କାଠ ଚୋରି ଅଭିଯୋଗ ରେ ଜଣଙ୍କୁ ଗିରଫ କରିଛି ଆସିକା ବନ ବିଭାଗ ।ଗତକାଲି ପେଟ୍ରୋଲିଙ୍ଗ ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଆସିକା ରେଞ୍ଜର ପ୍ରମୋଦ କୁମାର ପଣ୍ଡା ଙ୍କ ନିର୍ଦ୍ଦେଶ କ୍ରମେ ବନପାଳ ଶରତ ଚନ୍ଦ୍ର ବେହେରା, ବନରକ୍ଷୀ ବାଳକୃଷ୍ଣ ପାଣିଗ୍ରାହୀ ସଦଳ ବଳେ ଗୌଡୁଣୀ ସଂରକ୍ଷିତ ଜଙ୍ଗଲରେ ଚଢ଼ାଉ କରିଥିଲେ ଚଢ଼ାଉ ବେଳେ ଅସୁରୟୀପଲ୍ଲୀ ର ନାରାୟଣ ଦାସ (୩୦) ଙ୍କ ସମେତ ଆହୁରି ୫ ରୁ ୬ ଜଣ ଏକ ଶାଗୁଆଣୀ ଗଛ କାଟି ବାହାରକୁ ଆଣୁଥିବା ସମୟରେ ପୋଲିସ ସେମାନଙ୍କୁ ମାଡି ବସି ସେମାନଙ୍କ ନିକଟରୁ ୨୦ ଘନଫୁଟର ଶାଗୁଆନ କାଠ ଜବତ କରିଥିଲା ଏବଂ ଘଟଣା ସ୍ଥଳରୁ ନାରାୟଣ ଦାସ କୁ ଛାଡି ଅନ୍ୟ ସମସ୍ତେ ଖସି ଯିବାରେ ସଫଳ ହୋଇଥିଲେ । ପୋଲିସ ନାରାୟଣ ଦାସ କୁ ଗିରଫ କରି ଆସିକା ରେଞ୍ଜ କାର୍ଯ୍ୟାଳୟ କେସ ନମ୍ବର ରେ ୧୦୫/୨୪ ଏକ ମାମଲା ରୁଜୁ କରି ଗିରଫ କରି କୋର୍ଟ ଚାଲାଣ କରିଥିବା ରେଞ୍ଜର ପ୍ରମୋଦ କୁମାର ପଣ୍ଡା ସୂଚନା ପ୍ରଦାନ କରିଛନ୍ତି। ଏହି ଚଢ଼ାଉ ରେ ରଘୁନାଥ ପ୍ରଧାନ, ଗଣେଶ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ ।

## ଭାରତ ସରକାରଙ୍କ ସାମାଜିକ ସମୀକ୍ଷକ ଜନଶୁଣାଣି ଶିବିର ଅନୁଷ୍ଠିତ



ଅସ୍ତରଙ୍ଗ, (ମହାଭାରତ): ଆଜି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କନଫରେନ୍ସ କକ୍ଷ ରେ ଉପଜିଲ୍ଲାପାଳ ଗୋପୀନାଥ କୁଅଁର ଙ୍କ ସଭାପତିତ୍ୱ ରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା ଓ ୧୫ ଦଶ ଅର୍ଥ କମିଶନ ର ୨୦୨୪ - ୨୫ ଆର୍ଥିକ ବର୍ଷ ର ବ୍ଲକ ସ୍ତରୀୟ ସାମାଜିକ ସମୀକ୍ଷକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାର ଙ୍କ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଉପରେ ସବିଶେଷ ଆଲୋଚନା ସହିତ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବା ଏହି ଶିବିର ର ମୂଳ ଉଦ୍ଦେଶ୍ୟ, ସରକାର ଙ୍କ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା,ଜାତୀୟ ଖାଦ୍ୟ ସୁରକ୍ଷା ଆଇନ,ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ, ପ୍ରଧାନମନ୍ତ୍ରୀ ପୋଷଣ ଶକ୍ତି ନିର୍ମାଣ ଯୋଜନା,ସମନିତ ଶିଶୁ ବିକାଶ ଯୋଜନା ଓ ମମତା ଯୋଜନା ର ୨୦୨୩-୨୪ (ଦ୍ୱିତୀୟ ପକ୍ଷ ), ଏବଂ ୨୦୨୪-୨୫(୧ମ ପକ୍ଷ ) ପର୍ଯ୍ୟନ୍ତ ପଞ୍ଚାୟତସମିତି ସ୍ତରରେ ହୋଇଥିବା ସମସ୍ତ ପ୍ରକଳ୍ପ ର ଜନଶୁଣାଣି ଆଜି ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟ ରେ କୌଣସି ଆପତ୍ତି ଅଭିଯୋଗ ଆସିଥିଲେ ଏହା ଉପରେ ବିଚାର ବିମର୍ଶ କରାଯାଇ ପଦକ୍ଷେପ ନିଆଯିବା ପାଇଁ ଥିବା ବେଳେ ଆଜି ସେହିଭଳି କୌଣସି ଅଭିଯୋଗ ଉପଜିଲ୍ଲାପାଳ ଙ୍କ ନିକଟରେ ଉପସ୍ଥାପନା କରାଯାଇନାହିଁ, ଏହି କାର୍ଯ୍ୟକ୍ରମ ରେ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଶ୍ରୀମତୀ ଆରତୀ ନାୟକ, ଉପାଧକ୍ଷ ଶ୍ରୀଯୁକ୍ତ ଦୁର୍ଜୟ ମିଶ୍ର, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଯୋଗେନ୍ଦ୍ର ମହାକୁଡ଼ ରହିଥିବା ବେଳେ, ଜନ ଶୁଣାଣି ବୈଠକ ରେ ସରପ□, ସମିତିସଭ୍ୟ ଓ ସଭ୍ୟା, ଶିଶୁ ବିକାଶ କଲ୍ୟାଣ ଅଧିକାରୀ ଓ କର୍ମଚାରୀ, ଜିଆରଏସ, ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହିଥିଲେ। ଶାନ୍ତି ଶୃଙ୍ଖଳା ର ସହିତ ଆଜି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି, ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧୀନରେ କେନ୍ଦ୍ର ସରକାର ଙ୍କ ପ୍ରସ୍ତାବିତ ଉପରଲିଖିତ କାର୍ଯ୍ୟକ୍ରମ ଉପରେ କୌଣସି ପ୍ରକାର ଦୋଷତ୍ରୁଟି ପରିଲିକ୍ଷିତ ହୋଇନାହିଁ।

## ରକ୍ତଦାନ ଶିବିରରେ ୨୧୧ ୟୁନିଟ୍ ରକ୍ତ ସଂଗ୍ରହ

ଅନୁଗୋଳ,(ମହାଭାରତ): ଓଡିଶା ଡ୍ରାଇଭର ମହାସଂଘ ଅନୁଗୁଳ ବ୍ଲକ ପକ୍ଷରୁ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏହି ରକ୍ତ ଦାନ ଶିବିରକୁ ଅନୁଗୁଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକ ଯୋଗଦେଇ ଉଦଘାଟନ କରିବା ସହ ନିଜେ ମଧ୍ୟ ଏକ ରକ୍ତ ଦାନ କରିଥିଲେ ଏବଂ ଡ୍ରାଇଭର ମାନେ କିଭଳି ନିଶାଠାରୁ ଦୁରେଇ ରହି ଗାଡିଚାଳନା କରିବେ, ଦୁର୍ଘଟଣା ସମୟରେ ଆହତ ବ୍ୟକ୍ତିଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚାଇ ତାଙ୍କ ଜିବନ ରକ୍ଷା କରିବେ ଏ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବନ୍ତଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଘନଶ୍ୟାମ ବେହେରା ଯୋଗଦେଇଥିଲେ।

## ଗଛ ଲଗାଇବାକୁ ନିଜର ବ୍ରତ ଭାବରେ ମାନି ନେଇଛନ୍ତି ଠିକା ଶ୍ରମିକ

ଅନୁଗୋଳ,(ମହାଭାରତ): ବୃକ୍ଷଲତା ମାନବ ସମାଜ ର ପରମମିତ୍ର । ପୃଥିବୀ ର ଆରମ୍ଭ ମଧ ଏହି ବୃକ୍ଷ ରୁ ହିଁ ହୋଇଛି । ଏହା ଉପରେ ସୃଷ୍ଟି ନିର୍ଭର କରୁଛି । ସଭ୍ୟତା ଓ ସଂସ୍କୃତି ର ବିକାଶ ନିମି□ ବୃକ୍ଷଲତା ର ଦାନ ଅତୁଳନୀୟ। ମୁନି,ଋଷି ଠାରୁ ଆରମ୍ଭ କରି ବନବାସୀ ଓ ଅତ୍ୟାଧୁନିକ ସଭ୍ୟତା ର ମଧ ପ୍ରାଣକେନ୍ଦ୍ର ଭାବରେ ବୃକ୍ଷ ର ଛାଇ କୁ ବିବେଚନା କରାଯାଏ । ଏହି ସବୁ ଉକ୍ତି ଗୁଡ଼ିକୁ ହୃଦୟର ସହିତ ନେଇ ଗଛ ଲଗାଇବାକୁ ନିଜର ବ୍ରତ ଭାବରେ ମାନି ନେଇଛନ୍ତି ବଅଁରପାଳ ବ୍ଲକ ବୁଢ଼ାପଙ୍କ ଗ୍ରାମର ଅଗାଧୁ ଚରଣ ସାମଲ । ଶ୍ରୀ ସାମଲ କୋରନା ସମୟରେ ଅମ୍ଳଜାନ ର ଅଭାବ, ଲୋକଙ୍କ ମଧ୍ୟରେ ଏହାକୁ ନେଇ ଥିବା ଯେଉଁ ପ୍ରତିଯୋଗିତା ଚାଲିଥିଲା ତାହାକୁ ଅତି ପାଖରୁ ଦେଖିବା ସହିତ ବୃକ୍ଷରୋପଣ ଦ୍ୱାରା ଏହାର ସମାଧାନ ହୋଇ ପାରିବ ବୋଲି ହୃଦୟଗମ୍ କରିଥିଲେ। ତେଣୁ ତାଙ୍କର ନିଜସ୍ ଉଦ୍ୟମରେ ଗତ ବର୍ଷ ଜୁନ ମାସ ୬ ତାରିଖ ରୁ ଆଜି ପର୍ଯ୍ୟନ୍ତ ବୃକ୍ଷରୋପଣ କରି ଆସୁଛନ୍ତି । ତାଙ୍କ କହିବା ହେଲା ଯେହେତୁ ଅନୁଗୋଳ ଜିଲ୍ଲା ଏକ ଶିଳ୍ପ ବହୁଳ ଜିଲ୍ଲା ଭାବରେ ପରିଗଣିତ ଓ ଏହାର ବାୟୁ ମଣ୍ଡଳ ଟି ବିଷ ବଳୟରେ ପରିଣତ ହୋଇଛି ତେଣୁ ଅଗାଧୁ ଚରଣ ଗଛ ଲଗାଇବା କାର୍ଯ୍ୟ କୁ କରି ଚାଲିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୦୦ ରୁ ଅଧିକ ଗଛ ଲଗାଇବା ସହିତ ତାହାର ରକ୍ଷଣ ବେକ୍ଷଣ ମଧ କରି ଆସୁଛନ୍ତି । କେବଳ ସେତିକି ରେ ସୀମିତ ନାହିଁ ତାଙ୍କ ଉଦ୍ୟମ । ଯେହେତୁ ଅନୁଗୋଳ ଜିଲ୍ଲାରେ ଖରା ର ପ୍ରକୋପ ଅଧିକ ତେଣୁ ଗଛ ଗୁଡ଼ିକ କାଳେ ମରିଯିବ ତେଣୁ ପାଣି ଟ୍ୟାଙ୍କର ର ମଧ ବ୍ୟବସ୍ଥା କରିଛନ୍ତି । ଅଗାଧୁ ଟାଟା କମ୍ପାନୀ ରେ ଶ୍ରମିକ ଭାବରେ କାର୍ଯ୍ୟ କରୁଥିଲେ ମଧ ରାସ୍ତା କଡ଼ରେ ଓଷଧୀୟ ବୃକ୍ଷ ଲଗାଇବା , ତାହାକୁ ରକ୍ଷଣ ବେକ୍ଷଣ କରିବା ଫଳରେ ଏବେ ସେ ତାଙ୍କ ଅଞ୍ଚଳ ରେ ପ୍ରେରଣା ର ଉତ୍ସ ପାଲଟିଛନ୍ତି।

## ଗଣେଶ ପୂଜା କମିଟି-ପୁଲିସ ବୈଠକ

# ରାତି ୧୦ ସୁଦ୍ଧା ସାଂସ୍କୃତିକ କାର୍ଯ୍ୟକ୍ରମ ସାରିବାକୁ ନିଷ୍ପତ୍ତି

ନୟାଗଡ଼, ( ମହାଭାରତ ) : ଗଣେଶ ପୂଜାରୁ ଆରମ୍ଭ ହେବ ପାର୍ବଣ ଋତୁ। ସାଧାରଣ ନିର୍ବାଚନ ପରେ ପ୍ରଥମ ପୂଜା ଭାବେ ଗଣେଶ ପୂଜା ପାଳନ କରାଯିବ। କେବଳ ସେତିକି ନୁହେଁ ବର୍ତ୍ତମାନ ପରିସ୍ଥିତି ଯାହା ବିଭିନ୍ନ ଦୃଷ୍ଟିକୋଣରୁ ଗଣେଶ ପୂଜାକୁ ଶାନ୍ତିପୂର୍ଣ୍ଣ ଭାବେ ଶେଷ କରିବା ନୟାଗଡ଼ ପୁଲିସ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟିହୋଇଛ। ସେଥିପାଇଁ ନୟାଗଡ଼ ଏସ୍ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଏସ୍ଡିପିଓ ସୁଦର୍ଶନ ଗାଙ୍ଗୋଇଙ୍କ ନେତୃତ୍ୱରେ ନୟାଗଡ଼ ସହରରେ ଗଣେଶ ପୂଜା ଆୟୋଜନ କରୁଥିବା ବିଭିନ୍ନ କମିଟିର ସଦସ୍ୟ ମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଶେଷ କରି ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣ ଉତ୍ସବକୁ ନେଇ କମିଟିର ସଦସ୍ୟ ଓ ପୁଲିସ ଅଧିକାରୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ବୈଠକରେ ହୋଇଥିବା ନିଷ୍ପତ୍ତି ମୁତାବକ, ପ୍ରଥମେ କମିଟିର ସଦସ୍ୟ ମାନେ ପୂଜାରେ ଡାକବାଜି ଯନ୍ତ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଉପ-ଜିଲ୍ଲାପାଳ ଙ୍କଠାରୁ ଅନୁମତି ପ୍ରଦାନ ଆଣିବେ। ଏହାପରେ ସ୍ଥାନୀୟ ଥାନାରେ ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ କମିଟିକୁ ଅନୁମତି ପ୍ରଦାନ କରା କରାଯିବ। ନୟାଗଡ଼ ସହରରେ ମୋଟ୍ ୩୭ଟି ପୂଜା କମିଟି ଗଣେଶ ପୂଜା ଆୟୋଜନ କରୁଛନ୍ତି। ବୈଠକରେ ଉପସ୍ଥିତ



ଥିବା ସମସ୍ତ ପୂଜା କମିଟିର ସଭାପତି ଓ ସଂପାଦକ ମାନଙ୍କୁ ପୂଜାକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରିବା ପାଇଁ ନିୟମାବଳୀ ଧରାଇ ଦିଆଯାଇଛି। ପ୍ରତ୍ୟେକ ଦିନ ରାତି ୧୦ଟା ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଶେଷ କରିବାକୁ ସ୍ଥିର କରାଯାଇଛି। ରାତି ୧୦ଟା ପରେ ଆଦୌ ଡାକବାଜି ଯନ୍ତ୍ର ବାଜିପାରିବ ନାହିଁ ବୋଲି ପୁଲିସ ପକ୍ଷରୁ ସ୍ପଷ୍ଟ ଭାବେ କମିଟିର ସଦସ୍ୟ ମାନଙ୍କୁ କୁହାଯାଇଛି। ଭସାଣ ଉତ୍ସବକୁ ଶାନ୍ତି ଶୃଙ୍ଖଳାରେ ଶେଷ କରିବାକୁ ସନ୍ଧ୍ୟା ୬ଟା ସୁଦ୍ଧା ଏହାକୁ ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଭସାଣ ଉତ୍ସବରେ ବଡ଼ବଡ଼ ଗାଡ଼ିରେ ଡିଜେ ବଜାଇବା ଉପରେ କଟକଣା ଲଗାଯାଇଛି। ଭସାଣ ଶୋଭାଯାତ୍ରା ପାଇଁ କମିଟିର ସଦସ୍ୟ ମାନଙ୍କୁ ପୂର୍ବରୁ ଅନୁମତି ନେବାକୁ ହେବ। ଭସାଣ ଶୋଭାଯାତ୍ରାରେ ଛୋଟ ଛୋଟ ଗାଡ଼ିରେ ଅଳ୍ପ ଶବ୍ଦ କରୁଥିବା ଡାକବାଜି ଯନ୍ତ୍ର ବ୍ୟବହାର କରିବାକୁ ହେବ। ଏହାସହ ଏହିଦିନ ଯେତେ ସମ୍ଭବ ସମସ୍ତେ ନିଶାଠାରୁ ଦୂରେଇ ରହିବେ। ଏହି ନିୟମ ଉଲଂଘନ କଲେ କମିଟିର କର୍ମକର୍ତ୍ତା ମାନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଟାଉନ ଥାନା ଇନସପେକ୍ଟର ରଶ୍ମିରଞ୍ଜନ ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି। ଏହାସହ ମୂର୍ତ୍ତି ବିସର୍ଜନ ଏଣେତେଣେ ନ କରି ନୟାଗଡ଼ ପୌରପରିଷଦ ପକ୍ଷରୁ ନିର୍ମାଣ କରାଯିବାକୁ ଥିବା ଅସ୍ଥାୟୀ ପୋଖରୀକୁ ବ୍ୟବହାର କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଧାୟକ ଡ. ଅରୁଣ କୁମାର ସାହୁ ନିବେଦନ କରିଛନ୍ତି। ଏହାଦ୍ୱାରା ଜଳ ପ୍ରଦୂଷଣକୁ ରୋକି ହେବ ବୋଲି ସେ କହିଛନ୍ତି। ଏଣୁ କମିଟିର କର୍ମକର୍ତ୍ତା ମାନେ ଏହି ନିୟମକୁ ମାନି ସେଠାରେ ମୂର୍ତ୍ତି ବିସର୍ଜନ କରିବାକୁ ପୁଲିସ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛି।

# ଜୟା ଜଣେ ଅହଂକାରୀ ମହିଳା : କଙ୍ଗନା

**ମୁମ୍ବାଇ,୨।୯(ଏଜେନ୍ସି):** ବଲିଉଡର ଜଣାଶୁଣା ଅଭିନେତ୍ରୀ କଙ୍ଗନା ରାନାଓ୍ୱତ ରୋକଠୋକ୍ କଥା କହୁଥିବା ଇଣ୍ଡଷ୍ଟ୍ରିର ଜଣେ ଜଣାଶୁଣା ଅଭିନେତ୍ରୀ । ସେ ସର୍ବଦା ଲୋକଙ୍କ ସାମ୍ନାରେ ନିଜର ମତ ଖୋଲାଖୋଲି ଭାବରେ ଉପସ୍ଥାପନ କରିଥାନ୍ତି। ନିକଟରେ କଙ୍ଗନା ଜୟା ବଚ୍ଚନଙ୍କୁ ଟାର୍ଗେଟ କରିଛନ୍ତି। ବାସ୍ତବରେ କିଛି ଦିନ ପୂର୍ବରୁ ଜୟା ବଚ୍ଚନ ତାଙ୍କ ସ୍ୱାମୀ ଅମିତାଭ ବଚ୍ଚନଙ୍କ ନାମ ତାଙ୍କ ସହ ଯୋଡ଼ି ହେବାକୁ ନେଇ ସଂସଦରେ ଆପତ୍ତି ଉଠାଇଥିଲେ। କଙ୍ଗନା ଫିଭର ଏଫଏମକୁ ଏକ ସାକ୍ଷାତକାର ଦେଇ କହିଛନ୍ତି ଯେ,ଏହା ଅତ୍ୟନ୍ତ ଲଜ୍ଜାଜନକ ବିଷୟ ଯେ ପ୍ରକୃତି ଦ୍ୱାରା ନିର୍ମିତ ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ସୁନ୍ଦର ପାର୍ଥକ୍ୟ ଆଜି ଭେଦଭାବ ଭାବରେ ଦେଖାଯାଉଛି । ସେ କହିଛନ୍ତି ପ୍ରକୃତି ମହିଳା ଏବଂ ପୁରୁଷଙ୍କୁ ପୃଥକ ଭାବରେ ସୃଷ୍ଟି କରିଛି ଏବଂ ଉଭୟଙ୍କ ମଧ୍ୟରେ ପାର୍ଥକ୍ୟ ଅଛି। ପୁରୁଷ ଏବଂ ସ୍ତ୍ରୀ ଏକତ୍ର ଏକ ସୁନ୍ଦର ସମ୍ପର୍କ ସୃଷ୍ଟି କରିଥାନ୍ତି । ତେବେ ଜୟାଙ୍କ ନାରୀବାଦ ଭୁଲ ଦିଗରେ ଗତି କରୁଛି ବୋଲି କଙ୍ଗନା ମଧ୍ୟ ଆପତ୍ତି ଉଠାଇଛନ୍ତି । ସେ କହିଛନ୍ତି ଯେ ସମାଜ ମଧ୍ୟ ଭୁଲ ଦିଗରେ ଗତି କରୁଛି । ଅମିତାଭ ବଚ୍ଚନଙ୍କ ନାମରେ ତାଙ୍କୁ ସମ୍ବୋଧିତ କରାଯାଉଥିବାରୁ ଜୟା ବଚ୍ଚନ ଅସନ୍ତୋଷ ପ୍ରକାଶ କରିଥିଲେ । ସେ କହିଥିଲେ ଯେ ମହିଳାମାନଙ୍କର କ'ଣ ସ୍ୱାମୀଙ୍କ ବିନା କେଣସି ପରିଚୟ ନାହିଁ ? ତେବେ ପରେ ସେ ନିଜେ କହିଥିଲେ ଯେ ଅମିତାଭ ବଚ୍ଚନଙ୍କ ପତ୍ନୀ ହୋଇଥିବାରୁ ସେ ଗର୍ବିତ । ସୂଚନାଯୋଗ୍ୟ, ଜୁଲାଇ ୨୯ ରେ, ଜୟା ବଚ୍ଚନ ତାଙ୍କ ସ୍ୱାମୀ ଅମିତାଭ ବଚ୍ଚନଙ୍କ ନାମକୁ ତାଙ୍କର ନାମ ଭାବରେ ବ୍ୟବହାର କରାଯାଉଥିବା ନେଇ ଆପତ୍ତି କରିଥିଲେ ଏବଂ କହିଥିଲେ ଯେ ପ୍ରତ୍ୟେକ ମହିଳାଙ୍କର ମଧ୍ୟ ନିଜର ପରିଚୟ ଅଛି । ତାଙ୍କୁ ରାଜ୍ୟସଭାରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ କହିଥିଲେ, ଦୟାକରି ଶ୍ରୀମତି ଜୟା ଅମିତାଭ ବଚ୍ଚନ ଜୀ ନିଜର ଭାଷଣ ଦିଅନ୍ତୁ। ଏନେଇ ଜୟା ଉତ୍ତର ଦେଇଥିଲେ, ସାର୍ କେବଳ ଜୟା ବଚ୍ଚନ କହିଥିଲେ ଯଥେଷ୍ଟ ହୋଇଥାନ୍ତା । ହରିବଂଶ ଦର୍ଶାଇଥିଲେ ଯେ ତାଙ୍କ ନାମ ରେକର୍ଡରେ ସେପରି ଭାବେ ପଞ୍ଜିକୃତ ହୋଇଛି । କଙ୍ଗନା ଜୟା ବଚ୍ଚନଙ୍କ ପରିଚୟର ଆବଶ୍ୟକତାକୁ ଅହଂକାର ଭାବରେ ନାମିତ କରିଛନ୍ତି । କଙ୍ଗନା ଜୟା ବଚ୍ଚନଙ୍କୁ ଅହଂକାରୀ ବୋଲି ମଧ୍ୟ କହିଛନ୍ତି। ଏହି ଅହଂକାର ପରିବାର ମଧ୍ୟରେ ଥିବା ସୁନ୍ଦର ବନ୍ଧନକୁ ମଧ୍ୟ ବଞ୍ଚାଇ ପାରେ ନାହିଁ । ମଣିଷମାନେ ପରସ୍ପରକୁ ଆଲିଙ୍ଗନ କରିବା ଉଚିତ ଏବଂ ଏହି ପ୍ରକାର କଠୋରତା ସହିତ ପରସ୍ପରକୁ ଅଲଗା କରିବା ଉଚିତ୍ ନୁହେଁ । ଆଜିକାଲି ଲୋକମାନେ କେବଳ ନାମରେ ଆନ୍ଦୋଳନ କରୁଛନ୍ତି, ଯେପରି ସେମାନେ ଭୟଭୀତ ହୋଇ ପଡ଼ିଛନ୍ତି । ଯେତେବେଳେ ଲୋକମାନେ କୁହନ୍ତି, 'ମୋର ପରିଚୟ ଛଡ଼ାଇ ନିଆଯାଇଛି,' ଏସବୁ ଦେଖି ମୋତେ ଦୁଃଖ ଲାଗେ ବୋଲି କଙ୍ଗନା କହିଛନ୍ତି । କଙ୍ଗନାଙ୍କ ଫିଲ୍ମ ଏମ୍ରଜେନ୍ସିର ରିଲିଜ୍ ତାରିଖ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି ।ଏହି ଚଳଚ୍ଚିତ୍ର ସେନ୍ସର ପ୍ରମାଣପତ୍ରକୁ ଅପେକ୍ଷା କରିଛି । ସେପ୍ଟେମ୍ବର ୬ରେ ଏହା ପ୍ରେକ୍ଷାଳୟକୁ ଆସିପାରେ । ଏହି ଫିଲ୍ମ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଜୀବନୀ ଉପରେ ଆଧାରିତ। କଙ୍ଗନା ଏଥିରେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି । ଏହି ଚଳଚ୍ଚିତ୍ରରେ ଅନୁପମ ଖେର, ଶ୍ରେୟାସ ତାଲପଡେ, ମହିମା ଚୌଧୁରୀ ଏବଂ ମିଲିନ୍ଦ ସୋମନ ମଧ୍ୟ ଅଭିନୟ କରିଛନ୍ତି ।

# ବ୍ରୁନେଇରେ ପ୍ରଧାନମନ୍ତ୍ରୀ ମୋଦି

**ନୂଆଦିଲ୍ଲୀ,୩।୯(ଏଜେନ୍ସି):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ସୁଲତାନ ହାଜି ହସନାଲ ବୋଲକିଆଙ୍କ ନିମନ୍ତ୍ରଣକ୍ରମେ ଆଜି ଏକ ସରକାରୀ ଗସ୍ତରେ ବନ୍ଦର ସେରି ବେଗୱାନରେ ପହଂଚିଛନ୍ତି। ବ୍ରୁନେଇକୁ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ଦ୍ୱିପାକ୍ଷିକ ଗସ୍ତ । ଭାରତ ଓ ବ୍ରୁନେଇ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୪୦ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀଙ୍କର ଏହା ଏକ ଐତିହାସିକ ଗସ୍ତ। ବନ୍ଦର ସେରି ବେଗୱାନରେ ପହଂଚିବା ପରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ଏବଂ ବ୍ରୁନେଇସ୍ଥିତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର କ୍ରାଉନ ପ୍ରିନ୍ସ ତଥା ବରିଷ୍ଠ ମନ୍ତ୍ରୀ ହାଜି ଅଲ-ମୁହତାଦି ବିଲ୍ଲାହ ତାଙ୍କୁ ସ୍ୱାଗତ କରିଥିଲେ।



ପ୍ରଧାନମନ୍ତ୍ରୀ ମୋଦୀ ଆଜି ବ୍ରୁନେଇଠାରେ ଭାରତୀୟ ହାଇକମିସନର ନୂତନ ଚାନସ୍ରୀ ପରିସରକୁ ଉଦଘାଟନ କରିଛନ୍ତି । ଏହି ଅବସରରେ ସେ ଦୀପ ପ୍ରଜ୍ୱଳନ କରିବା ସହ ଫଳକ ଉନ୍ମୋଚନ କରିଥିଲେ। ଉଦଘାଟନ ଉତ୍ସବରେ ଉପସ୍ଥିତ ଥିବା ଭାରତୀୟ ସମ୍ପ୍ରଦାୟର ସଦସ୍ୟମାନଙ୍କ ସହ ମଧ୍ୟ ପ୍ରଧାନମନ୍ତ୍ରୀ ଆଲୋଚନା କରିଥିଲେ । ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବାରେ ସେମାନଙ୍କ ଅବଦାନକୁ ସେ ପ୍ରଶଂସା କରିଥିଲେ । ବ୍ରୁନେଇରେ ପହଞ୍ଚିଥିବା ଭାରତୀୟଙ୍କ ପ୍ରଥମ ଯାତ୍ରା ୧୯୨୦ ଦଶକରେ ତୈଳ ଆବିଷ୍କାର ସହିତ ଆରମ୍ଭ ହୋଇଥିଲା । ବର୍ତ୍ତମାନ ବ୍ରୁନେଇରେ ପ୍ରାୟ ୧୪,୦୦୦ ଭାରତୀୟ ରହୁଛନ୍ତି। ବ୍ରୁନେଇର ସ୍ୱାସ୍ଥ୍ୟ ସେବା ଏବଂ ଶିକ୍ଷା କ୍ଷେତ୍ରର ଅଭିବୃଦ୍ଧି ଏବଂ ବିକାଶରେ ଭାରତୀୟ ଡାକ୍ତର ଓ ଶିକ୍ଷକଙ୍କ ଅବଦାନକୁ ସମସ୍ତେ ସ୍ୱୀକାର କରିଛନ୍ତି । ପାରମ୍ପରିକ ରୂପରେଖ ଏବଂ ବୃକ୍ଷରୋପଣ ସହ ଚାନ୍ସରି କମ୍ପ୍ଲେକ୍ସ ଭାରତୀୟତାର ଗଭୀର ଭାବନାକୁ ପ୍ରତିଫଳିତ କରିଥାଏ । ସୁନ୍ଦର ଏବଂ ସ୍ଥାୟୀ କୋଟା ପଥରର ବ୍ୟବହାର ଏହାର ସୌନ୍ଦର୍ଯ୍ୟପୂର୍ଣ୍ଣ ଆକର୍ଷଣକୁ ଆହୁରି ବଢ଼ାଇବା ସହ ପାରମ୍ପରିକ ଏବଂ ସମସାମୟିକ ଉପାଦାନଗୁଡ଼ିକୁ ସୁନ୍ଦର ଭାବରେ ମିଶ୍ରଣ କରିଥାଏ । ଏହି ଡିଜାଇନ୍ କେବଳ ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ସୂଚୀତ କରେ ନାହିଁ ବରଂ ଏକ ଶାନ୍ତ ତଥା ଆକର୍ଷଣୀୟ ବାତାବରଣ ମଧ୍ୟ ସୃଷ୍ଟି କରେ ।

# ଭାରତ-ପାକିସ୍ତାନ ସମ୍ପର୍କରେ ଆସିବନି ସୁଧାର

**ନୂଆଦିଲ୍ଲୀ,୨।୯(ଏଜେନ୍ସି):** ସବୁ ଚେଷ୍ଟା ସତ୍ତ୍ୱେ ଭାରତ ଓ ପାକିସ୍ତାନ ମଧ୍ୟରେ ସମ୍ପର୍କରେ ସୁଧାର ଆସିନାହିଁ । ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ନେଇ ସବୁବେଳେ ତିକ୍ତତା ରହିଆସିଛି । ଭାରତ ଓ ପାକିସ୍ତାନରେ ଚାଲିଥିବା ଅସ୍ଥିରତା ମଧ୍ୟରେ ସେଣ୍ଟର ଫର୍ ପଲିସି ରିସର୍ଚ୍ଚ- ସି ଭୋଟର ପକ୍ଷରୁ ଏକ ସର୍ଭେ ସାମ୍ନାକୁ ଆସିଛି । ସେଣ୍ଟର ଫର ପଲିସି ରିସର୍ଚ୍ଚ- ସି ଭୋଟରର ସର୍ଭେରେ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି । ବାସ୍ତବରେ ୬୦ ପ୍ରତିଶତରୁ ଅଧିକ ଭାରତୀୟ ଏବଂ ପାଖାପାଖି ୫୦ ପ୍ରତିଶତ ପାକିସ୍ତାନୀ ବିଶ୍ୱାସ କରନ୍ତି ଯେ ଏହି ଦଶନ୍ଧିରେ ଦୁଇ ଦେଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ ହୋଇପାରିବ ନାହିଁ । ଏହି ସର୍ଭେରେ ଭାରତ, ପାକିସ୍ତାନ ଏବଂ ବାଂଲାଦେଶର ୧୨,୦ ଉତ୍ତରଦାତାଙ୍କୁ ସାମିଲ କରାଯାଇଥିଲା । ଏହି ସର୍ବେକ୍ଷଣରେ ସମସ୍ତ ପ୍ରଶ୍ନର ଉତ୍ତର ଏହି ଲୋକମାନେ ଦେଇଛନ୍ତି ।

# ଲିମିକା ରେକର୍ଡ ବୁକରେ ଲିପିବଦ୍ଧ ହୋଇଥିବା ଭାରତର ସ୍ପୋର୍ଟିଂ ବିଜୟ

**ଭୁବନେଶ୍ୱର,୩।୯ (ମହାଭାରତ):** ୨୯ ଅଗଷ୍ଟରେ ଭାରତ ରାଷ୍ଟ୍ରୀୟ କ୍ରୀଡା ଦିବସ ପାଳନ କରୁଥିବା ବେଳେ ଲିମିକା ରେକର୍ଡ ବୁକରେ ଭାରତର କ୍ରୀଡା ଐତିହ୍ୟକୁ ପରିଭାଷିତ କରୁଥିବା ଅସାଧାରଣ ସଫଳତା ଉପରେ ଆମେ ଆଲୋକପାତ କରୁଛୁ । ପ୍ରତ୍ୟେକ ବିଜୟକୁ ଉତ୍ସବ ପରି ପାଳନ କରୁଥିବା ଏକ ରାଷ୍ଟ୍ର ଭାବରେ ଆମର ଧାଇଁବା, ଡେଇଁବା ଏବଂ ସ୍କୋର କରି ଇତିହାସ ରଚୁଥିବା ଖେଳାଳୀମାନଙ୍କରଗୌରବରେ ଆମେ ଉତ୍ସବ ମୁଖରିତ ହୋଇ ଉଠୁ । ବର୍ତମାନ ଏହାର ୩୩ତମ ସଂସ୍କରଣରେ ଥିବା ଭାରତର ସର୍ବପ୍ରଥମ ରେକର୍ଡ ବୁକରେ ସେମାନଙ୍କର ସ୍ଥାନ ପାଇବାକୁ ନୂତନ ବିଶ୍ୱ ରେକର୍ଡ ସ୍ଥାପନ ଠାରୁ ଆରମ୍ଭ କରି ପିଢ଼ି ପରେ ପିଢ଼ିଙ୍କୁ ପ୍ରେରଣା ଦେଉଥିବା ଭାରତୀୟ ଖେଳାଳୀମାନେ ନିରନ୍ତର ଉତ୍କର୍ଷର ସୀମାକୁ ବଢାଇଛନ୍ତି । କ୍ରୀଡା ପ୍ରତି ଆମ ଦେଶର ଥିବା ଉତ୍ସାହର ସାରତତ୍ତ୍ୱକୁ ଧରି ରଖିବା ପାଇଁ ଲିମିକା ରେକର୍ଡ ବୁକ ଏହି ଅଦ୍ଭୁତ ମାଇଲଖୁଂଟର ସ୍ମାରକୀ ପାଳନ କରିଥାଏ ଏବଂ ଲକ୍ଷ ଲକ୍ଷ ପାଠକଙ୍କ ହୃଦୟରେ ଦୃଢ ସଂକଳ୍ପର ସ୍ଫୁଲିଙ୍ଗ ଜାଳି ଦେଇଥିଲା ।

# ମସଜିଦରେ ପଶି ଜଣଜଣ କରି ମାରିବୁ

**ନୂଆଦିଲ୍ଲୀ,୨।୯(ଏଜେନ୍ସି):** 'ମସଜିଦ ଭିତରେ ପଶିବୁ । ଜଣ ଜଣ କରି ମାରିବୁ ।' ଏଭଳି କିଛି ଖୋଲା ଧମକ ଦେଇଛନ୍ତି ବିଜେପି ବିଧାୟକ ନୀତେଶ ରାଣେ । ଏହାକୁ ନେଇ ତାଙ୍କ ଅଡୁଆ ବଢିଛି । ତାଙ୍କ ନାଁରେ ଥାନାରେ ମାମଲା ରୁଜୁ ହୋଇଛି । ନୀତେଶ ରାଣେ ହେଟ୍ ସ୍ପିଚ୍ ଦେବା ଓ ଧାର୍ମିକ ଭାବନାକୁ ଆଘାତ ପହଞ୍ଚାଇଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ତାଙ୍କ ବିରୋଧରେ ଧାରା ୩୦୨, ୧୫୩ ଏବଂ ଭାରତୀୟ ନ୍ୟାୟିକ ସଂହିତାର ଅନ୍ୟ ବିଭାଗ ଅନୁଯାୟୀ ମାମଲା ରୁଜୁ ହୋଇଛି । ସେପଟେ ବିଜେପି ବିଧାୟକ ନିଜ ବିବାଦୀୟ ବୟାନକୁ ନେଇ କ୍ଷମା ମାଗିବାକୁ ମନା କରିଦେଇଛନ୍ତି । ଦୁଇଟି ଭିନ୍ନ ଭିନ୍ନ ଘଟଣାରେ ହେଟ୍ ସ୍ପିଚ୍ ବା ଘୃଣାପୂର୍ଣ୍ଣ ଭାଷଣ ଦେଇଥିବାରୁ ନୀତେଶ ରାଣେଙ୍କ ବିରୋଧରେ ଦୁଇଟି ଏଫ୍ଆଇଆର୍ ରୁଜୁ ହୋଇଛି । ଗୋଟିଏ ଶ୍ରୀରାମପୁରରେ ଏବଂ ଅନ୍ୟଟି ତୋପଖାନା ପୁଲିସ ଷ୍ଟେସନରେ ପଞ୍ଜିକୃତ ହୋଇଛି । ତୋପଖାନା ପୁଲିସ ଆଜି ନୀତୀଶ ରାଣେଙ୍କୁ ନୋଟିସ ପଠାଇ ତାଙ୍କୁ ପଚରାଉଚରା ପାଇଁ ଡାକିଛି। ନିକଟରେ ଅହମ୍ମଦନଗରରେ ରାମଗିରି ମହାରାଜଙ୍କ ସମର୍ଥନରେ ଏକ ରାଲି ବାହାରିଥିଲା । ଏହି ରାଲିରେ ହିନ୍ଦୁ ସମ୍ପ୍ରଦାୟର ବହୁ ସଂଖ୍ୟକ ଲୋକ ଯୋଗ ଦେଇଥିଲେ । ରାଲି ପରେ ନୀତେଶ ରାଣେଙ୍କର ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସେ ସଂଖ୍ୟାଲଘୁଙ୍କୁ ଖୋଲାଖୋଲି ଧମକ ଦେଇଥିଲେ । ରାଣେ କହିଥିଲେ ଯେ ଯଦି ଆମର ରାମଗିରି ମହାରାଜଙ୍କ ବିରୋଧରେ କେହି କିଛି କୁହନ୍ତି, ତେବେ ସେ ମସଜିଦ ଭିତରେ ପଶି ଜଣ ଜଣ କରି ହତ୍ୟା କରିବେ । ଯେଉଁ ମୁହଁରେ ସେମାନେ କହିବେ, ତାକୁ ଆମେ ରଖିବୁ ନାହିଁ । AIMIM ନେତା ୱାରିଶ ପଠାନ ନୀତେଶ ରାଣେଙ୍କ ଭିଡିଓ ସେୟାର କରି କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ବିଜେପି ସାମ୍ପ୍ରଦାୟିକ ହିଂସା ସୃଷ୍ଟି କରିବାକୁ ଚାହୁଁଛି । କହିରଖୁ ଯେ, ରାମଗିରି ମହାରାଜ ମୁସଲିମ ସମାଜର ପ୍ରଫେଟ୍ ମହମ୍ମଦଙ୍କୁ ନେଇ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଏହା ପରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମହାରାଜଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହାପରେ ଅହମ୍ମଦନଗରରେ ସମଗ୍ର ହିନ୍ଦୁ ସମ୍ପ୍ରଦାୟ ପକ୍ଷରୁ ବିଜେପି ନେତା ନୀତିଶ ରାଣେଙ୍କ ନେତୃତ୍ୱରେ ରାମଗିରି ମହାରାଜଙ୍କ ସମର୍ଥନରେ ଏକ ରାଲି ବାହାର କରାଯାଇଥିଲା ।



# ରାହୁଲ ନିଶ୍ଚିତ ହେବେ ପ୍ରଧାନମନ୍ତ୍ରୀ: ଅଭିଷେକ ସିଂଘଭୀ

**ନୂଆଦିଲ୍ଲୀ,୨।୯(ଏଜେନ୍ସି):**ବରିଷ୍ଠ କଂଗ୍ରେସ ନେତା ଅଭିଷେକ ମନୁ ସିଂଘଭୀ ସୋମବାର ରାହୁଲ ଗାନ୍ଧୀଙ୍କୁ ଭାରତର ଭବିଷ୍ୟତର ପ୍ରଧାନମନ୍ତ୍ରୀ ବୋଲି କହି ଦୃ ସମର୍ଥନ ଜଣାଇଛନ୍ତ । ସିଂଘଭୀ ଗାନ୍ଧୀଙ୍କ ସଚ୍ଚୋଟତା ଏବଂ ସ୍ପଷ୍ଟବାଦିତାକୁ ପ୍ରଶଂସା କରି ଏଭଳି ମନ୍ତବ୍ୟ ପ୍ରଦାନ କରିଛନ୍ତିୟ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କଠାରେ ସ୍ୱଚ୍ଛତାର ଅଭାବ ଥିବା ସହିତ ସେ ରାହୁଲଙ୍କ ପାଖରେ ଥିବା ଗୁଣଗୁଡ଼ିକର ତୁଳନା କରି ଏହା କହିଛନ୍ତି। ସିଂଘଭୀ ମନ୍ତବ୍ୟ ଦେଇଛନ୍ତି ରାହୁଲ ଗାନ୍ଧୀଙ୍କ ବିଷୟରେ ଦେଶର ଜନସାଧାରଣଙ୍କ ମଧ୍ୟରେ ଧାରଣା ବିକଶିତ ହେଉଛି ଏବଂ ଅତୀତର ସମାଲୋଚନା ତଥା ଟ୍ରୋଲ ସତ୍ତ୍ୱେ ତାଙ୍କର ପ୍ରକୃତ ଅ।ଭିମୁଖ୍ୟ ପାଇଁ ବର୍ତ୍ତମାନ ଏକ ନୂତନ ଧାରା ସୃଷ୍ଟି ହୋଇଛି । ସିଂଘଭୀ କହିଛନ୍ତି ରାହୁଲ ଯାହା କହୁଛନ୍ତି ତାହା ଲୋକମାନେ ବୁଝୁଛନ୍ତି । ବର୍ତ୍ତମାନର ପ୍ରଧାନମନ୍ତ୍ରୀ ମୋଦୀ ଯାହା କରୁଛନ୍ତି ଦେଶର ସମ୍ପୂର୍ଣ୍ଣ ବିପରୀତ ଅଟେ । ଏହା ରାହୁଲଙ୍କ କଥାରୁ ଲୋକେ ବୁଝି ପାରୁଛନ୍ତି । ରାହୁଲଙ୍କୁ ଭବିଷ୍ୟତର ପ୍ରଧାନମନ୍ତ୍ରୀ ଭାବରେ ବିବେଚନା କରାଯିବା ଉଚିତ କି ନୁହେଁ ସେନେଇ ସିଂଘଭୀ କହିଛନ୍ତି ଯେତେବେଳେ ବି କଂଗ୍ରେସ କ୍ଷମତାକୁ ଅ।ସିବ, ସେତେବେଳେ ଏହା ଶତ ପ୍ରତିଶତ ନିଶ୍ଚିତ ରାହୁଲ ପ୍ରଧାନମନ୍ତ୍ରୀ ହେବେ । ପୂର୍ବରୁ ସିଂଘଭୀ କହିଥିଲେ, ମୋଦୀ ସରକାର ଶାସନର ପ୍ରତ୍ୟେକ ଦିଗରେ ବିଫଳ ହୋଇଛନ୍ତି । ବର୍ତ୍ତମାନ ନୀତି ନିର୍ଘଣ୍ଟରେ ଦେଶର ଲୋକଙ୍କ ଧ୍ୟାନ ହଟାଇବା ପ୍ରୟାସରେ ନିରାଶ ହୋଇଛନ୍ତି। ଅଗ୍ନିପଥ ଯୋଜନା ପରାମର୍ଶ କିମ୍ବା ମନର ପ୍ରୟୋଗ ବିନା ଆରମ୍ଭ ହୋଇଛି ଏବଂ ଖରାପ ଚିନ୍ତାଧାରା ଘୋଷଣାର ଶୃଙ୍ଖଳାର ଏହା ସରକାରଙ୍କ ଆଉ ଏକ ବିଫଳତା । ତେଣୁ ଏହା ସାରା ଦେଶରେ ବିଶାଳ ବିରୋଧ ଏବଂ ବିବାଦର କାରଣ ହୋଇଛିୟଦେଶର ଧ୍ୟାନକୁ ବିଭ୍ରାନ୍ତ କରିବା ପାଇଁ, ଇଡିର ସାହାରା ନିଆ ଯାଉଛି। ମୂଲ୍ୟ ବୃଦ୍ଧି, ବେକାରୀ ସମସ୍ୟାକୁ ଇଡିର କାର୍ଯ୍ୟକଳାପ ଦ୍ୱାରା ଲୁଚାଇବାର ଚେଷ୍ଟା କରାଯାଉଛି । ରାହୁଲ ବିଜେପି ଏବଂ ମୋଦୀ ସରକାରଙ୍କ ବିରୋଧରେ ସ୍ୱର ଭାବେ ଉଭା ହୋଇଛନ୍ତି । ତେଣୁ ରାହୁଲଙ୍କୁ ଜାଣିଶୁଣି ହଇରାଣ କରାଯାଉଛି। ତାଙ୍କ ଉପରେ ସରକାର ପ୍ରତିଶୋଧ ନେଉଛନ୍ତି । ଏହି ପ୍ରକ୍ରିୟାରେ ସାମ୍ବିଧାନିକ କିମ୍ବା ଆଇନଗତ କିଛି ନାହିଁ । ସବୁକିଛି ବ୍ୟକ୍ତିଗତ, କିଛି ମଧ୍ୟ ସାମ୍ବିଧାନିକ ନୁହେଁ, ବ୍ୟକ୍ତିଗତ ଆକ୍ରୋଶ, ବ୍ୟକ୍ତିଗତ ଅଭିଯୋଗ, ଏବଂ ବ୍ୟକ୍ତିଗତ ରାଜନୈତିକ ପ୍ରତିଶୋଧ ନିଆଯାଉଛି। ରାହୁଲ ବିଜେପି ବିରୋଧରେ ସ୍ୱର ଉତ୍ତୋଳନ କରିବାରୁ ଏଭଳି କରାଯାଉଛି ।

# ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ କନ୍ଧମାଳ ତରଫରୁ ସଂସ୍କୃତ ଦିବସ ପାଳିତ

**ଫୁଲବାଣୀ,(ନିପ୍ର):** କନ୍ଧମାଳ ଜିଲା ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ କନ୍ଧମାଳ ତରଫରୁ ଏଜେଓ ସରକାରୀ ଉଚ୍ଚ ବିଦ୍ୟାଳୟ ଫୁଲବାଣୀ ଠାରେ ସଂସ୍କୃତ ଦିବସ ସମାରୋହ ପାଳିତ ହୋଇଛି । ସରକାରୀ ଏ ଜେ ଓ ଉଚ୍ଚ ବିଦ୍ୟାଳୟ ର ସଂସ୍କୃତ ଶିକ୍ଷକ ତଥା ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ଜିଲା ସଭାପତି ବ୍ରହ୍ମାନନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଂସ୍କୃତ ଦିବସ ସମାରୋହରେ ପ୍ରଥମେ ଯଥାବିଧି ଧୂପ ଦୀପ ପ୍ରଜ୍ୱଳନ ପୂର୍ବକ ପୂଜା ପାଠ ବେଦ ଉଚ୍ଚାରଣ କରା ଯାଇଥିଲା। ମୁଖ୍ୟଅତିଥି ଭାବରେ ଦିଆ ଭଞ୍ଜ ଉଚ୍ଚ ବିଦ୍ୟାଳୟ ବାନ୍ଧଗଡ଼ର ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ଦିନ ବନ୍ଧୁ ହୋତା ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେସମ୍ପାଦକ ତଥା କେରେଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ପ୍ରତାପ କୁମାର ପଣ୍ଡା,କୋଷାଧକ୍ଷ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନେଡିପଦର ସଂସ୍କୃତ ଶିକ୍ଷକ ଅଶୋକ କୁମାର ଷଡ଼ଙ୍ଗୀ, ଜିଲା ସଂଯୋଜକ ତଥା ବରାଳ ଦେବୀ ଉଚ୍ଚ ବିଦ୍ୟାଳୟ ବଲସ କୁମ୍ପା ସଂସ୍କୃତ ଶିକ୍ଷକ ପଞ୍ଚାନନ ବେହେରା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କନ୍ଧମାଳ ଜିଲାର ୧୨ ଟି ବ୍ଲକ ରୁ ସମସ୍ତ ସଂସ୍କୃତ ଶିଖକ ସଂସ୍କୃତ ଦିବସ ସମାରୋହ ରେ ଯୋଗ ଦେଇଥିବା ବେଳେ ସଂସ୍କୃତ ଶିକ୍ଷକ କୁ କ୍ୟାଡର ରେ ଅନ୍ତର୍ଭୁକ୍ତ କରିବାକୁ ସରକାରଙ୍କୁ ଦାବୀ କରିବା ସହ ଭୋକେଶନାଲ ଶିକ୍ଷକଙ୍କୁ ହିନ୍ଦୀ ଓ ସଂସ୍କୃତ ଭାଷା ଶିକ୍ଷା ରୁ ବାଦ ଦେବାକୁ ଆଲୋଚନା କରାଯାଇ ସରକାରଙ୍କ ପାଖରେ ଦାବୀ ଉପସ୍ଥାପନ କରିବାକୁ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ସଂସ୍କୃତ ଭାଷାର ସେବା ଓ ସୁରକ୍ଷା ସହ କିଭଳି ଭାବରେ ପ୍ରଚାର ପ୍ରସାର ହୋଇ ପାରିବ ସେ ନେଇଁ ଆଲୋଚନା କରିଥିଲେ। ଅନ୍ୟ ଅତିଥି ମାନେ ମଧ୍ୟ ସଂସ୍କୃତ ଭାଷାକୁ ନେଇ ଆଲୋଚନା କରିଥିଲେ।

ବାଳିକା ଉଚ୍ଚ ବିଦ୍ୟାଳୟ ଜି.ଉଦୟଗିରିର ସଂସ୍କୃତ ଶିକ୍ଷକ ବେଦ ପାଠ ଉଚ୍ଚାରଣ କରିଥିବା ବେଳେ କାର୍ଯ୍ୟକ୍ରମ ଶେଷ ପୂର୍ବରୁ ଦିଆ ଭଞ୍ଜ ଉଚ୍ଚ ବିଦ୍ୟାଳୟ ବନ୍ଧଗଡ଼ ର ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ଦିନ ବନ୍ଧୁ ହୋତା ଙ୍କୁ ଅବସର କାଳିନ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଥିଲା । ସମସ୍ତ କାର୍ଯ୍ୟକ୍ରମ କୁ ସଭାପତି ବ୍ରହ୍ମା ନନ୍ଦ ଦାସ ପରିଚାଳନା କରିଥିଲେ।



# ବଞ୍ଜାଗୋଲା ସ୍କୁଲରେ ଆତ୍ମ ସୁରକ୍ଷା ତାଲିମ ଶିବିର



**ନାକଟିଦେଉଳ,(ନିପ୍ର) :** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ବଞ୍ଜାଗୋଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦ ଦିନ ଧରି ଚାଲିଥିବା ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ଗତ ୨୦ ତାରିଖ ଦିନ ଏହି ପ୍ରଶିକ୍ଷଣ ଶିବିରକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ବ୍ରଜଚନ୍ଦ୍ର ସାହୁ ବିଧିବଦ୍ଧ ଭାବରେ ଉଦଘାଟନ କରିଥିଲେ। ସହକାରୀ ଶିକ୍ଷକ ତଥା କରାଟେ ମାଷ୍ଟର ସୁଭାଷ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଷାବତୀ ସାହୁ ଓ ସ୍ନେହମୟୀ ପ୍ରଧାନ ମାଷ୍ଟର ଟ୍ରେନର ଭାବେ ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ମୋଟ ୨୧ ଜଣ ଛାତ୍ରୀ ଅଂଶଗ୍ରହଣ କରି ପ୍ରତିପକ୍ଷର ପ୍ରତ୍ୟେକ ପ୍ରକାର ଆକ୍ରମଣକୁ ପ୍ରତିହତ କରି ନିଜକୁ ସୁରକ୍ଷିତ ରଖିବା ସହିତ ଶତ୍ରୁକୁ ଧରାଶାୟୀ କରିବାର କୌଶଳ ଶିକ୍ଷା ସମ୍ପର୍କରେ ତାଲିମ ଗ୍ରହଣ କରିଥିଲେ। ଉଦଯାପନୀ ଦିବସରେ ପ୍ରଧାନ ଶିକ୍ଷକ ବ୍ରଜଚନ୍ଦ୍ର ସାହୁ, ସହକାରୀ ଶିକ୍ଷକ ସୁଭାଷ ଚନ୍ଦ୍ର ନାୟକ, ବାବୁଲାଲ ବିଶି, ହରେକୃଷ୍ଣ ବିଶି, ଶିକ୍ଷୟିତ୍ରୀ ମହାଶ୍ୱେତା ସିଂ ଏବଂ ମାଷ୍ଟର ଟ୍ରେନର ଉଷାବତୀ ସାହୁ, ସ୍ନେହମୟୀ ପ୍ରଧାନ ସମାଜରେ ଘଟୁଥିବା ଅପରାଧ ବା ମହିଳାଙ୍କ ଉପରେ ହେଉଥିବା ଆକ୍ରମଣକୁ ସାମ୍ନା କରିବା ପାଇଁ ଶାରୀରିକ କ୍ଷମତା ବୃଦ୍ଧି କରିବା ସହିତ ମନରୁ ଭୟ ଦୂର କରି ସାହସର ସହିତ ମୁକାବିଲା କରି ନିଜର ତଥା ସମାଜର ମଙ୍ଗଳ କରାଯାଇ ପାରିବ ବୋଲି ଉଦବୋଧନ ଦେଇଥିଲେ। ସହକାରୀ ଶିକ୍ଷକ ବାବୁଲାଲ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# ଟିଭିଏସ ମୋଟର ପକ୍ଷରୁ ନୂଆ ଟିଭିଏସ ଜୁପିଟର ୧୧୦ ଉନ୍ମୋଚିତ

**ଭୁବନେଶ୍ୱର,୩।୯ (ମହାଭାରତ):** ଦୁଇଚକିଆ ଓ ତିନିଚକିଆ ଯାନ କ୍ଷେତ୍ରରେ ବିଶ୍ୱର ଅଗ୍ରଣୀ ଅଟୋମୋବାଇଲ ନିର୍ମାତା ଟିଭିଏସ ମୋଟର କଂପାନି ପକ୍ଷରୁ ସମ୍ପୂର୍ଣ୍ଣ ନୂଆ ଟିଭିଏସ ଜୁପିଟର ୧୧୦ ଉନ୍ମୋଚନ କରାଯାଇଛି । ଏହି ସ୍କୁଟରରେ ନୂଆ ପିଢ଼ିର ଇଂଜିନ ଓ ଶିଳ୍ପର ଅନେକ ପ୍ରଥମ ତଥା ଭବିଷ୍ୟତକୁ ଦୃଷ୍ଟିରେ ରଖି ପ୍ରସ୍ତୁତ ବହୁ ସୁବିଧାସୁଯୋଗ ରହିଛି। ଏଥିରେ ରହିଛି ଅତୁଳନୀୟ ଡିଜାଇନ, ଦମଦାର ପ୍ରଦର୍ଶନ, ଅଧିକ ମାଇଲେଜ, ଆଧୁନିକ ପ୍ରଯୁକ୍ତି, ଆରାମ ଓ ସୁରକ୍ଷା ସହ ଅନ୍ୟ ସୁବିଧାସୁଯୋଗ।

ଟିଭିଏସ ଜୁପିଟର ଏକ ଅତୁଟ ବନ୍ଧୁ ହୋଇରହିଛି ଏବଂ ଏହା ୬.୫ ନିୟୁତ ଗ୍ରାହକଙ୍କ ବିବିଧ ଆବଶ୍ୟକତା ପୂରଣ କରୁଛି।

ଏହାର ଉନ୍ମୋଚନ ଅବସରରେ ଟିଭିଏସ ମୋଟର କଂପାନିର ବରିଷ୍ଠ ଉପସଭାପତି ତଥା କମ୍ୟୁଟର ବିଜନେସ ଏବଂ କର୍ପୋରେଟ ବ୍ରାଣ୍ଡ ଓ ମିଡିଆ ମୁଖ୍ୟ ଶ୍ରୀ ଅନିରୁଦ୍ଧ ହାଲଦାର କହିଛନ୍ତି ଯେ, "ଗତ ଦଶନ୍ଧିରେ ଟିଭିଏସ ମୋଟରର ସ୍କୁଟର ପୋର୍ଟଫୋଲିଓରେ ଟିଭିଏସ ଜୁପିଟର ୧୧୦ ଅଗ୍ରୀମ ସ୍ଥାନ ଅଧିକାର କରିଛି। କିଛି ବର୍ଷ ମଧ୍ୟରେ ୬.୫ ନିୟୁତ ପରିବାର ଏହା ଉପରେ ଭରସା ପ୍ରକଟ କରିଛନ୍ତି, ଯାହା ଏହାକୁ ଭାରତର ଅନ୍ୟତମ ବୃହତ ଅଟୋମୋଟିଭ ବ୍ରାଣ୍ଡରେ ପରିଣତ କରିଛି। ସମ୍ପୂର୍ଣ୍ଣ ନୂଆ ଟିଭିଏସ ଜୁପିଟରରେ 'ଜ୍ୟାଦା କା ଫାଏଦା'ର ମୂଳମନ୍ତ୍ରକୁ ଆହୁରି ଦୃଢ଼ କରାଯାଇଛି। ଆବଶ୍ୟକତା ଅନୁସାରେ ଟର୍କ ପ୍ରଦାନ ସହିତ ଉନ୍ନତ ଇନ୍ଧନ ମିତବ୍ୟୟିତା ଏବଂ ବ୍ୟବହାର କରିବା ଲାଗି ଅଧିକ ସ୍ଥାନ ତଥା ସମସାମୟିକ ଡିଜାଇନ, ଏହି ସ୍କୁଟର ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହି ଉତ୍କୃଷ୍ଟ ଉପସ୍ଥାପନା ଗ୍ରାହକମାନଙ୍କୁ ଉଲ୍ଲସିତ କରିବ ଏବଂ ଟିଭିଏସ ଜୁପିଟର ପାଇଁ ଭଲ ପାଇବା ସୃଷ୍ଟି କରିବ।"



ଟିଭିଏସ ଜୁପିଟର ୧୧୦ରେ ରହିଛି ୧୧୩.୩ ସିସି, ସିଙ୍ଗିଲ ସିଲିଣ୍ଡର, ୪ ଷ୍ଟ୍ରୋକ ଇଂଜିନ ଯାହା ୫.୯ କିଲୋୱାଟ ଶକ୍ତି ଓ ୯.୮ ଏନଏମ ଟର୍କ ଉତ୍ପନ୍ନ କରୁଛି। ଆଇ-ଗୋ ଆସିଷ୍ଟ ପ୍ରଯୁକ୍ତି ପାଇଁ ଏହାର ପୂର୍ବ ମଡେଲ ତୁଳନାରେ ଏଥିରେ ମାଇଲେଜରେ ୧୦ ପ୍ରତିଶତ ବୃଦ୍ଧି ହୋଇଛି। ଏଥିରେ ଇଂଟେଲିଜେଂଟ ଇଗ୍ନିସନ ଓ ସ୍ୱୟଂକ୍ରିୟ ଷ୍ଟାର୍ଟ-ଷ୍ଟପ ସୁବିଧା ଓ ଇଂଟିଗ୍ରେଟେଡ ଷ୍ଟାର୍ଟର ଜେନେରେଟର ଭଳି ସୁବିଧା ରହିଛି।

# ଏସ୍ଏମ୍ଏଫ୍‌ଜି ଇଣ୍ଡିଆ କ୍ରେଡିଟ୍ ଏହାର ୧୦୦୦ତମ ଶାଖା ଶୁଭାରମ୍ଭ

**ଭୁବନେଶ୍ୱର,୩।୯ (ମହାଭାରତ):** ଭାରତର ଅଣ ବ୍ୟାଙ୍କିଙ୍ଗ୍ ଫାଇନାନ୍ସିଆଲ୍ କମ୍ପାନି କ୍ଷେତ୍ରର ପ୍ରମୁଖ କମ୍ପାନି ଏସ୍ଏମ୍ଏଫ୍‌ଜି ଇଣ୍ଡିଆ କ୍ରେଡିଟ୍ କମ୍ପାନି ଲିମିଟେଡ୍ ଗର୍ବର ସହ ଏହାର ୧୦୦୦ତମ ଶାଖା ଖୋଲିବାକୁ ଘୋଷଣା କରିଛି। ଏହି ଐତିହାସିକ ଘଟଣା ସମଗ୍ର ଦେଶରେ ନିଜର ପାଦ ବିସ୍ତାର କରିବା ଏବଂ ଅଣନିର୍ଭରଶୀଳ ବଜାରକୁ ଆର୍ଥିକ ସେବା ଆଣିବା ପାଇଁ କମ୍ପାନୀର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି । ମୁମ୍ବାଇରେ ଜାପାନର କନ୍ସଲ୍ ଜେନେରାଲ ଶ୍ରୀଯୁକ୍ତ ୟାଗି କୋଜି, ମହାରାଷ୍ଟ୍ର ସର୍କଲର ଡାକ ସେବା ନିର୍ଦ୍ଦେଶକ ଅଭିଜିତ ବନସୋଡେଙ୍କ ସହ ଏସଏମଏଫଜି ଇଣ୍ଡିଆ କ୍ରେଡିଟର ସିଇଓ ଏବଂ ଏମଡି ଶାନ୍ତନୁ ମିତ୍ର ଉପସ୍ଥିତ ଥିଲେ । ୨୦୦୭ ମସିହାରେ ଏହାର ପ୍ରତିଷ୍ଠା ପରଠାରୁ କମ୍ପାନି କ୍ରମାଗତ ଭାବେ ଅଭିବୃଦ୍ଧି ହାସଲ କରିଆସୁଛି ଯାହା ୬୭୦ରୁ ଅଧିକ ସହର ଏବଂ ୭୦,୦୦୦ରୁ ଅଧିକ ଗ୍ରାମରେ କାର୍ଯ୍ୟ କରୁଛି, ଯେଉଁଥିରେ ୨୩,୦୦୦ରୁ ଅଧିକ କର୍ମଚାରୀ କାର୍ଯ୍ୟରତ। ବିଗତ ଦୁଇ ବର୍ଷ ମଧ୍ୟରେ, ଏସଏମଏଫଜି ଇଣ୍ଡିଆ କ୍ରେଡିଟ୍ ପାଖାପାଖି ୩୦୦ ଟି ନୂତନ ଶାଖା ଖୋଲିଛି। ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ଏସ୍ଏମ୍ଏଫ୍‌ଜି ଇଣ୍ଡିଆ କ୍ରେଡିଟ୍‌ର ସିଇଓ ତଥା ଏମ୍‌ଡି ଶାନ୍ତନୁ ମିତ୍ର କହିଲେ, "ଆମର ୧୦୦୦ତମ ଶାଖାର ଉଦ୍ଘାଟନ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଟ୍ ଯାହା ସମଗ୍ର ଭାରତର ଲୋକଙ୍କୁ ଆନୁଷ୍ଠାନିକ ଋଣ ପ୍ରଦାନ ଏବଂ ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ହାସଲ କରିବାରେ ସାହାଯ୍ୟ କରିବା ପାଇଁ ଆମର ଗଭୀର ପ୍ରତିବଦ୍ଧତାକୁ ଦର୍ଶାଏ ।

# ସୌର ଶକ୍ତିର ବ୍ୟାପକ ବ୍ୟବହାରକୁ ପ୍ରୋତ୍ସାହିତ କରିବାକୁ ଟିପିଏସ୍ଓଡିଏଲ୍ ପକ୍ଷରୁ ଗଣ ସଚେତନତା

**ବ୍ରହ୍ମପୁର,୩।୯ (ମହାଭାରତ):**ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ପକ୍ଷରୁ ସମଗ୍ର ଦକ୍ଷିଣ ଓଡ଼ିଶାରେ ସୌର ଶକ୍ତି ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ଦକ୍ଷିଣ ଓଡ଼ିଶାର ପ୍ରଚୁର ସୌର ସମ୍ପଦକୁ ଉପଯୋଗ କରିବା ସହ ସୌର ଶକ୍ତିକୁ ଆପଣାଇବା ନେଇ ଲକ୍ଷ୍ୟ ରହିଛି। ଓଡ଼ିଶାର ଅକ୍ଷୟ ଶକ୍ତି ନୀତି ଆଧାରରେ ନିଆଯାଇଥିବା ଏହି ପଦକ୍ଷେପ ପିଏମ୍ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନାକୁ ପ୍ରୋତ୍ସାହିତ କରିବା ସହ ସ୍ଥାୟୀ ଶକ୍ତି ସମାଧାନ ଦିଗରେ ଟାଟା ପାୱାରର ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଅଭିଯାନ ଜନ ସାଧାରଣ ଏବଂ ବାଣିଜ୍ୟିକ ଓ ଶିଳ୍ପ (ସି ଆଣ୍ଡ ଆଇ) ଗ୍ରାହକମାନଙ୍କୁ ସୌର ଶକ୍ତିର ଲାଭ ଏବଂ ଉପଲବ୍ଧ ସବସିଡି ବିଷୟରେ ଜଣାଇବାକୁ ପ୍ରୟାସ କରୁଛି। ଏହି ଅଭିଯାନର ପ୍ରମୁଖ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ କେନ୍ଦ୍ରୀୟ ଆର୍ଥିକ ସହାୟତା (ସିଏଫ୍ଏ) କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେବା ପାଇଁ ବ୍ୟବସ୍ଥା ରହିଛି, ଯାହା ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ ଉପରେ ୪୦% ପର୍ଯ୍ୟନ୍ତ ସବସିଡି ପ୍ରଦାନ କରେ ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ



**ଚୌଦ୍ୱାର,(ନିପ୍ର):** ସ୍ଥାନୀୟ ଜନସେବକ ହସପିଟାଲ ତରଫରୁ ଏକ ସ୍ୱେଚ୍ଛକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ହସପିଟାଲର ମୁଖ୍ୟ ଡା. ଅକତର ହୋସେନ୍ ଖାନ୍‌ଙ୍କ ପରିଚାଳନାରେ ହସପିଟାଲର ମଙ୍ଗୁଳି ସ୍ଥିତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ୩୫ ଜଣ ଯୁବକ ଯୁବତୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। କଟକ ରେଡ଼କ୍ରସ୍ ରକ୍ତ ଭଣ୍ଡାରର କର୍ମକର୍ତ୍ତା ମାନେ ରକ୍ତ ସଂଗ୍ରହ କରିଥିଲେ। ଡା. ଦୀପକ ସ୍ୱାଇଁ, ଡା. ବିପ୍ଳବୀ ଦାସ, ସୀତାରା ବେଗମ୍, ସେକ୍ ରେହାନ୍, ରଫିକ୍ ଖାନ୍, ସଫିକ୍ ଖାନ୍, ଇଦ୍ରିଶ ବେଗ୍, ଶୁଭାଶିଷ ସାହୁ ପ୍ରମୁଖ ଶିବିର ପରିଚଳନା କରିଥିଲେ।

# ଲର୍ଡ୍ସରେ ଡବ୍ଲ୍ୟୁଟିସି ଫାଇନାଲ



ଦୁବାଇ,୩୧୯: ବିଶ୍ୱ ଟେଷ୍ଟ ଚାମ୍ପିୟନଶିପର ଫାଇନାଲ ମ୍ୟାଚ୍ ପାଇଁ ଆଜି ଭେନ୍ୟୁ ଘୋଷଣା କରିଛି ଆଇସିସି। ଡବ୍ଲ୍ୟୁଟିସିର ତୃତୀୟ ସଂସ୍କରଣର ଫାଇନାଲ ଇଂଲଣ୍ଡର ଐତିହାସିକ ଲର୍ଡସରେ ଖେଳାଯିବ। ଫାଇନାଲ ମ୍ୟାଚ୍‌ଟି ଆସନ୍ତାବର୍ଷ ଜୁନ ୧୧ରୁ ୧୫ ଯାଏ ଚାଲିବ ଫାଇନାଲ ପାଇଁ ୧୬ ଜୁନକୁ ସଂରକ୍ଷିତ ଦିବସ ଭାବେ ରଖାଯାଇଛି। ଆଇସିସି ପକ୍ଷରୁ କୁହାଯାଇଛି ଯେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଖୁବଶୀଘ୍ର କ୍ରିକେଟିଂ କ୍ୟାଲେଣ୍ଡରର ବହୁପ୍ରତିକ୍ଷୀତ ଇଭେଣ୍ଟରେ ପରିଣତ ହୋଇଯାଇଛି। ଆମେ ଆଜି ୨୦୨୪ ସଂସ୍କରଣର ଫାଇନାଲ ତାରିଖ ଘୋଷଣା କରୁଛୁ ଜୁନ ୧୧ରୁ ୧୫ ଯାଏ ଫାଇନାଲ ଲର୍ଡସ ଖେଳାଯିବ ବୋଲି ଆଇସିସି ବିବୃତିରେ କୁହାଯାଇଛି। ପ୍ରଥମଥର ପାଇଁ ଐତିହାସିକ ଲର୍ଡସରେ ଫାଇନାଲ ଖେଳ ହେବାକୁ ଯାଉଛି।

୨୦୨୧ରେ ସାଉଥାମ୍ପଟନ ଓ ୨୦୨୩ରେ ଓଭାଲରେ ଫାଇନାଲ ଖେଳାଯାଇଥିଲା। ଉଭୟ ଫାଇନାଲରେ ଭାରତୀୟ ଟିମ ନଜର ଆସିଥିଲା କିନ୍ତୁ ୨୦୨୧ରେ ଦଳକୁ ନ୍ୟୁଜିଲ୍ୟାଣ୍ଡଠାରୁ ଓ ୨୦୨୩ରେ ଦଳ ଅଷ୍ଟ୍ରେଲିଆ ଠାରୁ ଫାଇନାଲରେ ହାରିବାକୁ ପଡ଼ିଥିଲା।

୨୦୨୫ ସଂସ୍କରଣର ଫାଇନାଲରେ ମଧ୍ୟ ରୋହିତ ଶର୍ମାଙ୍କ ଟିମ ଇଣ୍ଡିଆ ନଜର ଆସିବାର ଯଥେଷ୍ଟ ସମ୍ଭାବନା ରହିଛି। ଭାରତ ଏବେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନରେ ରହିଛି। ଦ୍ୱିତୀୟ ସ୍ଥାନରେ ଅଷ୍ଟ୍ରେଲିଆ ରହିଥିବା ବେଳେ ଦୁଇ ଦଳ ଚଳିତ ବର୍ଷ ଶେଷ ଭାଗରେ ୫ଟିକିଆ ଟେଷ୍ଟ ସିରିଜ ଖେଳିବେ ଏହି ସିରିଜ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବ।

ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ନ୍ୟୁଜିଲ୍ୟାଣ୍ଡ, ୪ର୍ଥରେ ଇଂଲଣ୍ଡ, ୫ମରେ ଶ୍ରୀଲଙ୍କା, ୬ଷ୍ଠରେ ଦକ୍ଷିଣ ଆଫ୍ରିକା ଓ ୭ମରେ ବାଂଲାଦେଶ ରହିଛି ବାଂଲାଦେଶ ଠାରୁ ୦-୨ରେ ହାରିବା ପରେ ପାକିସ୍ତାନ ୮ମ ସ୍ଥାନକୁ ଖସି ଯାଇଛି।

# ଭାରତକୁ ଆଉ ଏକ ବ୍ରୋଞ୍ଜ

**ପ୍ୟାରିସ,୩୧୯(ଏଜେନ୍ସି):** ପାରା ଅଲିମ୍ପିକ୍ସର ଦୌଡ଼କୁଦରୁ ଭାରତକୁ ଆଉ ଏକ ବ୍ରୋଞ୍ଜ ପଦକ ମିଳିଛି। ଭାରତର ଦୀପ୍ତି ଜୀବନଜୀ ୪୦୦ ମିଟର ଟି୨୦ ଫାଇନାଲରେ ଦେଶ ପାଇଁ ଏହି ସଫଳତା ଆଣିଛନ୍ତି। ଦୀପ୍ତିଙ୍କ ସଫଳତାକୁ ମିଶାଇ ପ୍ୟାରିସ ପାରା ଅଲିମ୍ପିକ୍ସରେ ଭାରତର ପଦକ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି। ସୋମବାର ଭାରତ ଗୋଟିଏ ଦିନରେ ୮ଟି ପଦକ ଜିତି ରେକର୍ଡ କରିଥିଲା ଏଥିରେ ୨ଟି ସ୍ୱର୍ଣ୍ଣ ରହିଥିଲା।ଦୀପ୍ତି ୫୫.୮୨ ସେକେଣ୍ଡରେ ୪୦୦ ମିଟର ଦୂରତା ଅତିକ୍ରମ କରି ତୃତୀୟ ସ୍ଥାନରେ ରହିବାକୁ ସକ୍ଷମ ହୋଇଛନ୍ତି। ଏହି ଇଭେଣ୍ଟରେ ୟୁକ୍ରେନର ଶୁଲିଆର ସ୍ୱର୍ଣ୍ଣ ଓ ତୁର୍କୀର ଆୟସେଲ ଓଣ୍ଡେର ରୌପ୍ୟ ପଦକ କବଜା କରିଛନ୍ତି। ଦୀପ୍ତିଙ୍କ ଠାରୁ ଭାରତ ସ୍ୱର୍ଣ୍ଣ ପଦକର ଆଶା ରଖିଥିଲେ ହେଁ ବ୍ରୋଞ୍ଜରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସେ ଯୋଗ୍ୟତା ପର୍ଯ୍ୟାୟର ହିଟ୍ ୧ରେ ଭାଗ ନେଇ ୧ ନଂ ସ୍ଥାନରେ ରହିଥିଲେ। ତାଙ୍କ ଟାଇମିଂ ୫୫.୪୫ ସେକେଣ୍ଡ ରହିଥିଲା ହେଲେ ଆଜି ରେସ ଶେଷ କରିବାକୁ ତାଙ୍କୁ ୫୫.୮୨ ସେକେଣ୍ଡ ଲାଗିଛି।

# ୫ମ ଦିନରେ ରେକର୍ଡ ପଦକ

ପ୍ୟାରିସ,୩୧୯: ପ୍ୟାରିସ୍ ପାରାଅଲିମ୍ପିକ୍ସରେ ମେଡାଲ୍ ବର୍ଷା। ଭାରତ ପାଇଁ ଐତିହାସିକ ଦିନ। ଗୋଟିଏ ଦିନରେ ମିଳିଲା ୨ଟି ସ୍ୱର୍ଣ୍ଣ ସହ ୮ଟି ମେଡାଲ୍। ଅଲିମ୍ପିକ୍ସ ଏବଂ ପାରାଅଲିମ୍ପିକ୍ସ ଇତିହାସରେ ପ୍ରଥମ ଥର ଲାଗି ଭାରତକୁ ଏଭଳି ସଫଳତା ମିଳିଛି।ପାରାଅଲିମ୍ପିକ୍ସ ପଞ୍ଚମ ଦିନରେ ଭାରତକୁ ୨ଟି ସବର୍ଣ୍ଣ, ୩ଟି ରୌପ୍ୟ ଏବଂ ୩ଟି ବ୍ରୋଞ୍ଜ ମେଡାଲ୍ ମିଳିଛି।ଏଥିସହ ଚଳିତ ଅଲିମ୍ପିକ୍ସରେ ଭାରତର ମେଡାଲ୍ ସଂଖ୍ୟା ୧୫ରେ ପହଞ୍ଚିଛି।

ମୋଟ ୩ଟି ଗୋଲ୍ଡ, ୫ଟି ସିଲଭର ଏବଂ ୭ ବ୍ରୋଞ୍ଜ ପଦକ ସହ ମେଡାଲ୍ ଟାଲିରେ ୧୫ ତମ ସ୍ଥାନରେ ରହିଛି।ଭାରତ ଯୋଗେଶ କାଠୁନିଆରୌପ୍ୟ ଜିତି ପଞ୍ଚମ ଦିନରେ ମେଡାଲର ଶୁଭାରମ୍ଭ କରିଥିବା ବେଳେ ବ୍ରୋଞ୍ଜ ଜିତି ଦିନର ଶେଷ କରିଥିଲେ ନିତ୍ୟା ଶ୍ରୀ।

ଭାରତ ପକ୍ଷରୁ ପଞ୍ଚମ ଦିନରେ ସୁମିତ ଅନ୍ତିଲ ଓ ନୀତେଶ କୁମାର ଗୋଲ୍ଡ ଜିତିଛନ୍ତି। ପାରାଲିମ୍ପିକ୍ସରେ ସୁମିତ ଜାଭେଲିନ୍ ଥ୍ରୋରେ ରେକର୍ଡ ୭୦.୫୯ ମିଟର ଫିଙ୍ଗି ହାତେଇଛନ୍ତି ସ୍ୱର୍ଣ୍ଣ ପଦକ। ସେହିପରି ବ୍ୟାଡମିଣ୍ଟନ ସିଙ୍ଗଲ୍ସ ଏସଏଲ-୩ କ୍ୟାଟେଗୋରୀରେ ସ୍ୱର୍ଣ୍ଣ ଜିତିଛନ୍ତି ନୀତେଶ କୁମାର।




ପୁରୁଷ ଏସଏଲ-୪ କ୍ୟାଟେଗୋରୀରେ ଭାରତର ସୁହାସ ୟଥିରାଜ୍ ଜିତିଛନ୍ତି ସିଲଭର୍ ମେଡାଲ୍ ୨୦୨୧ରେ ବି ସେ ରୌପ୍ୟ ପଦକ ଜିତିଥିଲେ ମହିଳା ସିଙ୍ଗଲ୍ସ ଏସ୍‌ୟୁ -୫ ବର୍ଗରେ ମହିଳା ସଟଲର୍ ଟି.ମୁରୁଗେସନ୍ ରୌପ୍ୟ ଜିତିଥିବା ବେଳେ ମନୀଷା ରାମାଦାସଙ୍କୁ ବ୍ରୋଞ୍ଜ ପଦକ ମିଳିଛି।

ପଞ୍ଚମ ଦିନରେ ଡିସକସ୍ ଥ୍ରୋ ଏଫ-୫୬ ଇଭେଣ୍ଟରେ ଭାରତର ଯୋଗେଶ କାଠୁନିଆ। ରୌପ୍ୟ ପଦକ ଜିତିଛନ୍ତି।୨୯ ବର୍ଷୀୟ ଯୋଗେଶ ୪୨.୨୨ ମିଟର ଫୋପାଡି ଭାରତ ପାଇଁ ପଦକ ଜିତିଛନ୍ତି।ସେହିପରି ତୀରନ୍ଦାଜୀ ମିକ୍ସଡ ଇଭେଣ୍ଟରେ ରାକେଶ ଓ ଶୀତଲଙ୍କୁ ବ୍ରୋଞ୍ଜ ପଦକ ମିଳିଛି। ଆଉ ପଞ୍ଚମ ଦିନର ଶେଷରେ ମହିଳା ସଟଲର ନିତ୍ୟାଶ୍ରୀ ବ୍ରୋଞ୍ଜ ହାତେଇଛନ୍ତି ନିତ୍ୟା ମହିଳା ସିଙ୍ଗଲ୍ସ ବ୍ୟାଡମିଣ୍ଟନ ଏସଏଚ-୬ ବର୍ଗରେ ପ୍ରତିଯୋଗିତା କରୁଥିଲେ। ଆଜି ମଧ୍ୟ ଭାରତୀୟ ଆଥଲେଟ୍‌ମାନେ ପଦକ ସଂଖ୍ୟା ଆହୁରି ବଢ଼ାଇବା ଆଶା କରାଯାଉଛି।

# ପାକିସ୍ତାନ ହରାଇ ବାଂଲାଦେଶର ଐତିହାସିକ ସିରିଜ ବିଜୟ

ଇସଲାମାବାଦ,୩୧୯(ଏଜେନ୍ସି): ଘରୋଇ ପରିବେଶରେ ମାଟି କାମୁଡ଼ିଛି ପାକିସ୍ତାନ। ଷ୍ଟାର ଖଚିତ ପାକିସ୍ତାନକୁ ତାରି ମାଟିରେ ଧୂଳି ଚଟାଇ ଇତିହାସ ରଚିଛି। ବାଂଲାଦେଶ ପ୍ରଥମଥର ପାଇଁ ପାକିସ୍ତାନ ବିପକ୍ଷରେ କୌଣସି ଟେଷ୍ଟ ସିରିଜ ଜିତିବାକୁ ସକ୍ଷମ ହୋଇଛି ବାଂଲା ଟାଇଗର।

ଦଳ ପାକିସ୍ତାନର ରାୱଲପିଣ୍ଡିରେ କେବଳ ମ୍ୟାଚ୍ ଜିତି ନାହିଁ, ବରଂ ଟେଷ୍ଟ ସିରିଜକୁ ୨-୦ରେ କ୍ଲିନ ସୁଇପ୍ କରିଛି। ଦ୍ୱିତୀୟ ଟେଷ୍ଟରେ ଭ୍ରମଣକାରୀ ଦଳ ୬ ୱିକେଟରେ ପାକିସ୍ତାନକୁ ହରାଇ ଦେଇଛି ଚୌକା ମାରି ଅଭିଜ୍ଞ ସାକିବ ଅଲ ହାସନ ବାଂଲାଦେଶ ଭେଟି ଦେଇଛନ୍ତି ଐତିହାସିକ ସଫଳତା।

ବାଂଲାଦେଶ ଦ୍ୱିତୀୟ ଟେଷ୍ଟକୁ ୬ ୱିକେଟରେ ଜିତିଥିବା ବେଳେ ପ୍ରଥମ ଟେଷ୍ଟରେ ଦଳ ୧୦ ୱିକେଟରେ ବିଜୟ ହୋଇଥିଲା ପାକିସ୍ତାନ ବିପକ୍ଷରେ ଦଳ ଏଯାଏ ୧୫ଟି ଟେଷ୍ଟ ଖେଳିଥିବା ବେଳେ ୧୨ଟିରେ ହାରିଛି ୨ଟି ଜିତିଛି ଓ ଗୋଟିଏ ମ୍ୟାଚ୍ ଡ୍ର ରହିଛି। ବାଂଲାଦେଶ ତୃତୀୟ ଥର ପାଇଁ ବିଦେଶ ମାଟିରେ କୌଣସି ଟେଷ୍ଟ ସିରିଜ ଜିତିବାରକୁ ସକ୍ଷମ ହୋଇଛି।୨୦୦୯ରେ ଦଳ ୱେଷ୍ଟଇଣ୍ଡିଜକୁ ତାରି ମାଟିରେ ୨-୦ରେ ହରାଇଥିଲା ସେହିପରି ୨୦୨୧ରେ ଜିମ୍ବାଵେ ବିପକ୍ଷରେ ବାଂଲାଦେଶ ୧-୦ରେ ଟେଷ୍ଟ ସିରିଜ କବଜା କରିଥିଲା। ଏବେ ପାକିସ୍ତାନକୁ ଦଳ ୨-୦ରେ ହରାଇ ଦେଇଛି।




## ଦ୍ୱିତୀୟ ଟେଷ୍ଟରେ ବାଂଲାଦେଶ ୬ ୱିକେଟରେ ବିଜୟୀ, ୨-୦ରେ କ୍ଲିନସୁଇପ୍

ଏହାବାଦ ବିଦେଶ ମାଟିରେ ଏହା ବାଂଲାଦେଶର ୮ମ ଟେଷ୍ଟ ମ୍ୟାଚ୍ ବିଜୟ ଦଳ ୱେଷ୍ଟଇଣ୍ଡିଜ, ଜିମ୍ବାୱେ ଓ ପାକିସ୍ତାନକୁ ୨ଟି ଲେଖାଏ ମ୍ୟାଚ୍‌ରେ ହରାଇଛି।ସେହିପରି ଶ୍ରୀଲଙ୍କା ଓ ନ୍ୟୁଜିଲ୍ୟାଣ୍ଡକୁ ମଧ୍ୟ ଦଳ ଥରେ ଲେଖାଏ ହରାଇବାକୁ ସକ୍ଷମ ହୋଇଥିଲେ।

ଅନ୍ୟପକ୍ଷରେ ଦ୍ୱିତୀୟ ଥର ପାଇଁ ପାକିସ୍ତାନ ଘରୋଇ ମାଟିରେ କୌଣସି ଟେଷ୍ଟ ସିରିଜରେ ଗୋଟିଏ ବି ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇନାହିଁ ୨୦୨୨/୨୩ରେ ପାକିସ୍ତାନକୁ ୦-୩ରେ ଇଂଲଣ୍ଡ ହରାଇଥିଲା।

ଦ୍ୱିତୀୟ ଟେଷ୍ଟ କଥା ବିଚାରକୁ ନେଲେ ବର୍ଷା ଯୋଗୁ ପ୍ରଥମ ଦିନର ଖେଳ ବାତିଲ ହୋଇଯାଇଥିଲା। ତେବେ ଦ୍ୱିତୀୟ ଦିନରେ ବାଂଲାଦେଶ ଅଧିନାୟକ ନଜମୁଲ ହୁସେନ ସାଣ୍ଟୋ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲେ ପାକିସ୍ତାନ ସାମି ଆୟୁବଙ୍କ ୫୮, ଅଧିନାୟକ ଶାନ ମସୁଦଙ୍କ ୫୭ ଓ ସଲମାନ ଆଘାଙ୍କ ୫୪ ରନ ବଳରେ ସମସ୍ତ ୱିକେଟ ହରାଇ ପ୍ରଥମ ଇନିଂସରେ ୨୭୪ ରନ କରିଥିଲା। ବାଂଲାଦେଶ ତାର ପ୍ରଥମ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏପରି କି ଦଳ ୨୬ ରନରେ ୬ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା ହେଲେ ଲିଟନ ଦାସ (୧୩୮ ରନ) ଓ ମେହିଦ ହାସନ ମିରାଜଙ୍କ ୭୮ ରନ ବଳରେ ବାଂଲାଦେଶ ୨୬୨ ରନ କରି ନେଇଥିଲା ଫଳରେ ପାକିସ୍ତାନକୁ ୧୨ ରନର ଲିଡ ମିଳିଥିଲା।

ଦ୍ୱିତୀୟ ଇନିଂସରେ ପାକିସ୍ତାନ ଆଖି ଦୃଶିଆ। ପ୍ରଦର୍ଶନ କରି ପାରି ନଥିଲା ସଲମାନ ଆଘା ଅପରାଜିତ ୪୭ ରନ କରିଥିଲେ ହେଁ ପୂରା ଦଳ ୧୭୨ ରନରେ ଅଲଆଉଟ ହୋଇଯାଇଥିଲା। ଫଳରେ ବାଂଲାଦେଶକୁ ଐତିହାସିକ ସିରିଜ ବିଜୟ ପାଇଁ ୧୮୫ ରନର ଟାର୍ଗେଟ ମିଳିଥିଲା।ଏହାକୁ ବାଂଲାଦେଶ ୪ ୱିକେଟ ହରାଇ ହାସଲ କରି ନେଇଛି। ଏଥିସହ ଟେଷ୍ଟ ସିରିଜକୁ ୨-୦ରେ କବଜା କରିଛି।

# ଅବସର ନେବେ ସାଇନା !

## ଦୀର୍ଘ ଦିନ ଧରି ଆଣ୍ଠୁ ସମସ୍ୟାରେ ପଡ଼ିଛନ୍ତି

ନୂଆଦିଲ୍ଲୀ,୩୧୯ ଅଲିମ୍ପିକ୍ସ କାଂସ୍ୟ ପଦକ ବିଜୟିନୀ ପ୍ରଥମ ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ତାରକା ସାଇନା ନେହାଲ ଚଳିତ ବର୍ଷ ଶେଷ ସୁଦ୍ଧା ଅବସର ବିଷୟରେ ଘୋଷଣା କରିପାରନ୍ତି। ଏବେ ସେ ଆର୍ଥ୍ରାଇଟିସ୍ ରୋଗରେ ପୀଡ଼ିତ ଥିବାରୁ ଭବିଷ୍ୟତ ସଂକ୍ରାନ୍ତରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି ଅଲିମ୍ପିଆନ୍ ଗଗନ ନାରଙ୍ଗଙ୍କ ସହିତ ହୋଇଥିବା ଏକ ପଡ୍‌କାଷ୍ଟରେ କହିଛନ୍ତି ସାଇନା ପ୍ରଥମ ବ୍ୟାଡ୍‌ମିଣ୍ଟନ୍ ଖେଳାଳି ଭାବେ ଲଣ୍ଡନ୍ ଅଲିମ୍ପିକ୍ସରେ ପଦକ ଜିତିଥିଲେ ଅଲିମ୍ପିକ୍ସର ତିନୋଟି ସଂସ୍କରଣରେ ଭାଗ ନେଇସାରିଥିବା ସାଇନା ଗତ କିଛି ବର୍ଷ ହେବ ଆହତ ଜନିତ ସମସ୍ୟାରେ ପଡ଼ିଛନ୍ତି। ସେ କହିଛନ୍ତି, ତାଙ୍କ ଆଣ୍ଠୁ ଭଲ ନାହିଁ।ମୋତେ ଆର୍ଥ୍ରାଇଟିସ୍ ହୋଇଛି। ତେଣୁ ଦିନକୁ ୮ରୁ ୯ ଘଣ୍ଟା ପର୍ଯ୍ୟନ୍ତ ଅଭ୍ୟାସ କରିବା ଆଉ ସମ୍ଭବ ହେଉନି। ଏଭଳି ସ୍ଥିତିରେ ବିଶ୍ୱର ଶ୍ରେଷ୍ଠ ଖେଳାଳିଙ୍କୁ ଚ୍ୟାଲେଞ୍ଜ ଦେବା ସମ୍ଭବ ହେବନି। ଏବେ ପାଖାପାଖି ଦୁଇ ଘଣ୍ଟା ପର୍ଯ୍ୟନ୍ତ ଅଭ୍ୟାସ କରିବା କଷ୍ଟକର ହୋଇଯାଉଛି।ତେଣୁ ମୁଁ ଆଉ ମ୍ୟାଚ୍ ଫିଟ୍ ନାହିଁ ବୋଲି ଗ୍ରହଣ କରିବାକୁ ପଡ଼ିବ ବୋଲି ସାଇନା ପ୍ରକାଶ କରିଛନ୍ତି।



ସାଇନା ଶେଷ ଥର ପାଇଁ ଗତବର୍ଷ ସିଙ୍ଗାପୁର ଓପନ୍‌ରେ ଖେଳିଥିଲେ। ଯେଉଁଥିରେ ପ୍ରଥମ ରାଉଣ୍ଡରେ ସେ ପରାସ୍ତ ହୋଇ ବିଦାୟ ନେଇଥିଲେ। ଏଭଳି ସମୟରେ ଅବସର ନେଲେ ଦୁଃଖ ଲାଗିବ ବୋଲି ସେ କହିଛନ୍ତି। ତାଙ୍କ ମତରେ, କ୍ରୀଡ଼ାବିତଙ୍କ କ୍ୟାରିୟର ବହୁତ୍ କମ୍ ସମୟ ରହିଥାଏ। ୯ ବର୍ଷ ବୟସରୁ ଖେଳିବା ଆରମ୍ଭ କରିଥିଲି, ଆସନ୍ତା ବର୍ଷ ୩୫ ବର୍ଷ ବୟସ ହୋଇଯିବ। ବହୁତ ଲମ୍ବା ସମୟ ଧରି ଖେଳିଥିବାରୁ ମୁଁ ଏଥିପାଇଁ ଗର୍ବିତ। ଚଳିତ ବର୍ଷ ଶେଷ ଆଡ଼କୁ ନିଜ ଶରୀରର ସ୍ଥିତିକୁ ନେଇ ସମୀକ୍ଷା କରିବି ବୋଲି ସେ କହିଛନ୍ତି।ସାଇନା ଏବେ ବିଜେପିର ଜଣେ ସଦସ୍ୟ ଥିବା ବେଳେ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ପୁରସ୍କାର ମଧ୍ୟ ପାଇଛନ୍ତି। ଅନ୍ୟତମ ବ୍ୟାଡ୍‌ମିଣ୍ଟନ୍ ତାରକା ପୁରୁପାଲି କାଶ୍ୟପଙ୍କୁ ସେ ବିବାହ କରିଛନ୍ତି।

# ଚାମ୍ପିଅନ୍ସ ଟ୍ରଫି : ନିରପେକ୍ଷ ସ୍ଥାନରେ ଖେଳିବାକୁ ବିସିସିଆଇର ଉଦ୍ୟମ

ନୂଆଦିଲ୍ଲୀ,୩୧୯: ଆଇସିସି ଚାମ୍ପିଅନ୍ସ ଟ୍ରଫି ୨୦୨୫ ଟୁର୍ନାମେଣ୍ଟର ତାରିଖ ସ୍ଥିର ହୋଇଥିଲେ ମଧ୍ୟ ଟିମ ଇଣ୍ଡିଆ। ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଗସ୍ତ କରିବ କି ନାହିଁ ତାହା ଏପର୍ଯ୍ୟନ୍ତ ନିଶ୍ଚିତ ହୋଇନାହିଁ। ବିସିସିଆଇର ସଚିବ ଦାୟିତ୍ୱ ତୁଲାଇଥିବା ଜୟ ଶାହା ଆଇସିସିର ଅଧ୍ୟକ୍ଷ ହୋଇଛନ୍ତି ଚାମ୍ପିଅନ୍ସ ଟ୍ରଫି ସମସ୍ୟାର ସମାଧାନ କରିବା ସେମାନଙ୍କ ପାଇଁ ବହୁତ କଷ୍ଟସାଧ ହୋଇପାରେ




ଡିସେମ୍ବର ୧ରୁ ଜୟ ଶାହା ଆଇସିସିଏସ ଚେୟାରମ୍ୟାନ ଭାବରେ ଦାୟିତ୍ୱ ଗ୍ରହଣ କରିବେ। ଜୟ ଶାହା ଆଇସିସି ଚେୟାରମ୍ୟାନ ହେବା ପରେ ଟିମ ଇଣ୍ଡିଆ। ଚାମ୍ପିଅନ୍ସ ଟ୍ରଫି ପାଇଁ ପାକିସ୍ତାନ ଯିବ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ତେବେ ସେପଟେ ବିସିସିଆଇ ଅଧିକାରୀ ଏହା ତାଙ୍କ ହାତରେ ନାହିଁ ବୋଲି ପ୍ରକାଶ କରିଛନ୍ତି ସରକାର ଏହି ବିଷୟରେ ନିଷ୍ପତ୍ତି ନେବେ ଅଧିକାରୀ ଏହା ମଧ୍ୟ କହିଛନ୍ତି, ଜୟ ଶାହାଙ୍କ ପାଇଁ ଏହା ଏକ କଷ୍ଟସାଧ କାର୍ଯ୍ୟ ହେବ। ବିସିସିଆଇ ଅଧିକାରୀ ସୂଚନା ଦେଇ କହିଛନ୍ତି, ଚାମ୍ପିଅନ୍ସ ଟ୍ରଫି ସମ୍ପର୍କରେ କୌଣସି ଆଲୋଚନା ହୋଇନାହିଁ ଆମର ଷ୍ଟାଣ୍ଡ ସ୍ପଷ୍ଟ ହୋଇଛି। ସରକାର ଯାହା କହିବେ ଆମେ ତାହା କରିବୁ ମୁଁ ବୁଝିପାରୁଛି ଯେ ଜୟ ଶାହାଙ୍କ ପାଇଁ ଏହା ଏକ କଷ୍ଟସାଧ କାର୍ଯ୍ୟ ହେବ। କାରଣ ସେ ଆଇସିସିର ମୁଖ୍ୟ ହେବେ। କିନ୍ତୁ ସେ ସବୁକିଛି ବୁଝନ୍ତି ଏବଂ ଆମେ ଆଶା କରୁଛୁ ଯେ ଆଇସିସି ମୁଖ୍ୟ ଭାବରେ ତାଙ୍କୁ ତାଙ୍କ ପିତା ଏବଂ ସରକାରଙ୍କ ଆଭିମୁଖ୍ୟ ବଦଳାଇବାକୁ ପଡ଼ିବ।

ଅଧିକାରୀ ଆହୁରି ମଧ୍ୟ କହିଛନ୍ତି, ଆଇସିସି ପାଇଁ ଭାରତ ବିନା ଟୁର୍ନାମେଣ୍ଟ ଆୟୋଜନ କରିବା କଷ୍ଟକର ହେବ। ଆମେ ଚାହୁଁ ଇଭେଣ୍ଟ ଜାରି ରଖନ୍ତୁ। ଏହା କ୍ରିକେଟ ପାଇଁ ଭଲ, କିନ୍ତୁ ଆଭିମୁଖ୍ୟ ସ୍ପଷ୍ଟ। ଆମେ ଆଇସିସିକୁ ଭାରତ ଅନୁମତି ଦେବାକୁ କହି ସାରିଛୁ। ପାକିସ୍ତାନ ସହିତ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ଆମେ ମ୍ୟାଚଗୁଡ଼ିକୁ ନିରପେକ୍ଷ ସ୍ଥାନକୁ ସ୍ଥାନାନ୍ତର କରିବାକୁ ବିଚାର କରିବାକୁ କହିଛୁ, ଯଦି ଆମେ ଭାରତ ସରକାରଙ୍କ ଠାରୁ ସବୁଜ ସଙ୍କେତ ନ ପାଇଥାଉ, ତେବେ ଆମେ ଏହା ଜାରି ରଖିବୁ।

# ପାରାଲିମ୍ପିକ୍ସରେ ପୁଣି କମାଲ କଲେ ଆଇଏଏସ୍ ଅଧିକାରୀ

ନୂଆଦିଲ୍ଲୀ,୩୧୯: ନୋଏଡାର ପୂର୍ବତନ ଡିଏମ ସୁହାସ ଏଲୱାଇ ପୁଣି ଥରେ ଚର୍ଚ୍ଚାରେ ଅଛନ୍ତି। ସରକାରୀ ବିଭାଗ ପରି ସେ କ୍ରୀଡା କ୍ଷେତ୍ରରେ ମଧ୍ୟ ନିଜର ପ୍ରାଧାନ୍ୟ ପ୍ରତିଷ୍ଠା କରିବାରେ ସଫଳ ହୋଇଛନ୍ତି। ଉତ୍ତରପ୍ରଦେଶ କ୍ୟାଡରର ୨୦୦୭ ବ୍ୟାଚର ଅଧିକାରୀ ସୁହାସ ଏଲୱାଇ ପ୍ୟାରିସ ପାରାଲିମ୍ପିକ୍ସ ୨୦୨୪ରେ ଟୋକିଓର ପ୍ରଦର୍ଶନକୁ ପୁନରାବୃତ୍ତି କରିଛନ୍ତି। ସେ ପୁରୁଷ ଏକକ ଏସ୍‌ଏଲ୪ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ପାରାଲିମ୍ପିକ୍ସରେ ଲଗାତାର ଦୁଇଟି ପଦକ ଜିତିବାରେ ଭାରତର ପ୍ରଥମ ବ୍ୟାଡମିଣ୍ଟନ ଖେଳାଳି ହୋଇପାରିଛନ୍ତି ଆଇଏଏସ ସୁହାସ ଏଲୱାଇ।

ପାରାଲିମ୍ପିକ ପଦକ ଏବଂ ଅର୍ଜୁନ ପୁରସ୍କାର ହାସଲ କରିଥିବା ସୁହାସ ଏଲୱାଇ ହେଉଛନ୍ତି ଭାରତର ଏକମାତ୍ର ଆଇଏଏସ ଅଧିକାରୀ। ଯେତେବେଳେ ସୁହାସ ଆଜମଗଡର ଜିଲା ମାଜିଷ୍ଟ୍ରେଟ ଭାବରେ କାର୍ଯ୍ୟ କରୁଥିଲେ, ସେତେବେଳେ ସେ ୨୦୧୬ ଏସିଆନ ପାରା ବ୍ୟାଡମିଣ୍ଟନ ଚାମ୍ପିୟନଶିପ ଫାଇନାଲରେ ଇଣ୍ଡୋନେସିଆର ହ୍ୟାରି ସୁସାନ୍ତୋଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଜିତିଥିଲେ। କିନ୍ତୁ ସୁହାସଙ୍କ ପାଇଁ ଏହି ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ସହଜ ନ ଥିଲା।



ଆଇଏଏସ୍ ସୁହାସ କର୍ଣ୍ଣାଟକର ଶିମୋଗାରେ ଜନ୍ମଗ୍ରହଣ କରିଥିଲେ। ପିଲାବେଳୁ ତାଙ୍କ ଗୋଡରେ ସମସ୍ୟା ଥିଲା। ପିଲାଦିନରୁ ସୁହାସ ଅଧ୍ୟୟନରେ ବହୁତ ସ୍ମାର୍ଟ ଥିଲେ। ସେ ନ୍ୟାଶନାଲ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ସୁରଥକାଲ (ଏନଆଇଟି ସୁରଥକାଲ)ରୁ କମ୍ପ୍ୟୁଟର ସାଇନ୍ସରେ ବି.ଟେକ କରିଛନ୍ତି। ସୁହାସ ୨୦୨୩ରୁ ଯୁବ କଲ୍ୟାଣ ଏବଂ ପ୍ରାନ୍ତିୟ ରାକ୍ଷକ ଦଳ ବିଭାଗର ସଚିବ ତଥା ମହାନିର୍ଦ୍ଦେଶକ ଅଟନ୍ତି।ସେ ଜଣେ ସେଲିବ୍ରିଟିଙ୍କଠାରୁ କମ ନୁହଁନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସାକ୍ଷାତ ସମୟରେ ଆଇଏଏସ ସୁହାସ ତାଙ୍କ ପିଲାଦିନର କାହାଣୀ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ଯେ ତାଙ୍କ ପିଲାଦିନରୁ ସେ ଦୂରଦର୍ଶନରେ ହମ ହୋଙ୍ଗେ କାମିୟାବ ଦେଖୁଥିଲେ ଏବଂ ଏହା ତାଙ୍କ ଜୀବନରେ ଅନେକ ପରିବର୍ତ୍ତନ ଆଣିଛି। ଯେତେବେଳେ ସେ ଗାଁରେ ପ୍ରାଥମିକ ଶିକ୍ଷା ଆରମ୍ଭ କରୁଥିଲେ, ସ୍କୁଲ ତାଙ୍କୁ ତିନିଥର ଆଡମିଶନ କରିବାକୁ ମନା କରିଦେଇଥିଲା। ପାରାଲିମ୍ପିକ୍ସ ୨୦୨୪ର ପହଞ୍ଚିବା ପାଇଁ ସେ ବହୁତ କଠିନ ପରିଶ୍ରମ କରିଛନ୍ତି। ଏହା ସହିତ ତାଙ୍କୁ ବ୍ୟକ୍ତିଗତ ଜୀବନରେ ମଧ୍ୟ ଅନେକ ବଳିଦାନ ଦେବାକୁ ପଡିଛି। ସେ ତାଙ୍କ ବ୍ୟକ୍ତିଗତ ଜୀବନର ଏକ ବଡ଼ ଅଂଶକୁ କ୍ରୀଡା ପାଇଁ ଉତ୍ସର୍ଗ କରିଛନ୍ତି। ସେ ଜଣେ ଉଜ୍ଜ୍ୱଳ ବ୍ୟାଡମିଣ୍ଟନ ଖେଳାଳି ଏବଂ ପ୍ରତ୍ୟେକ ମ୍ୟାଚରେ ଏହା ପ୍ରମାଣ କରନ୍ତି। ବି.ଟେକ ପରେ ସିଭିଲ ସର୍ଭିସ ପରୀକ୍ଷା ପାଇଁ ସୁହାସ ପ୍ରସ୍ତୁତି ଆରମ୍ଭ କରିଥିଲେ।୨୦୦୭ ସିଭିଲ ସର୍ଭିସ ପରୀକ୍ଷାରେ ସୁହାସ ୩୮୨ ର୍‍ୟାଙ୍କ୍ ପାଇଥିଲେ।

# ପୁଣି ବିବାଦୀୟ ବୟାନ ଦେଲେ ଯୁବରାଜଙ୍କ ବାପାଙ୍କ

ନୂଆଦିଲ୍ଲୀ: ଭାରତର ପୂର୍ବତନ କ୍ରିକେଟର ଯୁବରାଜ ସିଂଙ୍କ ପିତା ପୁଣି ଥରେ ବିବାଦରେ ଅଛନ୍ତି ଭାରତୀୟ କ୍ରିକେଟର ମହେନ୍ଦ୍ର ସିଂହ ଧୋନିଙ୍କ ବିଷୟରେ ବିବାଦୀୟ ବିବୃତି ଦେଇ ଚର୍ଚ୍ଚାକୁ ଆସିଥିବା ଯୋଗରାଜ ବର୍ତ୍ତମାନ କପିଲ ଦେବଙ୍କ ବିଷୟରେ ଦେଇଥିବା ବିବୃତିକୁ ନେଇ ବିବାଦରେ ଛନ୍ଦି ହୋଇଛନ୍ତି। ଯୋଗରାଜ ସିଂଙ୍କ ବିବୃତି ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ଯେଉଁଥିରେ ସେ କହୁଛନ୍ତି, ଆମ ସମୟର ସର୍ବଶ୍ରେଷ୍ଠ ଅଧିନାୟକ କପିଲ ଦେବ ... ମୁଁ ତାଙ୍କୁ କହିଥିଲି, ମୁଁ ଆପଣଙ୍କୁ ଏପରି ପରିସ୍ଥିତିରେ ଛାଡିଦେବି ଯେ ବିଶ୍ୱ ଆପଣଙ୍କ ଉପରେ ଛେପ ପକାଇବ। ଆଜି ଯୁବରାଜ ସିଂଙ୍କ ପାଖରେ ୧୩ଟି ଟ୍ରଫି ଅଛି, ଏବଂ ତାଙ୍କ ପାଖରେ କେବଳ ଗୋଟିଏ ବାସ୍ ଏଇଠି କଥା ଶେଷ। ଏହା ପୂର୍ବରୁ ଧୋନିଙ୍କୁ ଟାର୍ଗେଟ କରି ସେ କହିଥିଲେ, ମୁଁ ଏମଏସ ଧୋନିଙ୍କୁ କ୍ଷମା କରିବି ନାହିଁ ସେ ଦର୍ପଣରେ ତାଙ୍କ ମୁହଁକୁ ଦେଖିବା ଉଚିତ୍ ସେ ଜଣେ ବହୁତ ବଡ କ୍ରିକେଟର, କିନ୍ତୁ ମୋ ପୁଅ ବିରୋଧରେ ସେ ଯାହା କରିଛନ୍ତି, ତାହା ବର୍ତ୍ତମାନ ବାହାରକୁ ଆସୁଛି। ଏହାକୁ ଜୀବନରେ କେବେ କ୍ଷମା କରାଯାଇପାରିବ ନାହିଁ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ